RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-272 ◆TUESDAY ◆31 MARCH 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୭୨ ◆ମଙ୍ଗଳବାର ◆୩୧ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ବନ୍ଦ ହୋଇନି କାର୍ତ୍ତିକ୍‌ଙ୍କ 'କ୍ୟାପ୍ଟେନ୍ ଇଣ୍ଡିଆ'

▶ପୃଷ୍ଠା ୧୧ ଦେଖନ୍ତୁ...

■ ଯୁଦ୍ଧ ପ୍ରଭାବ: ଭାରତୀୟ ମୁଦ୍ରାର ଐତିହାସିକ ଅବମୂଲ୍ୟାୟନ

## ୧ ଡଲାର = ୯୫.୨୨ ଟଙ୍କା

**ମୋବାଇଲ, ସୁନା, ତେଲ, ବିଦେଶୀ ସାମଗ୍ରୀ ହେବ ମହଙ୍ଗା**

■ମୁମ୍ବଇ,୩୦।୩(ଏଜେନ୍ସି):ବଢ଼ିବାରେ ଲାଗିଛି ମଧ୍ୟ ପ୍ରାଚ୍ୟ ସଙ୍କଟ। ଏହାର ଏକ ବଡ଼ ପ୍ରଭାବ ଭାରତୀୟ ମୁଦ୍ରା 'ଟଙ୍କା' ଉପରେ ପଡିଛି। ଇରାନ ଯୁଦ୍ଧ ଯୋଗୁଁ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ଐତିହାସିକ ରେକର୍ଡ ହ୍ରାସ ଦେଖିବାକୁ ମିଳିଛି। ସୋମବାର କାରବାରରେ ପ୍ରଥମ ଥର ପାଇଁ ଟଙ୍କା ଏହାର ସର୍ବନିମ୍ନ ରେକର୍ଡ ସ୍ତର ୯୫ ଟଙ୍କା ଅତିକ୍ରମ କରିଛି।

ସୋମବାର କାରବାରରେ ଡଲାର ତୁଳନାରେ ଟଙ୍କା ୯୫.୨୨ ଟଙ୍କା ସ୍ତରକୁ ଖସିଆସିଥିବାବେଳେ ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସି ଏହା ୯୪.୭୮ ଟଙ୍କାରେ ବନ୍ଦ ହୋଇଛି। ଭାରତୀୟ ମୁଦ୍ରା ମୂଲ୍ୟରେ ହାସର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତେଲ ଦରରେ ବୃଦ୍ଧି। ଉପସାଗରୀୟ ଦେଶଗୁଡ଼ିକର ଶକ୍ତି ପ୍ରତିଷ୍ଠାନ ଉପରେ ଇରାନର ଆକ୍ରମଣ ପରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ୧୧୫ ଡଲାର ଅତିକ୍ରମ କରିଛି। ଭାରତ ଏହାର ତୈଳ ଆବଶ୍ୟକତାର ୮୫% ଆମଦାନୀ କରୁଛି, ଯାହା ପାଇଁ ତାକୁ ଡଲାରରେ ହିଁ ପେମେଣ୍ଟ ଦେବାକୁ ପଡୁଛି। ବର୍ଦ୍ଧିତ ତୈଳ ମୂଲ୍ୟ ଡଲାରର ଚାହିଦା ବୃଦ୍ଧି କରିଛି, ଯାହା ଟଙ୍କାର ବିନିମୟ ମୂଲ୍ୟକୁ ଦୁର୍ବଳ କରିଛି। ଏଭଳି ସ୍ଥିତିରେ ▶ପୃଷ୍ଠା-୭

■ ବିବାହିତ ନୌସେନା କର୍ମଚାରୀଙ୍କ ନାରକୀୟ କାଣ୍ଡ

## ପ୍ରେମିକାକୁ ଖଣ୍ଡ ଖଣ୍ଡ କରି ଫ୍ରିଜ୍‌ରେ ରଖିଲେ



■ବିଶାଖାପାଟନା,୩୦।୩(ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟନାରୁ ଏକ ଶିହରଣକାରୀ ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ଜଣେ ବିବାହିତ ନୌସେନା କର୍ମଚାରୀ ନିଜ ପ୍ରେମିକାକୁ ଅତି ନିର୍ମମ ଭାବେ ହତ୍ୟା କରିବା ପରେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ ପରି କାଟି ଫ୍ରିଜ୍‌ରେ ଲୁଚାଇ ରଖିଥିବା ଅଭିଯୋଗ ହୋଇଛି। ଭାରତୀୟ ନୌସେନା ଜାହାଜ (ଆଇଏନଏସ୍) ଦେଗାରେ କାର୍ଯ୍ୟରତ ଜଣେ ନୌସେନା କର୍ମଚାରୀ ଚନ୍ତାଡ଼ା ରବୀନ୍ଦ୍ର, ନିଜ ପତ୍ନୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ପ୍ରେମିକା ପୋଲିପଲ୍ଲୀ ମୌନିକାଙ୍କୁ ହତ୍ୟା କରିବା ପରେ ତାଙ୍କ ଶରୀରକୁ ଅତି ନିର୍ମମ ଭାବେ ଖଣ୍ଡ ଖଣ୍ଡ କରି କାଟି ଦେଇଛନ୍ତି। ୩୦ ବର୍ଷୀୟ ରବୀନ୍ଦ୍ର ୨୦୨୧ରେ 'ମିଙ୍ଗଲ' ନାମକ ଏକ ଡେଟିଂ ଆପ୍ ଜରିଆରେ ୩୧ ବର୍ଷୀୟା ମୌନିକାଙ୍କ ସହ ପରିଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ୨୦୨୪ରେ ରବୀନ୍ଦ୍ର ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ମୌନିକା ରବୀନ୍ଦ୍ରଙ୍କଠାରୁ ▶ପୃଷ୍ଠା-୭

**ମଧ୍ୟପ୍ରାଚ୍ୟ ଅଶାନ୍ତ**

## ସ୍ଥଳଯୁଦ୍ଧର ପଦଧ୍ୱନି



■ୱାଶିଂଟନ/ତେହରାନ,୩୦।୩(ଏଜେନ୍ସି): ପଶ୍ଚିମ ଏସିଆରେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଅତ୍ୟନ୍ତ ଜଟିଳ ହେବାରେ ଲାଗିଛି। ଆମେରିକା ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ ୫୭,୦୦୦ରୁ ଅଧିକ ସୈନ୍ୟ ମୁତୟନ କରିସାରିଛି। ଯାହାକି ୨୦୦୩ ମସିହା ପରଠାରୁ ବଡ଼ ସାମରିକ ଜମାବଟ ବା ମେଳି ବୋଲି କୁହାଯାଉଛି। ଇରାନ ବିରୋଧରେ ଏକ ସମ୍ଭାବ୍ୟ ସ୍ଥଳ ଆକ୍ରମଣ ପାଇଁ ଆମେରିକା ନିଜର ଶକ୍ତି ବୃଦ୍ଧି କରୁଥିବା ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି। ଗତ ସପ୍ତାହରେ ପ୍ରାୟ ୫,୦୦୦ ସୈନ୍ୟ

- ୫୭,୦୦୦ ସୈନ୍ୟ ପଠାଇଲା ଆମେରକା
- ୨୦୦୩ ପରେ ସବୁଠାରୁ ବଡ଼ ସେନା ମେଳି
- ନିଖୋଜ ୪୦୦ କେଜି ବିଶୁଦ୍ଧ ୟୁରାନିୟମ ଖୋଜିବ ଆମେରିକା

ପଶ୍ଚିମ ଏସିଆରେ ପହଞ୍ଚିଛନ୍ତି। ଆମେରିକା ପ୍ରତିରକ୍ଷା ବିଭାଗ ଆହୁରି ୧୦,୦୦୦ ସ୍ଥଳ ସୈନ୍ୟ ପଠାଇବାକୁ ଯୋଜନା କରୁଛି। ଆମେରିକାର ୮୨ତମ ଏୟାରବୋର୍ଣ୍ଣ ପାରାଟ୍ରୁପର୍ସ ଏବଂ ମେରାଇନ୍ ସୈନ୍ୟମାନେ ଇରାନର ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ନିକଟରେ ମୁତୟନ ହୋଇଛନ୍ତି। ଏହି ଦ୍ୱୀପଟି ଇରାନର ତୈଳ ଭଣ୍ଡାର ଏବଂ ରଣନୀତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ୨୦୨୫ ଜୁନ୍‌ରେ ଫୋର୍ଡୋ ପରମାଣୁ କେନ୍ଦ୍ରରେ ହୋଇଥିବା ବୋମାବାଡ଼ ପରେ ଇରାନରୁ ନିଖୋଜ ହୋଇଥିବା ପ୍ରାୟ ୪୦୦ କିଲୋଗ୍ରାମ ସମୃଦ୍ଧ ୟୁରାନିୟମ ଖୋଜିବା ପାଇଁ ଆମେରିକା ଏହି ସ୍ଥଳ ଅଭିଯାନ କରିପାରେ ବୋଲି ଅନୁମାନ କରାଯାଉଛି। ସେହିପରି ୟୁଏସ୍‌ଏସ୍ ତ୍ରିପୋଲି ଏବଂ ୟୁଏସ୍‌ଏସ୍ ▶ପୃଷ୍ଠା-୭

### ହାଇଫା ନୌସେନା ଘାଟି ଉପରେ ହିଜବୁଲ୍ଲାର ଭୟଙ୍କର ମିସାଇଲ ମାଡ଼

■ହାଇଫା,୩୦।୩(ଏଜେନ୍ସି): ଲେବନନର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲା ଦାବି କରିଛି ଯେ ସେମାନେ ଉତ୍ତର ଇସ୍ରାଏଲର ପ୍ରମୁଖ ସହର ହାଇଫାରେ ଥିବା ଏକ ନୌସେନା ଘାଟିକୁ ଟାର୍ଗେଟ କରିଛନ୍ତି। ଏହି ଆକ୍ରମଣ ପାଇଁ ସେମାନେ ଏକାଧିକ ଉନ୍ନତ ମାନର ମିସାଇଲ ବ୍ୟବହାର କରିଥିବା କହିଛନ୍ତି। ମିସାଇଲ ମାଡ଼ ପରେ ହାଇଫାସ୍ଥିତ ଏକ ତୈଳ ବିଶୋଧନାଗାରରେ ଭୟଙ୍କର ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଇସ୍ରାଏଲର ସାମରିକ ଶକ୍ତିକୁ ଦୁର୍ବଳ କରିବା ପାଇଁ ସେମାନେ ଏହି ଗୁରୁତ୍ୱପୂର୍ଣ୍ଣ ନୌସେନା ଘାଟିକୁ ଟାର୍ଗେଟ କରିଛନ୍ତି। ହାଇଫା ଇସ୍ରାଏଲର ଏକ ପ୍ରମୁଖ ବାଣିଜ୍ୟିକ ଓ ସାମରିକ ବନ୍ଦର ସହର। ଇସ୍ରାଏଲର ସାମରିକ ଶକ୍ତିକୁ ଦୁର୍ବଳ କରିବା ପାଇଁ ଏହି ଆକ୍ରମଣ କରାଯାଇଛି ହିଜବୁଲ୍ଲା ତରଫରୁ କୁହାଯାଇଛି।

ବିଜୁ ବାବୁଙ୍କୁ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅପମାନ

## ସଂସଦରେ ତାତି, ରାଜ୍ୟରେ ନିଆଁ

■ଭୁବନେଶ୍ୱର,୩୦।୩(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅସମ୍ମାନସୂଚକ ମନ୍ତବ୍ୟକୁ ନେଇ ସାରା ଦେଶରେ ସୃଷ୍ଟି ହୋଇଛି ବିରୋଧ । ଏହାକୁ ନେଇ ଓଡ଼ିଶାରେ ନିଆଁ ଜଳୁଛି ଓ ଏହାର ତାତି ସଂସଦରେ ଅନୁଭୂତ ହୋଇଛି। ଦେଶର ବିଭିନ୍ନ ରାଜନୈତିକ ଦଳ ଓ ଏହାର ନେତାମାନେ ନିଶିକାନ୍ତଙ୍କ ମନ୍ତବ୍ୟ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏପରି ଟିପ୍ପଣୀକୁ ପ୍ରତ୍ୟାହାର ଓ କ୍ଷମାପ୍ରାର୍ଥନା ପାଇଁ ଦାବି କରିଛନ୍ତି । ରାଜ୍ୟସଭାରେ ବିଜେଡ଼ି ସାଂସଦମାନେ ଶ୍ରୀ ଦୁବେଙ୍କ ଅପରିଣାମଦର୍ଶୀ ଓ ନିମ୍ନରୁଚିର ମନ୍ତବ୍ୟକୁ ତୀବ୍ର ବିରୋଧ କରିବା ସହ ପ୍ରତିବାଦରେ କକ୍ଷତ୍ୟାଗ କରିଛନ୍ତି । ସେହିପରି କଂଗ୍ରେସ, ଆପ୍, ଟିଏମ୍‌ସି, ୱାଇଏସ୍‌ଆର୍ କଂଗ୍ରେସ, ଡ଼ିଏମ୍‌କେ ଆଦି ରାଜନୈତିକ ଦଳର ନେତାମାନେ ନିଶିକାନ୍ତ ଦୁବେଙ୍କର ମତିଭ୍ରମ ଘଟିଥିବା ଅଭିଯୋଗ କରି ନିଜ ମନ୍ତବ୍ୟ ପ୍ରତ୍ୟାହାର ଦାବି କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ମଧ୍ୟ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ନିଶିକାନ୍ତ ▶ପୃଷ୍ଠା-୭



- ରାଜ୍ୟସଭାରେ ପ୍ରତିବାଦ ସହ ବିଜେଡି ସାଂସଦଙ୍କ କକ୍ଷତ୍ୟାଗ
- ବିଜୁ ବିରୋଧୀ ଟିପ୍ପଣୀକୁ ବିଭିନ୍ନ ରାଜନୈତିକ ଦଳର ବିରୋଧ
- ପ୍ରତିବାଦ ଜଣାଇଲେ ଟିଏମ୍‌ସି, ୱାଇଏସ୍‌ଆର୍, ଡିଏମ୍‌କେ ସାଂସଦ
- ବିଜେପି ନେତାଙ୍କ ମନ୍ତବ୍ୟକୁ କଂଗ୍ରେସ ଅଧ୍ୟକ୍ଷ ଖଡ଼ଗେଙ୍କ ନିନ୍ଦା
- ସଂସଦରେ ନିଶିକାନ୍ତଙ୍କୁ ଭର୍ତ୍ସନା କଲେ ଆପ୍ ସାଂସଦ ସଞ୍ଜୟ ସିଂହ
- ରାଜ୍ୟରେ ଦଳମତ ନିର୍ବିଶେଷରେ ବିଜୁ ବାବୁଙ୍କୁ ଅସମ୍ମାନକୁ ବିରୋଧ

### ମାନସିକ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ନିଶିକାନ୍ତ



■ ଭୁବନେଶ୍ୱର,୩୦।୩(ସମିସ): ବିଜୁ ବାବୁଙ୍କ ସମ୍ପର୍କରେ ଅତ୍ୟନ୍ତ ଅବାଞ୍ଛିତ, ଅପମାନସୂଚକ ମନ୍ତବ୍ୟ ପ୍ରଦାନ କରିଥିବା ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେ କହିଛନ୍ତି, ଏମ୍‌ପି ନିଶିକାନ୍ତ ଦୁବେ ବିଜୁ ବାବୁ (ବିଜୁ ପଟ୍ଟନାୟକ)ଙ୍କ ବିଷୟରେ ପ୍ରଦାନ କରିଥିବା ଆପତ୍ତିଜନକ କଥା ମୋତେ ଆଶ୍ଚର୍ଯ୍ୟ କରିଛି। ସୁସ୍ଥ ମସ୍ତିଷ୍କରେ ଥିବା କୌଣସି ବ୍ୟକ୍ତି ଏପରି ଆପତ୍ତିଜନକ କଥା କହିପାରିବ ନାହିଁ। ତେଣୁ ନିଶିକାନ୍ତ କୌଣସି ମାନସିକ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ ବୋଲି ନବୀନ କଟାକ୍ଷ କରିଛନ୍ତି ।

ନବୀନ କହିଛନ୍ତି ଯେ ନିଶିକାନ୍ତ ବୋଧହୁଏ ଜାଣନ୍ତି ନାହିଁ ଯେ ବିଜୁ ବାବୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ▶ପୃଷ୍ଠା-୭

**ରାଜଧାନୀରେ ଚାଞ୍ଚଲ୍ୟ**

### ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ

■ ଭୁବନେଶ୍ୱର, ୩୦।୩ (ସମିସ): ବିଧାନସଭା ଚାଲିଥିବା ବେଳେ ରାଜଧାନୀରେ ଚାଞ୍ଚଲ୍ୟକର ଘଟଣା ଘଟିଛି। ଲିଫ୍ଟ ମାଗି ଦୁଷ୍କର୍ମର ଶିକାର ହୋଇଛନ୍ତି ପଶ୍ଚିମବଙ୍ଗର ମହିଳା। ଷ୍ଟେସନରେ ଛାଡ଼ିଦେବା ବାହାନାରେ ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ କରିଛନ୍ତି ଦୁଇ ବନ୍ଧୁ। ରଣସିଂହପୁର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ କମାର ▶ପୃଷ୍ଠା-୭



- ମଳିପଡ଼ାରୁ ଆଣି ରଣସିଂହପୁରରେ ରଖିଥିଲେ
- କେସ୍ ଦେବାକୁ ୩ ଥାନା ବୁଲିଲେ ପୀଡ଼ିତା
- ଦୁଇ ଆମ୍ବୁଲାନ୍ସ ଚାଳକ ଗିରଫ

### ୨୦୨୭ ଜନଗଣନା; ପ୍ରଥମ ପର୍ଯ୍ୟାୟ ପାଇଁ ୩୩ଟି ପ୍ରଶ୍ନ

**ଲିଭ-ଇନ୍ ଯୋଡ଼ିକୁ ମିଳିବ ବିବାହିତ ମାନ୍ୟତା**

■ ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ଏପ୍ରିଲମାସ ପହିଲାରୁ ସାରା ଦେଶରେ ପରବର୍ତ୍ତୀ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ କେନ୍ଦ୍ର ସରକାର ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସମ୍ବଳିତ ଏଫ୍‌ଏକ୍ୟୁ (ଫ୍ରିକ୍ୱେଣ୍ଟଲି ଆସକ୍‌ଡ କୋଶ୍ଚେନ) ଜାରି କରିଛନ୍ତି। ବାରମ୍ବାର ପଚରାଯାଉଥିବା ପ୍ରଶ୍ନଗୁଡ଼ିକୁ ହିଁ ଏଫ୍‌ଏକ୍ୟୁ ବୋଲି କୁହାଯାଉଛି। ଏହି ଜନଗଣନାରେ ଅନେକ ନୂତନ ପରବର୍ତ୍ତନ କରାଯାଇଛି। ଯଦି କୌଣସି ଯୋଡ଼ି ଲିଭ୍-ଇନ୍ ସମ୍ପର୍କରେ ରହୁଛନ୍ତି ଏବଂ ଏହାକୁ ସ୍ଥାୟୀ ବୋଲି ମନେ କରୁଛନ୍ତି, ତେବେ ସେମାନଙ୍କୁ ଜନଗଣନାରେ ବିବାହିତ ଭାବେ ଗଣନା କରାଯିବ। ପ୍ରଥମଥର ପାଇଁ ▶ପୃଷ୍ଠା-୭

**ଆଜି ପୂରିବ ଧାନ କିଣା କଣ୍ଟ**

## ଏବେ ବି ଧାନ ଧରି ବସିଛନ୍ତି ହଜାର ହଜାର ଚାଷୀ

■ ଭୁବନେଶ୍ୱର,୩୦।୩(ସମିସ): ଖରିଫ ଧାନ କିଣା ପାଇଁ ଧାର୍ଯ୍ୟ ତାରିଖ ଅବଧି ଆସନ୍ତାକାଲି (ମଙ୍ଗଳବାର) ଶେଷ ହେଉଛି। ସରକାରୀ ଭାବେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ତାହା ପୂରା ହୋଇଯାଇଛି ବୋଲି ସରକାର କହୁଥିବାରୁ ଏବେବି ଧାନ ବିକି ନ ପାରି ଟୋକନ୍ ଧରି ବସିଥିବା ଚାଷୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। କେମିତି ସେମାନଙ୍କ ଅମଳ ଧାନକୁ ସରକାର କ୍ରୟ କରିବେ ସେନେଇ ଚାଷୀମାନେ ଅନେକ ସ୍ଥାନରେ ବିକ୍ଷୋଭ ଧାରଣାମାନ ଆୟୋଜନ କରୁଛନ୍ତି। ଆଜି ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ସମେତ ବିଭିନ୍ନ ଜିଲ୍ଲାରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି। ଚାଷୀଙ୍କୁ ନ୍ୟାୟ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରରୁ ପଦଯାତ୍ରା ଆରମ୍ଭ କରିଥିବା ନବ ନିର୍ମାଣ କୃଷକ ସଂଗଠନ ମଧ୍ୟ ଆଜି ବିଭିନ୍ନ ଜିଲ୍ଲା ପରିକ୍ରମା କରି ବିକ୍ଷୋଭ କରିଛି।

ଏଆଇସିସି କିଷାନ କଂଗ୍ରେସ ସଂଯୋଜକ ଅମିୟ ପଟ୍ଟନାୟକ ସରକାରଙ୍କ ଧାନ କିଣା ପ୍ରକ୍ରିୟାକୁ ▶ପୃଷ୍ଠା-୭

- ୭ ଦିନ ଅବଧି ବୃଦ୍ଧି ପାଇଁ ବିରୋଧୀଙ୍କ ଦାବି
- ଆବଶ୍ୟକ ପଡ଼ିଲେ ୨ ଦିନ ବଢ଼ିବ:ମନ୍ତ୍ରୀ



### ଚାଷୀଙ୍କୁ ଭୁବନେଶ୍ୱର ମନା

**ନଖରା ଛକରେ ରାକେଶ ଟିକାୟତ ଗିରଫ**

■ଭୁବନେଶ୍ୱର,୩୦।୩(ସମିସ): ଭୁବନେଶ୍ୱରକୁ ସମସ୍ତେ ଆସିପାରିବେ। ଧାରଣା କରି ପାରିବେ। ନିଜ ହକ୍ ପାଇଁ ଲଢେଇ ବି କରି ପାରିବେ। ରାଜନେତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ସମସ୍ତେ ରାଲି ବାହାର କରି ପାରିବେ। ଆନ୍ଦୋଳନ ବି କରିପାରିବେ। ମାତ୍ର ଅନ୍ନଦାତା ଚାଷୀଙ୍କୁ ରାଜଧାନୀ ଭୁବନେଶ୍ୱର ମନା। ସରକାରଙ୍କ ଏହି ଅଘୋଷିତ ଓ ଅଲିଖିତ ନିୟମକୁ କାର୍ଯ୍ୟକାରୀ କରିବାକୁ ପୁଲିସ ପଣ କରିଛି। ପଦଯାତ୍ରାରେ ଆସୁଥିବା ଚାଷୀମାନଙ୍କୁ ▶ପୃଷ୍ଠା-୭

### ଜିଲ୍ଲାପାଳଙ୍କ ଅଫିସରେ ବିଷ ବୋତଲ ଧରି ଚାଷୀଙ୍କ ଧାରଣା

■ ଭଦ୍ରକ,୩୦।୩(ସମିସ): ଆଉ ଗୋଟିଏ ଦିନ ପରେ ଧାନକିଣା ଶେଷ ହେବ। ଧାନକିଣା କାରବାରରେ ପ୍ରଶାସନିକ ଅବ୍ୟବସ୍ଥା ଓ ପାତରଅନ୍ତର ନୀତିକୁ ନେଇ ଜିଲ୍ଲାରେ ଚାଷୀ ଅଶାନ୍ତି ଥମିବାର ନାଁ ନେଉନି। ଚାଷୀଙ୍କ ଧାରଣା, ବିକ୍ଷୋଭ ଓ ରାସ୍ତାରେ ଧାନ ବସ୍ତା ରଖି ଅବରୋଧ କରିବା ପରେ ସୋମବାର ଜିଲ୍ଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ବିଷ ବୋତଲ ଧରି ଧାରଣା ଦେବା ସହ ଆତ୍ମହତ୍ୟାର ଧମକ ଦେଇଛନ୍ତି। ବାସୁଦେବପୁର ବ୍ଲକ୍ ନାୟକାଣିଡିହି ସେବା ସମବାୟ ସମିତି ସହ ଅନ୍ୟ ୪ଟି ସମବାୟ ସମିତିର ସଭାପତି ଓ ନିର୍ଦ୍ଦେଶକଙ୍କ ସହ ଚାଷୀମାନେ ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ ବିଷ ବୋତଲ ଧରି ପ୍ରଶାସନକୁ ଚେତାବନୀ ଦେବା ଘଟଣା ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି।



ଅସନ୍ତୁଷ୍ଟ ଚାଷୀମାନଙ୍କ ଅଭିଯୋଗ ହେଲା, ରାତି ପାହିଲେ ଧାନକିଣା ଶେଷ ହେବ। ନାୟକାଣିଡିହି ସୋସାଇଟି ସମେତ ବିଦେଇପୁର, ବିରସ, ବାଲିମେଦ(ସର୍ବମଙ୍ଗଳା) ଓ ମାଟିପକା ୫ଟି ସମବାୟ ସମିତିର ଚାଷୀମାନେ ଧାରଣାରେ ସାମିଲ୍ ▶ପୃଷ୍ଠା-୭

### ଧାରଣାରେ ବସିଲେ ଧାନବିକ୍ରିରୁ ବଞ୍ଚିତ ଚାଷୀ



■ ଖଇରା, ୩୦।୩ (ସମିସ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ବର୍ତ୍ତନା ସେବା ସମବାୟ ସମିତିକୁ ଟାର୍ଗେଟ ଆସୁନଥିବାରୁ ଏହି ସମିତି ଅଧୀନସ୍ଥ ୧୩୧ଜଣ ଚାଷୀ ସୋମବାର ଧାରଣାରେ ବସିଛନ୍ତି। ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଯୋଗାଣ ନିରୀକ୍ଷିକା ସୁବାସିନୀ ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସମସ୍ତ ଧାନକିଣା ଯିବା ନେଇ ପ୍ରତିଶୃତି ଦେବା ପରେ ଚାଷୀ ମାନେ ଧାରଣାରୁ ଉଠିଥିଲେ । ଧାନକିଣା ଅବଧି ମାତ୍ର ଆଉ ଗୋଟିଏ ▶ପୃଷ୍ଠା-୭





ସକାଳ
www.sakalaepaper.com

## ପୁଣି ପାକିସ୍ତାନ- ଆଫଗାନିସ୍ତାନ ସଂଘର୍ଷ; ଜଣେ ମୃତ, ୧୨ ଆହତ

କାବୁଲ/ଇସଲାମାବାଦ, ୩୦ ।୩(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ପୁଣି ସଂଘର୍ଷ ଦେଖାଦେଇଛି। ଆଫଗାନିସ୍ତାନ ସରକାର ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ସେନା ଗତ ରବିବାର କୁନାର ପ୍ରାନ୍ତରେ ଅବସାବାଦ ସହରରେ ବାହ୍ୟ ଅଞ୍ଚଳରେ ଗୁଳିମାଡ଼ କରିଛି। ଏହି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୧୨ଜଣରୁ ଅଧିକ ଆହତ ହୋଇଛନ୍ତି। ଚଳିତବର୍ଷ ଫେବୃଆରୀ ମାସରୁ ଉଭୟ ଦେଶ ମଧ୍ୟରେ ଏହି ସଂଘର୍ଷ ଜାରି ରହିଛି, ଯାହାକୁ ଗତ କିଛି ଦଶନ୍ଧି ମଧ୍ୟରେ ସବୁଠାରୁ ଭୟଙ୍କର ସ୍ଥିତି ବୋଲି କୁହାଯାଉଛି। ପାକିସ୍ତାନ ଦାବି କରୁଛି ଯେ ଆଫଗାନିସ୍ତାନ ନିଜ ମାଟିରେ ଆତଙ୍କବାଦୀଙ୍କୁ ବିଶେଷ କରି ପାକିସ୍ତାନ ତାଲିବାନ ଟିଟିପିକୁ ଆଶ୍ରୟ ଦେଉଛି, ଯେଉଁମାନେ ପାକିସ୍ତାନରେ ଆକ୍ରମଣ କରୁଛନ୍ତି। ତେବେ ତାଲିବାନ ସରକାର ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସୁଛନ୍ତି। ସୂଚନାଅନୁଯାୟୀ, ଚଳିତ ମାସ ଆରମ୍ଭରେ ପାକିସ୍ତାନର ଏକ ବିମାନ କାବୁଲର ନିଶାମୁକ୍ତି କେନ୍ଦ୍ର ଉପରେ ଆକ୍ରମଣ କରିଥିଲା। ଏଥିରେ ୪୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

## ଇରାନର ସଫେଇ; ଆମେ ପରମାଣୁ ଅସ୍ତ୍ର ଚାହୁଁନାହୁଁ

ତେହରାନ, ୩୦ ।୩(ଏଜେନ୍ସି): ଆମେରିକା ଓ ଇସ୍ରାଏଲ ସହ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଇରାନ ପୁଣି ଥରେ ସ୍ପଷ୍ଟ କରିଛି ଯେ ସେ ପରମାଣୁ ଅସ୍ତ୍ର ନିର୍ମାଣ କରିବାକୁ ଚାହୁଁନାହିଁ। କିନ୍ତୁ ଏଥିସହ ପରମାଣୁ ଅସ୍ତ୍ର ପ୍ରସାର ରୋକିବା ପାଇଁ ହୋଇଥିବା ଅନ୍ତର୍ଜାତୀୟ ଚୁକ୍ତି (ଏନ୍‌ପିଟି)ରେ ରହିବ କି ନାହିଁ, ସେନେଇ ଇରାନ ସଂସଦରେ ବିଚାର ଚାଲିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସ୍ମାଇଲ ବାକାଇ ସାପ୍ତାହିକ ପ୍ରେସ ବ୍ରିଫିଙ୍ଗରେ କହିଛନ୍ତି ଯେ ଇରାନ କେବେ ପରମାଣୁ ଅସ୍ତ୍ର ଚାହୁଁ ନଥିଲା ଏବଂ ବର୍ତ୍ତମାନ ମଧ୍ୟ ଚାହୁଁନାହିଁ। ତେବେ ଇରାନ ପାର୍ଲାମେଣ୍ଟ ଓ ଜନସାଧାରଣଙ୍କ ମଧ୍ୟରେ ବର୍ତ୍ତମାନ ଏକ ବଡ଼ ଆଲୋଚନା ଚାଲିଛି ଯେ ଇରାନ ଏନ୍‌ପିଟି ବା ପରମାଣୁ ଅସ୍ତ୍ର ଅପ୍ରସାର ଚୁକ୍ତିରେ ସଦସ୍ୟ ରହିବା ଉଚିତ କି ନୁହେଁ। ଆମେରିକା ଇରାନ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିବାରୁ ଇରାନ ନିଜର ସୁରକ୍ଷା ପାଇଁ ଏହି ଚୁକ୍ତିରୁ ଓହରିଯିବାକୁ ଚିନ୍ତା କରୁଥାଇପାରେ ବୋଲି ବିଶେଷଜ୍ଞମାନେ ଚିନ୍ତା କରୁଛନ୍ତି। ଯଦି ଇରାନ ଏହି ଚୁକ୍ତିରୁ ଓହରିଯାଏ, ତେବେ ଏହା ପରମାଣୁ ଅସ୍ତ୍ର ନିର୍ମାଣ ଦିଗରେ ଏକ ବଡ଼ ପଦକ୍ଷେପ ହୋଇପାରେ।

## ପଶ୍ଚିମ ଏସିଆ ସଂଘର୍ଷ: ସଂଯମ, କୁଟନୀତି ପାଇଁ ଭାରତର ଆହ୍ୱାନ

ନୂଆଦିଲ୍ଲୀ, ୩୦ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନାକୁ ନେଇ ଭାରତ ଗଭୀର ଚିନ୍ତା ପ୍ରକଟ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହି ସ୍ଥିତି ଉପରେ ତୀକ୍ଷଣ ନଜର ରଖାଯାଇଛି। ଉତ୍ତେଜନା ହ୍ରାସ କରିବାକୁ ଭାରତ ପକ୍ଷରୁ ପୁଣି ଥରେ ନିବେଦନ କରାଯାଇଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଭାରତ ପଶ୍ଚିମ ଏସିଆ ସାମ୍ପ୍ରତିକ ଘଟଣାବଳୀକୁ ଅତି ନିକଟରୁ ଅନୁଧ୍ୟାନ କରୁଛି। ସମସ୍ତ ପକ୍ଷ ସଂଯମତା ଅବଲମ୍ବନ କରିବା ସହ ଯୁଦ୍ଧର ସ୍ଥିତିକୁ କମ୍ କରିବାକୁ ଭାରତ ଆହ୍ୱାନ ଦେଇଛି। ଏହି ସଂଘର୍ଷର ଶୀଘ୍ର ସମାଧାନ ପାଇଁ କେବଳର ଆଲୋଚନା ଓ କୂଟନୀତି ହିଁ ଏକମାତ୍ର ମାଧ୍ୟମ ବୋଲି ଭାରତ ଗୁରୁତ୍ୱାରୋପ କରିଛି। ପଶ୍ଚିମ ଏସିଆରେ ଆମେରିକ- ଇସ୍ରାଏଲ ଓ ଇରାନ ମଧ୍ୟରେ ବଢ଼ୁଥିବା ଯୁଦ୍ଧ ସ୍ଥିତି ଯୋଗୁଁ ବିଶ୍ୱ ଅର୍ଥନୀତି ଓ ଶାନ୍ତି ପ୍ରଭାବିତ ହେବାର ଆଶଙ୍କା ରହିଛି। ଭାରତର ଏହି ଆହ୍ୱାନ ବିଶ୍ୱସ୍ତରରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି।

## ଭିଡ଼ିଓ ଭାଇରାଲ; ରେଡ୍ କାର୍ପେଟ୍‌ରେ ପଡ଼ିଗଲେ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇଶାକ ଡାର୍

ଇସଲାମାବାଦ୍, ୩୦ ।୩(ଏଜେନ୍ସି): ପାକିସ୍ତାନ ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇଶାକ ଡାର୍ ରବିବାର ଦିନ ଏକ ଅପ୍ରୀତକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଇସଲାମାବାଦ୍‌ରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ଆୟୋଜିତ ଏକ କୂଟନୈତିକ ସମ୍ମିଳନୀରେ ମିଶରର ବୈଦେଶିକ ମନ୍ତ୍ରୀ ବଦର ଅବଦେଲତିଙ୍କୁ ସ୍ୱାଗତ କରୁଥିବା ସମୟରେ ସେ ରେଡ୍ କାର୍ପେଟ୍‌ରେ ସନ୍ତୁଳନ ହରାଇ ପଡ଼ିଯାଇଥିଲେ। ଏହି ଘଟଣାର ଭିଡ଼ିଓ ସୋସିଆଲ ମିଡ଼ିଆରେ ବେଶ୍ ଭାଇରାଲ ହୋବରେ ଲାଗିଛି। ଭିଡ଼ିଓରେ ଦେଖିବାକୁ ମିଳିଛି ଯେ, ଅତିଥିଙ୍କୁ ସ୍ୱାଗତ କରିବା ପାଇଁ ଆଗକୁ ବଢ଼ିବା ସମୟରେ ଡାର ନିଜର ସନ୍ତୁଳନ ହରାଇ ତଳେ ପଡ଼ିଯାଇଥିଲେ। ନିକଟରେ ଥିବା ସୁରକ୍ଷାକର୍ମୀମାନେ ତୁରନ୍ତ ତାଙ୍କୁ ଉଠାଇବାରେ ସାହାଯ୍ୟ କରିଥିଲେ। ପଡ଼ିଯିବା ଫଳରେ ତାଙ୍କ କାନ୍ଧର ହେୟାର ଲାଇନ୍ ଫ୍ରାକଚର ହୋଇଥିବା ପରେ ଜଣାପଡ଼ିଥିଲା। ତଥାପି, ସେ ସେହି ଅବସ୍ଥାରେ ନିଜର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରଖିଥିଲେ। ଏହି ବୈଠକରେ ପାକିସ୍ତାନ ସମେତ ମିଶର, ତୁର୍କୀ ଓ ସାଉଦି ଆରବର ବୈଦେଶିକ ମନ୍ତ୍ରୀମାନଙ୍କ ମଧ୍ୟରେ ଏହି ଚତୁଃପାର୍ଶ୍ୱୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିବା ଆମେରିକା- ଇରାନ ମଧ୍ୟରେ ବଢ଼ୁଥିବା ଉତ୍ତେଜାନକୁ କମ୍ କରିବା। ଉଭୟ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ପଥ ପ୍ରଶସ୍ତ କରିବା।

## ଇରାନକୁ ଧମକ ଦେଲେ ଆମେରିକା ରାଷ୍ଟ୍ରପତି

# ହର୍ମୁଜ ତୁରନ୍ତ ନ ଖୋଲିଲେ ଶକ୍ତି କେନ୍ଦ୍ର ଧ୍ୱଂସ କରିବୁ

- କହୁ କହୁ ସତ କହିଦେଲେ ଡୋନାଲ୍ଡ ଟ୍ରମ୍ପ
- ଇରାନ ତୈଳ ଭଣ୍ଡାର କବ୍‌ଜା କରିବାକୁ ଚାହେଁ
- ଆମେରିକା ପାଇଁ ବାୟୁସୀମା ବନ୍ଦ କଲା ସ୍ପେନ
- ସେନା ଘାଟୀ ବ୍ୟବହାର ଉପରେ କଟକଣା
- ଇରାନ ଯୁଦ୍ଧ ଅନ୍ତର୍ଜାତୀୟ ଆଇନର ବିରୋଧୀ
- ପାକିସ୍ତାନରେ ଆଲୋଚନା ବିଫଳ

ମାଦ୍ରିଦ/ୱାସିଂଟନ, ୩୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଘନେଇବାରେ ଲାଗିଛି। ଇରାନ ଯୁଦ୍ଧ ବନ୍ଦ ପାଇଁ ମଧ୍ୟସ୍ଥତା କରୁଥିବା ପାକିସ୍ତାନର ରାଜଧାନୀରେ ଚାଲିଥିବା ବୈଠକ ମଧ୍ୟ ବିଫଳ ହୋଇଯାଇଛି। ସାଉଦି ଆରବ, ତୁର୍କୀ, ଇଜିପ୍ଟ ସହ ଆଲୋଚନା କରି ପାକିସ୍ତାନ ଏକ ରଣନୈତିକ ଯୋଜନା ଦେବାରେ ବିଫଳ ହୋଇଛି। ଏପରି ସମୟରେ ଇରାନକୁ ପୁଣି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ହର୍ମୁଜ ପ୍ରଣାଳୀ ତୁରନ୍ତ ନ ଖୋଲିଲେ ଏବଂ ଚୁକ୍ତି ନ କଲେ ଶକ୍ତି କେନ୍ଦ୍ରକୁ ଆକ୍ରମଣ କରି ଧ୍ୱଂସ କରିଦେବୁ ବୋଲି ଟ୍ରମ୍ପ କହିଛନ୍ତି। ଶକ୍ତି କେନ୍ଦ୍ର, ତୈଳ କୂପ ଏବଂ ଖାର୍ଗ ଦ୍ୱୀପକୁ ସମ୍ପୂର୍ଣ୍ଣ ଉଡ଼େଇ ଦେବୁ। ଆବଶ୍ୟକ ପଡ଼ିଲେ ଡିସାଲିନେସନ ପ୍ଲାଣ୍ଟ ଉପରେ ମଧ୍ୟ ଆକ୍ରମଣ କରାଯିବ। ଏବେ ଇରାନର ଏକ ନୂଆ ଏବଂ ଅଧିକ ବୁଦ୍ଧିମାନ ଶାସନ ସହ ଆଲୋଚନା କରାଯାଉଛି ବୋଲି ଟ୍ରମ୍ପ ଦାବି କରିଛନ୍ତି।

ଟ୍ରମ୍ପ ନିଜ ଇଚ୍ଛା ମଧ୍ୟ ବ୍ୟକ୍ତ କରିଛନ୍ତି। ସେ କହୁ କହୁ ସତ କହି ଦେଇଛନ୍ତି। ଇରାନ ତୈଳକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚାହାନ୍ତି ବୋଲି କହିଛନ୍ତି। ଏହା ମୋର ବହୁତ ପସନ୍ଦ। ଏ ଦିଗରେ ଆମେରିକା ପାଖରେ ଅନେକ ବିକଳ୍ପ ମଧ୍ୟ ଅଛି। ଖାର୍ଗ ଦ୍ୱୀପକୁ ମଧ୍ୟ କବ୍‌ଜା କରିପାରୁ। ଇରାନର ପ୍ରତିରକ୍ଷା ସେତେ ମଝବୁତ ନୁହେଁ। ଆମେରିକା ସହଜରେ ଏହାକୁ କବ୍‌ଜା କରିନେବ। ହର୍ମୁଜ ଦେଇ ଯାଉଥିବା ଜାହାଜଠାରୁ ଇରାନ ଟୋଲ ଆଦାୟ କରୁଛି। ଏହାକୁ ଆମେରିକା ବହୁତ ଶୀଘ୍ର



ରୋକିଦେବ। କେବଳ ଦୁଇ ମିନିଟରେ ଏପରି କରିଦେବ। ଅନ୍ୟପଟେ ଆମେରିକା ସହ ପ୍ରତ୍ୟକ୍ଷ ଆଲୋଚନା ହେଉନାହିଁ ବୋଲି ଇରାନ ବୈଦେଶିକ ମନ୍ତ୍ରାଳୟ କହିଛି। ଏ ପର୍ଯ୍ୟନ୍ତ କେବଳ ମଧ୍ୟସ୍ଥତା ମାଧ୍ୟମରେ ଦୁଇ ଦେଶ ମଧ୍ୟରେ ବାର୍ତ୍ତା ଆଦାନପ୍ରଦାନ ହୋଇଛି। ଆମେରିକା ଆଲୋଚନା କରିବାକୁ କହୁଛି, ମାତ୍ର ଅଯୌକ୍ତିକ ସର୍ତ୍ତ ରଖୁଛି। ଏହି ଦେଶ ବାରମ୍ବାର ନିଜ ସ୍ଥିତି ବଦଳାଉଛି। ସେହିପରି ଟ୍ରମ୍ପଙ୍କ କଥାକୁ ଭରସା ନାହିଁ ବୋଲି ଇରାନ ବାଚସ୍ପତି କହିଛନ୍ତି। ଇରାନ ଉପରାଷ୍ଟ୍ରପତି କହିଛନ୍ତି ଯେ ଦେଶରେ ଆକ୍ରମଣ ନ କରିବା ପାଇଁ ବିରୋଧୀ ଦେଶଙ୍କୁ ପ୍ରତିଶ୍ରୁତି ଦେବାକୁ ପଡ଼ିବ। ସବୁ ଅନ୍ତର୍ଜାତୀୟ ନିୟମ ମାନିଲେ ଯାଇ ହର୍ମୁଜ ଉପରେ ଆଲୋଚନା ହେବ।

ଇରାନ ଯୁଦ୍ଧ ମଧ୍ୟରେ ସ୍ପେନ ଆମେରିକାକୁ ବଡ଼ ଝଟକା ଦେଇଛି। ଆମେରିକା ସାମରିକ ବିମାନ ପାଇଁ ନିଜ ବାୟୁସୀମାକୁ ସ୍ପେନ ବନ୍ଦ କରିଦେଇଛି। ସାମରିକ ଘାଟୀ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଇ ଦେଇଛି। ଇରାନ ଯୁଦ୍ଧ ଅନ୍ତର୍ଜାତୀୟ ଆଇନର ବିରୋଧୀ ବୋଲି କୁହାଯାଇଛି। ଏହି ନିଷ୍ପତ୍ତି ଦ୍ୱାରା ଆମେରିକା ବିମାନକୁ ନିଜ ମାର୍ଗ ବଦଳାଇବାକୁ ହେବ। ତେବେ ମାନବିକ ଏବଂ ଜରୁରିକାଳୀନ ଉଡ଼ାଣ ପାଇଁ ଆମେରିକାକୁ ଆଶ୍ୱସ୍ତି ଦିଆଯାଇଛି। ସ୍ପେନ ପ୍ରତିରକ୍ଷାମନ୍ତ୍ରୀ ମାର୍ଗାରିଟା ରୋବ୍ଲେସ କହିଛନ୍ତି ଯେ ଇରାନ ସହ ଜଡ଼ିତ କୌଣସି ବି ସାମରିକ ଅଭିଯାନ ପାଇଁ ଦେଶ ନିଜ ଆକାଶମାର୍ଗ ଏବଂ ସାମରିକ ଘାଟି ବ୍ୟବହାର କରିବାକୁ ଅନୁମତି ଦେବ ନାହିଁ। ସ୍ପେନର ଅର୍ଥନୀତି ମନ୍ତ୍ରୀ କାର୍ଲୋସ କୁଏର୍ପୋ କହିଛନ୍ତି ଯେ ଯୁଦ୍ଧକୁ ସମର୍ଥନ ନ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏକପାଖିଆ ଏବଂ ଆନ୍ତର୍ଜାତୀୟ ନିୟମ ବିରୋଧରେ ଯାଇ ଆମେରିକା ଏବଂ ଇସ୍ରାଏଲ ଏହି ଯୁଦ୍ଧ ଆରମ୍ଭ କରିଛନ୍ତି।

ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ପୂର୍ବରୁ ଏହି ଯୁଦ୍ଧକୁ ସମାଲୋଚନା କରିସାରିଛନ୍ତି। ସ୍ପେନର ଏଭଳି ନିଷ୍ପତ୍ତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଚଳିତ ହୋଇଯାଇଛନ୍ତି। ବାଣିଜ୍ୟଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଧମକ ଦେଇଛନ୍ତି। ଏହି ନିଷ୍ପତ୍ତି ପରେ ଆମେରିକା ଏବଂ ସ୍ପେନ ମଧ୍ୟରେ କୂଟନୈତିକ ତିକ୍ତତା ବଢ଼ିବାର ସମ୍ଭାବନା ରହିଛି।

### ମୋଜତବା ଖାମନେଇଙ୍କ ନୂତନ ବାର୍ତ୍ତା

## ଜୀବିତ ଅଛନ୍ତି କି ନାହିଁ ବୋଲି ଟ୍ରମ୍ପଙ୍କ ଦାବିର କିଛିଦିନ ପରେ ପ୍ରତିକ୍ରିୟା

ତେହରାନ, ୩୦ ।୩(ଏଜେନ୍ସି): ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତବା ଖାମନେଇ ଏକ ଲିଖିତ ବାର୍ତ୍ତା ମାଧ୍ୟମରେ ଆମେରିକା ଓ ଇସ୍ରାଏଲ ବିରୋଧରେ ଚାଲିଥିବା ଯୁଦ୍ଧରେ ଇରାକର ସମର୍ଥନ ପାଇଁ ସେଠାକାର ଜନସାଧାରଣଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ରବିବାର ଦିନ ଇରାନ ଗଣମାଧ୍ୟମ ତରଫରୁ ଏହି ସୂଚନା ଦିଆଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସନ୍ଦେହପୂର୍ଣ୍ଣ ବୟାନର କିଛି ଦିନ ପରେ ମୋଜତବା ଏହି ବାର୍ତ୍ତା ଦେଇଛନ୍ତି। ଗତ ସପ୍ତାହରେ ଟ୍ରମ୍ପ କହିଥିଲେ ଯେ, ଆମେ ମୋଜତାବାଙ୍କଠାରୁ କିଛି ଶୁଣି ନାହୁଁ... ସେ ଜୀବିତ ଅଛନ୍ତି କି ନାହିଁ ଆମେ ଜାଣିନାହୁଁ। ମୁଜତବା ହେଉଛନ୍ତି ପୂର୍ବତନ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ପୁତ୍ର। ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଆୟାତୁଲ୍ଲାଙ୍କ ମୃତ୍ୟୁ ହେବା ପରେ ମୁଜତବାଙ୍କୁ ନୂତନ ସର୍ବୋଚ୍ଚ ନେତା ଭାବେ ନାମିତ କରାଯାଇଥିଲା। ନୂତନ ନେତା ଭାବେ ନାମିତ ହେବା ପରେ ମୁଜତବା ଏପର୍ଯ୍ୟନ୍ତ ସର୍ବସାଧାରଣରେ ଦୃଶ୍ୟମାନ ହୋଇନାହାନ୍ତି। ସେ କେବଳ କିଛି ଲିଖିତ ବିବୃତ୍ତି ଜାରି କରିଛନ୍ତି। ଏଥିପାଇଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି। କୁହାଯାଉଛି ଯେ ସେ ବିମାନ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଇରାନର ଆଇଏସ୍‌ଏନ୍‌ଏ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ମୁଜତବା ଇରାକର ସର୍ବୋଚ୍ଚ ସିଆ ଧର୍ମଗୁରୁ ଗ୍ରାଣ୍ଡ ଆୟୋତୋଲ୍ଲା ଅଲି ସିସ୍ତାନୀ ଏବଂ ଇରାକବାସୀଙ୍କୁ ସେମାନଙ୍କ ସ୍ୱଷ୍ଟ ଆଭିମୁଖ୍ୟ ପାଇଁ ପ୍ରଶଂସା କରିଛନ୍ତି।

## ଇରାକ୍‌ରେ ରକେଟ ମାଡ଼

- ବାଗଦାଦ୍ ବିମାନବନ୍ଦର ସାମରିକ ଘାଟିକୁ ଟାର୍ଗେଟ୍

ବାଗଦାଦ୍, ୩୦ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ସୋମବାର ସକାଳେ ଇରାକ ରାଜଧାନୀ ବାଗଦାଦ୍ ବିମାନବନ୍ଦର ପରିସରରେ ଥିବା ଏକ ସାମରିକ ଘାଟି ଉପରେ ରକେଟ୍ ମାଡ଼ ହୋଇଛି। ଏହି ପରିସରରେ ଆମେରିକା ଦୂତାବାସ ଦ୍ୱାରା ବ୍ୟବହୃତ ଏକ କୂଟନୈତିକ ସହାୟତା କେନ୍ଦ୍ର ମଧ୍ୟ ରହିଛି। ଇରାକ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ବାଗଦାଗ ସହରର ବାହ୍ୟ ଅଞ୍ଚଳରୁ ୧୨୨ ଏମ୍‌ଏମ୍ ଗ୍ରାଡ୍ ରେକଟ୍ ସାହାଯ୍ୟରେ ଆକ୍ରମଣ କରାଯାଇଥିଲା। ଏହି ରକେଟମାଡ଼ରେ ଇରାକୀ ବାୟୁସେନାର ଏକ ଅଣ୍ଟୋନୋଭ-୧୩୨ ବିମାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କୂଟନୈତିକ ସହାୟତା କେନ୍ଦ୍ର ଭିତରେ ରକେଟ ପଡ଼ିବା ଯୋଗୁଁ ସେଠାରେ ନିଆଁ ଲାଗିଯାଇଥିଲା। ସୌଭାଗ୍ୟବଶତଃ ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି।

## ଟ୍ରମ୍ପଙ୍କ ଇରାନ ଯୁଦ୍ଧ: ବିଶ୍ୱ ପାଇଁ ପରମାଣୁ ଯୁଦ୍ଧର ଏକ ନୂତନ ଅଧ୍ୟାୟ

ୱାସିଂଟନ, ୩୦ ।୩(ଏଜେନ୍ସି): ଆମେରକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ବିରୋଧୀ ଯୁଦ୍ଧର ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନକୁ ପରମାଣୁ ମୁକ୍ତ କରିବା। କିନ୍ତୁ ବିଶେଷଜ୍ଞଙ୍କ ମତରେ, ଏହି ଯୁଦ୍ଧ ଇରାନକୁ ଅଧିକ ଶକ୍ତିଶାଳୀ ପରମାଣୁ ଅଭିଳାଷ ଆଡକୁ ଠେଲିଦେବା ସହ ସାରା ବିଶ୍ୱରେ ଏକ ପରମାଣୁ ଜିନ ବା ଭୂତକୁ ବାହାର କରିଦେଇଛି, ଯାହାକୁ ଆୟତ୍ତ କରିବା କଷ୍ଟକର ହୋଇପଡ଼ିବ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଆମେରିକା ଓ ଇସ୍ରାଏଲ ଆକ୍ରମଣ ପରେ ଇରାନ ଅନୁଭବ କରିଛି ଯେ କେବଳ ପରମାଣୁ ବୋମା ହିଁ ତାକୁ ସମ୍ପୂର୍ଣ୍ଣ ବିନାଶରୁ ରକ୍ଷା କରିପାରିବ। ଯଦି ଇରାନ ଏହି ଯୁଦ୍ଧରୁ ବଞ୍ଚିଯାଏ, ତେବେ ସେ ନିଜର ପରମାଣୁ କାର୍ଯ୍ୟକ୍ରମକୁ ଆହୁରି ତୀବ୍ର କରିବ। ଉତ୍ତର କୋରିଆର ଶାସକ କିମ୍ ଜୋଙ୍ଗ ଉନ ଗତ ସପ୍ତାହରେ କହିଛନ୍ତି ଯେ, ଇରାନ ଯୁଦ୍ଧ ପ୍ରମାଣ କରୁଛି ଯେ, ସେ ନିଜର ପରମାଣୁ ଅସ୍ତ୍ର ନଛାଡ଼ି ସଠିକ ନିଷ୍ପତ୍ତି ନେଇଥିଲେ। ଲିବ୍ୟାର ଗଦାଫି ଓ ଇରାକର ସଦ୍ଦାମ ହୁସେନ ନିଜର ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିବା ପରେ ହିଁ ସେମାନଙ୍କର ପତନ ଘଟିଥିଲା, ଯାହା ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ଶିକ୍ଷା ସଦୃଶ ହୋଇଛି। ୨୦୨୮ ରେ ଆମେରିକା, ଇରାନ ପରମାଣୁ ଚୁକ୍ତିରୁ ଓହରିଯିବା ପରେ ବିଶ୍ୱ ଅନୁଭବ କରୁଛି ଯେ ଆମେରିକା ସହ କୌଣସି ଚୁକ୍ତି କରିବା ନିରର୍ଥକ, କାରଣ ଯେକୌଣସି ସମୟରେ ନୂଆ



ପ୍ରଶାସନ ଏଥିରୁ ଓହରି ଯାଇପାରେ। ପୁଣି ଯଦି ଇରାନ ପରମାଣୁ ଶକ୍ତି ସମ୍ପର୍ଣ୍ଣ ହୁଏ, ତେବେ ସାଉଦି ଆରବ, ତୁର୍କୀ ଓ ଇଜିପ୍ଟ ମଧ୍ୟ ନିଜର ପରମାଣୁ ପ୍ରତିରୋଧକ ବ୍ୟବସ୍ଥା ଗଢ଼ିବାକୁ ଚେଷ୍ଟା କରିବେ। ମୋଟାମୋଟି ଉପରେ କହିବାକୁ ଗଲେ, ଟ୍ରମ୍ପଙ୍କ ଏହି ଯୁଦ୍ଧ ଇରାନର ପରମାଣୁ କ୍ଷମତାକୁ କିଛି ସମୟ ପାଇଁ ରୋକିପାରେ, କିନ୍ତୁ ଏହା ସାରା ବିଶ୍ୱରେ ଅଶାନ୍ତି ଏବଂ ଅଧିକ ପରମାଣୁ ଅସ୍ତ୍ର ତିଆରି କରିବାର ପ୍ରତିଯୋଗିତା ଆରମ୍ଭ କରିବ। ତେଣୁ ଏହି ଯୁଦ୍ଧର ନିଷ୍କର୍ସ ଯାହା ହେଉ ନା କାହିଁକି, ବିଶ୍ୱରେ ପରମାଣୁ ଅସ୍ତ୍ର ତିଆରିର ପ୍ରତିଯୋଗିତାକୁ ରୋକିବାରେ ସଫଳ ହେବ ନାହିଁ।

## ଇରାନରେ ୩୧ ଦିନରେ ପହଞ୍ଚିଲା ଇଣ୍ଟରନେଟ୍ ବ୍ଲାକ୍‌ଆଉଟ୍

ତେହରାନ, ୩୦ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପଞ୍ଚମ ସପ୍ତାହରେ ପ୍ରବେଶ କରିଥିବା ବେଳେ ଇରାନରେ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ସୋମବାର ସୁଦ୍ଧା ଏହି ଇଣ୍ଟରନେଟ୍ ବନ୍ଦ ଅର୍ଥାତ ବ୍ଲାକ୍‌ଆଉଟ୍‌କୁ ୩୧ ଦିନ ପୂରିଛି, ଯାହା ଫଳରେ ଲକ୍ଷ ଲକ୍ଷ ଲୋକ ବିଶ୍ୱ ସହିତ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଛନ୍ତି। ଇଣ୍ଟରନେଟ ମନିଟରିଂ ଗ୍ରୁପ୍ 'ନେଟ୍‌ବ୍ଲକ୍ସ' ଅନୁଯାୟୀ, ଦେଶବ୍ୟାପୀ ସ୍ୱେନରସିପ କାରଣରୁ ଇଣ୍ଟରନେଟ ସେବା ଗତ ୩୦ ଦିନ ଧରି ବନ୍ଦ ରହିଛି। ଯଦିଓ ବିଶ୍ୱସ୍ତରୀୟ ଇଣ୍ଟରନେଟ ବନ୍ଦ ଅଛି, କିନ୍ତୁ ଇରାନର ଘରୋଇ ଇଣ୍ଟ୍ରାନେଟ୍ କାର୍ଯ୍ୟ କରୁଛି। ଏହା ମାଧ୍ୟମରେ ସ୍ଥାନୀୟମେସେଜିଂ ଆପ୍, ବ୍ୟାଙ୍କିଙ୍ଗ୍ ସେବା ଓ ଅନ୍ୟାନ୍ୟ ଜରୁରୀ ସରକାରୀ ସେବା ଉପଲବ୍ଧ ହେଉଛି। ବୈଦେଶିକ ଟିଭି ଚ୍ୟାନେଲଗୁଡ଼ିକର ସିଗନାଲରେ ବାଧା ସୃଷ୍ଟି କରାଯାଉଥିବାରୁ ଲୋକମାନେ କେବଳ ସରକାରୀ ଗଣମାଧ୍ୟମ ଉପରେ ନିର୍ଭର କରୁଛନ୍ତି। ପୁଣି ବିଦେଶରେ ରହୁଥିବା ସମ୍ପର୍କୀୟଙ୍କ ସହ କଥା ହେବା ପାଇଁ ଲୋକଙ୍କୁ ମହଙ୍ଗା ଡାଇରେକ୍ଟ ଫୋନ୍ କଲ୍ ଉପରେ ନିର୍ଭର କରିବାକୁ ପଡୁଛି। ହ୍ୱାଟ୍ସଆପ୍ ଓ ଟେଲିଗ୍ରାମ୍ ପରି ଆପ୍‌ଗୁଡ଼ିକ କେବଳ ଭିପିଏନ୍ ମାଧ୍ୟମରେ କିଛି ସମୟ ପାଇଁ କାମ କରୁଛି। ଇରାନବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେଉଛି ଯେ, ସରକାର ହୁଏତ ଆଉ କେବେ ଇଣ୍ଟରନେଟ ସଂଯୋଗ ଦେବେ ନାହିଁ ଏବଂ ସେମାନଙ୍କ ଦେଶ ଉତ୍ତର କୋରିଆ ଭଳି ପୃଥିବୀର ସମ୍ପୂର୍ଣ୍ଣ ଅଲଗା ହୋଇଯିବ। ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଯୋଗାଯୋଗ କରିପାରି ନଥିବାରୁ ଲୋକେ ସର୍ବଦା ଚିନ୍ତା ଓ ମାନସିକ ଚାପରେ ରହୁଛନ୍ତି।

## ଦିଲ୍ଲୀ ସୀମାରୁ ଲସ୍କର ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୩୦ ।୩(ଏଜେନ୍ସି): ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍‌ଫ ସୋମବାର ଦିଲ୍ଲୀ ସୀମାରୁ ଲସ୍କର-ଇ-ତୋଇବା (ଏଲ୍‌ଇଟି) ସହ ଜଡ଼ିତ ଆତଙ୍କବାଦୀ ଶବିର ଅହମ୍ମଦ ଲୋନକୁ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଶବିର ବାଂଲାଦେଶରେ ରହି ଭାରତ ବିରୋଧୀ କାର୍ଯ୍ୟକଳାପ ଚଳାଉଥିଲା। ଶବିର ଦିଲ୍ଲୀ, କୋଲକାତା ଏବଂ ତାମିଲନାଡୁରୁ ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ନିଯୁକ୍ତି କରିବାକୁ ଯୋଜନା କରୁଥିଲା। ଏହି ସମ୍ପୂର୍ଣ୍ଣ ନେଟୱର୍କ ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲା। ୨୦୦୭ ମସିହାରେ ମଧ୍ୟ ଦିଲ୍ଲୀ ପୁଲିସ ଶବିରଙ୍କୁ ଆତଙ୍କବାଦୀ ଅଭିଯୋଗରେ ଗିରଫ କରିଥିଲା। ୨୦୧୯ ରେ ଜାମିନ ପାଇବା ପରେ ବାଂଲାଦେଶକୁ ଫେରାର ହୋଇଯାଇଥିଲା। ଗତ ମାର୍ଚ୍ଚ ୨୬ରେ କାଉଣ୍ଟର ଇଣ୍ଟେଲିଜେନ୍ସ କଶ୍ମୀର (ସିଆଇକେ) ଶବିର ଆତଙ୍କୀ ମଡ୍ୟୁଲ ତଦନ୍ତ ପାଇଁ ଗାନ୍ଦରବଲ, ସେପିଆନ ଏବଂ ଶ୍ରୀନଗରର ୧୦ଟି ସ୍ଥାନରେ ଚଢ଼ାଉ କରିଥିଲା। ଗତ ଫେବୃଆରୀ ୭ରେ ଏହି ବିପଜ୍ଜନକ ନେଟ୍‌ୱର୍କର ପର୍ଦ୍ଦାଫାଶ ଦିଲ୍ଲୀ ମେଟ୍ରୋ ନିକଟରେ ଲଗାଯାଇଥିବା ଦେଶ ବିରୋଧୀ ପୋଷ୍ଟରରୁ ହୋଇଥିଲା। କଶ୍ମୀର ଗେଟ୍ ବସ୍ ଷ୍ଟାଣ୍ଡ ଏବଂ ମେଟ୍ରୋ ଷ୍ଟେସନ ନିକଟରେ ଫ୍ରି କଶ୍ମୀର ପୋଷ୍ଟର ଲଗାଯାଇଥିଲା। ପୁଲିସ ସିସିଟିଭି ଫୁଟେଜରୁ ଦୁଇ ଅଭିଯୁକ୍ତ ଉମର ଫାରୁକ ଓ ରବି-ଉଲ- ଇସ୍‌ଲାମକୁ କୋଲକାତରୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେମାନେ ସ୍ୱୀକାର କରିଥିଲେ ଯେ, ବାଂଲାଦେଶରେ ଥିବା ଶବିର ଅହମ୍ମଦ ଲୋନର ନିର୍ଦ୍ଦେଶରେ ସେମାନେ ଏହି ପୋଷ୍ଟର ଲଗାଇଥିଲେ।

## ପ୍ରେମିକ ସହ ମିଶି ସ୍ୱାମୀକୁ ହତ୍ୟା

ଅମରୋହା, ୩୦ ।୩(ଏଜେନ୍ସି): ଉତ୍ତରପ୍ରଦେଶର ହମରୋହା ଜିଲ୍ଲାରେ ଏକ ଅତ୍ୟନ୍ତ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ନିଜ ପ୍ରେମିକ ଏବଂ ତାଙ୍କ ସାଙ୍ଗ ସହ ମିଶି ନିଜ ସ୍ୱାମୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ହତ୍ୟା କରିବା ପରେ ସେ ନିଜ ପିଲାଙ୍କ ସହ ସ୍ୱାମୀଙ୍କ ଶବ ପାଖରେ ଶୋଇ ରହିଥିଲେ। ମୃତ ବ୍ୟକ୍ତିଙ୍କ ନାମ ମେହେରାଜ, ଯିଏ ପିପଲୌତି କଲା ଗ୍ରାମ୍‌ରେ ଜଣେ ରାଜମିସ୍ତ୍ରୀ ଥିଲେ। ତାଙ୍କ ପତ୍ନୀ ରୁହି, ନିଜ ଭଉଣୀଙ୍କ ଦେଢ଼ଶୂର ଫରମାନଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଉଭୟ ଏକାଠି ହେବାକୁ ଚାହୁଁଥିଲେ। କିନ୍ତୁ ମେହେରାଜ ଏହାକୁ ବିରୋଧ କରୁଥିଲେ। ଖାଦ୍ୟରେ ନିଶା ଔଷଧ ଦେବାପାରେ ମେହରାଜ ଅଚେତ୍ ହେବା ପରେ ରୁହି ନିଜର ପ୍ରେମିକ ଫରମାନ ଓ ତାଙ୍କ ସାଙ୍ଗ ଆଦନାନଙ୍କୁ ଘରକୁ ଡାକିଥିଲେ। ସେମାନେ ମେହେରାଜଙ୍କ ହାତଗୋଡ଼ ବାନ୍ଧି ଧରୁଆ ଛୁରୀରେ ତାଙ୍କ ଗଳା କାଟି ହତ୍ୟା କରିଥିଲେ। ହତ୍ୟାପରେ ଜୁହି ଏହାକୁ ଡକାୟତିର ରୂପ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପୁଲିସର ଶକ୍ତ ପଚରାଉଚରା ପରେ ଜୁହି ସବୁ କଥା ମାନିଯାଇଥିଲା। ପୁଲିସ ହତ୍ୟାରେ ବ୍ୟବହୃତ ଦୁଇଟି ଛୁରୀ ଓ ମୋବାଇଲ ଫୋନ ଜବତ କରିଛି। ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଛି ଓ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ଏମ୍‌ଏଲ୍‌ସି ପଦରୁ ନୀତୀଶଙ୍କ ଇସ୍ତଫା

ପାଟନା, ୩୦ ।୩(ଏଜେନ୍ସି): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋମବାର ବିଧାନ ପରିଷଦର ସଦସ୍ୟତା ତଥା ଏମ୍‌ଏଲ୍‌ସି ପଦରୁ ଇସ୍ତଫା ଦେଇଛନ୍ତି। ବିଜୟ ଚୌଧୁରୀ ଓ ଏମ୍‌ଏଲ୍‌ସି ସଞ୍ଜୟ ଗାନ୍ଧୀ ତାଙ୍କ ଇସ୍ତଫା ପତ୍ର ନେଇ ବିଧାନ ପରିଷଦରେ ପହଞ୍ଚିଥିଲେ। ଏହି ଘଟଣା ବିହାର ରାଜନୀତିରେ ଚର୍ଚ୍ଚା ପାଲଟିଛି। ନୀତୀଶଙ୍କ ଇସ୍ତଫା ଖବର ଶୁଣି ତାଙ୍କ ନିକଟତମ ସହଯୋଗୀ ତଥା ମନ୍ତ୍ରୀ ଆଶୋକ ଚୌଧୁରୀ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ସେ କହିଥିଲେ ଯେ, ନୀତିଶ କୁମାରଙ୍କ ନିଷ୍ପତ୍ତି ସବୁବେଳେ ଦଳ ଓ ରାଜ୍ୟର ସ୍ୱାର୍ଥ ପାଇଁ ହୋଇଥାଏ। ତେବେ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏହି ଘଟଣାକୁ ନେଇ ବିଜେପିକୁ ଘେରିବା ସହ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିଜେପି ଚାପରେ ଆସି ନୀତିଶଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ନୀତୀଶଙ୍କ ବ୍ୟତୀତ ନିତିନ ନବୀନ ମଧ୍ୟ ବିଧାନସଭା ସଦସ୍ୟ ଏମ୍‌ଏଲ୍‌ଏ ପଦରୁ ଇସ୍ତଫା ଦେଇଛନ୍ତି। ନୀତୀଶ ଏବେ ରାଜ୍ୟସଭାକୁ ଯାଇପାରନ୍ତି କିମ୍ବା ଅନ୍ୟ କୌଣସି ସାମ୍ବିଧାନିକ ପଦବୀ ଗ୍ରହଣ କରିପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

### ଲୋକସଭାରେ 'ନକ୍ସଲ ମୁକ୍ତ ଭାରତ' ଉପରେ ଚର୍ଚ୍ଚା

## ଅସ୍ତ୍ର ଉଠାଇଲେ ମୂଲ୍ୟ ଦେବାକୁ ପଡ଼ିବ: ଶାହା

- ନିରୀହ ଆଦିବାସୀଙ୍କୁ ଅନ୍ଧାରରେ ରଖିଥିଲେ ବାମପନ୍ଥୀ
- ବସ୍ତରରେ ଲାଲ ଆତଙ୍କ ପ୍ରାୟ ଶେଷ ହୋଇଗଲାଣି

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି): ଲୋକସଭାରେ ଆଜି ଜୋରଦାର ଚର୍ଚ୍ଚା ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିରୋଧୀ ସଦସ୍ୟ ସରକାରଙ୍କୁ ଘେରି ଥିଲାବେଳେ ଦ୍ୱିତୀୟ ପର୍ଯ୍ୟାୟରେ 'ନକ୍ସଲ ମୁକ୍ତ ଭାରତ' ଉପରେ ଚର୍ଚ୍ଚା ହୋଇଥିଲା। ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସକୁ ନେଇ ବିରୋଧୀ କେନ୍ଦ୍ରକୁ ସମାଲୋଚନା କରିଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହା ଉପରେ ଜବାବ ରଖି ଅନେକ ଦେଶର ମୁଦ୍ରା ତୁଳନାରେ ଟଙ୍କା ସ୍ଥିତି ବହୁତ ଭଲ ଥିବା କହିଥିଲେ। ମାତ୍ର ଆଜି ଟଙ୍କା ମୂଲ୍ୟ ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତରକୁ ଖସି ଯାଇଛି। ଏହା ପରେ ଲୋକସଭାରେ କେନ୍ଦ୍ର ରଖିଥିବା 'ନକ୍ସଲ ମୁକ୍ତ ଭାରତ' ଅଭିଯାନ ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ପୂର୍ବରୁ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବାକୁ ସରକାର ଘୋଷଣା କରିଥିଲେ। ଏହାର ଦିନକ ପୂର୍ବରୁ ସଂସଦରେ ହୋଇଥିବା ଚର୍ଚ୍ଚାରେ ବିରୋଧୀ ଏବଂ ଶାସକ ଦଳର ସାଂସଦଙ୍କ ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗୃହରେ ମନ୍ତବ୍ୟ ରଖିଥିଲେ। ସେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଅଭିଭାଷଣ ଦେଇ କହିଥିଲେ ଯେ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ପ୍ରତ୍ୟାଖ୍ୟାନ କରି ଅସ୍ତ୍ରଶସ୍ତ୍ର ଉଠାଇଲେ ଆଉ ଚଳିବ ନାହିଁ। ଅସ୍ତ୍ର ଉଠାଉଥିବା ଲୋକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ।

ଶାହା କହିଥିଲେ ଯେ ବର୍ଷ ବର୍ଷ ଧରି ନିରୀହ ଆଦିବାସୀମାନଙ୍କୁ ଅନ୍ଧାରରେ ରଖାଯାଇଛି। ବାମପନ୍ଥୀମାନେ ନିଜର ବିଚାରଧାରା ପ୍ରସାର ପାଇଁ ଆଦିବାସୀମାନଙ୍କୁ ବିଭ୍ରାନ୍ତ କରିଛନ୍ତି। କଂଗ୍ରେସ ସ୍ୱାଧୀନତା ପରଠାରୁ ୭୫ ବର୍ଷ ମଧ୍ୟରୁ ୬୦ ବର୍ଷ ଶାସନ କରିଛି। ତଥାପି ଆଦିବାସୀମାନେ ବିକାଶରୁ କାହିଁକି ବଞ୍ଚିତ ରହିଗଲେ? କଂଗ୍ରେସ ୬୦ ବର୍ଷ ମଧ୍ୟରେ ଆଦିବାସୀଙ୍କ ପାଖକୁ ଘର, ସ୍କୁଲ୍ ଏବଂ ମୋବାଇଲ୍ ଟାୱାର ପହଞ୍ଚିବାକୁ ଦେଇନାହିଁ ଏବଂ ଏବେ ହିସାବ ମାଗୁଛି। ଆଗ ନିଜକୁ ଦେଖନ୍ତୁ। ଯେଉଁମାନେ ନକ୍ସଲବାଦକୁ ସମର୍ଥନ କରୁଛନ୍ତି, ସେମାନଙ୍କୁ କହନ୍ତୁ ଯେ ୧୯୭୦ରୁ ଏପର୍ଯ୍ୟନ୍ତ ଏହି ସବୁ କାମ କାହିଁକି ହୋଇପାରି ନଥିଲା? ଏବେ ନକ୍ସଲବାଦ ସମାପ୍ତ କରିବାର ଶ୍ରେୟ କେନ୍ଦ୍ର ଏବଂ ରାଜ୍ୟ ପୁଲିସକୁ ଯାଉଛି। ବସ୍ତରରେ ଲାଲ ଆତଙ୍କ ପ୍ରାୟତଃ ଶେଷ ହୋଇ ଗଲାଣି।

ନକ୍ସଲଙ୍କ ତୁଳନା ଭଗତ ସିଂହଙ୍କ ସହ କରିବାକୁ ନେଇ ଶାହା ସମାଲୋଚନା କରିଥିଲେ। ଏଭଳି ଦୁଃସାହସ କେମିତି କରିପାରିଲେ ବୋଲି କହିଥିଲେ। କିଛି ଲୋକଙ୍କ ମାନବିକତା କେବଳ ଅସ୍ତ୍ରଶସ୍ତ୍ର ଉଠାଇବା ଲୋକଙ୍କ ସହ ଥିବା ଶାହା କଟାକ୍ଷ କରିଥିଲେ। ଛତିଶଗଡ଼ରୁ ନକ୍ସଲ ମୁକ୍ତି ନ ହେବା ପାଇଁ ସେ ପୂର୍ବତନ ଭୁପେଶ ବଘେଲ ସରକାରଙ୍କୁ ଦାୟୀ କରିଥିଲେ। ଏହା କହିବାରୁ ବିରୋଧୀ ଗୃହରେ ହଙ୍ଗାମା କରିଥିଲେ। ମାତ୍ର ବଘେଲ ପଚାରିବାରୁ ତଥ୍ୟ ଦେଲେ ବୋଲି ଶାହା କହିଥିଲେ।

ବିଜୁ ବାବୁଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ପ୍ରସଙ୍ଗ

# ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଦାବି କଲା ବିଜେଡି



**ଭୁବନେଶ୍ୱର,୩୦ ।୩(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅବାଞ୍ଛନୀୟ ମନ୍ତବ୍ୟକୁ ପ୍ରତିବାଦର ସ୍ୱର ତୀବ୍ର ହୋଇଛି । ବିଜୁ ଜନତା ଦଳ ପକ୍ଷରୁ ସାଂସଦଙ୍କ ମନ୍ତବ୍ୟ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଥିବାବେଳେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଆଜି ଧାରଣା ଦିଆଯାଇଛି । ଅନ୍ୟପଟେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଗଣମାଧ୍ୟମରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ଶ୍ରୀ ଦୁବେଙ୍କ ମାନସିକ ବିକୃତି ଘଟିଛି ଓ ଏହି ବକ୍ତବ୍ୟ ତାହାର ପରିଣାମ ବୋଲି କହିଛନ୍ତି ।

- **ରାଜ୍ୟ ବିଜେପି ନେତାଙ୍କ ମୁହଁରେ ତୁଣ୍ଡି ଦୁର୍ଭାଗ୍ୟଜନକ: ପ୍ରମିଳା**
- **ସ୍ୱାଧୀନତା ସଂଗ୍ରାମୀଙ୍କୁ ଏଭଳି ମନ୍ତବ୍ୟ ଅପମାନସୂଚକ: ଦେବୀ**

ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦୁବେଙ୍କ ବକ୍ତବ୍ୟକୁ ନିନ୍ଦା କରିବା ସହିତ ସେ ଓଡ଼ିଶା ତଥା ଦେଶବାସୀଙ୍କ ପାଖରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି । ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ବିଜୁ ବାବୁଙ୍କ ଦେଶ ଓ ବିଶ୍ୱ ପ୍ରତି ଅବଦାନ ସମ୍ପର୍କରେ ଶ୍ରୀ ଦୁବେଙ୍କ ସାମାନ୍ୟତମ ଧାରଣା ନାହିଁ । ସେଥିପାଇଁ ସେ ବିଜୁ ବାବୁଙ୍କ ଭଳି ଜଣେ ମହାନ ଦେଶପ୍ରେମୀଙ୍କ ବିରୋଧରେ ଏପରି ଅରୁଚିକର ମନ୍ତବ୍ୟ ଦେଇଛନ୍ତି । ଏହା ଲୋକଲୋଚନକୁ ଆସିବା ପରେ ରାଜ୍ୟ ତଥା ଦେଶର ଅଗଣିତ ବିଜୁ ପ୍ରେମୀ ଏହାକୁ ତୀବ୍ର ନିନ୍ଦା କରୁଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ରାଜ୍ୟ ଶାସନ ଭାରରେ ଥିବା ବିଜେପି ନେତାଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଛି । ରାଜ୍ୟର ୨୦ ଜଣ ବିଜେପି ସାଂସଦ ମଧ୍ୟ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି । ଓଡ଼ିଆ ଅସ୍ମିତା କହି ରାଜ୍ୟରେ କ୍ଷମତାକୁ ଆସିବା ପରେ ବିଜେପି ନେତାଙ୍କ ଏହା ଓଡ଼ିଆ ଅସ୍ମିତା କି ବୋଲି ଶ୍ରୀମତୀ ମଲ୍ଲିକ ପ୍ରଶ୍ନ କରିଛନ୍ତି । ଏହାସହ ଦୁବେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି । ସେହିପରି ଶ୍ରୀ ମିଶ୍ର କହିଛନ୍ତି ଯେ, ବିଜୁ ବାବୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ବିରଳ ରାଜନେତା । ପ୍ରତିରକ୍ଷା, ଏଭିଏସନ୍ ଓ ଆନ୍ତର୍ଜାତୀୟ ସମ୍ପର୍କ ଉପରେ ଗଭୀର ଜ୍ଞାନ ସହିତ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ରହିଥିଲା । ତାଙ୍କର ଦକ୍ଷତା ପାଇଁ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ବିଭିନ୍ନ ମିଶନ୍‌ରେ ପଠାଯାଇଥିଲା । ଅନେକ ଥର ଜୀବନକୁ ବାଜି ଲଗାଇ ସଂଗ୍ରାମ କରିଥିବା ବିଜୁ ବାବୁଙ୍କୁ ସିଆଇଏ ଏଜେଣ୍ଟ କୁହାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀଙ୍କୁ ଏଭଳି ଅପମାନସୂଚକ ମନ୍ତବ୍ୟ ଘୋର ନିନ୍ଦନୀୟ ବୋଲି କହିବା ସହ ଶ୍ରୀ ଦୁବେଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଦାବି କରିଛନ୍ତି ।

### ନିଶିକାନ୍ତଙ୍କ ମନ୍ତବ୍ୟକୁ ଶ୍ରୀକାନ୍ତଙ୍କ ନିନ୍ଦା

**ଭୁବନେଶ୍ୱର,୩୦।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟକୁ ନିନ୍ଦା କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା । ଶ୍ରୀ ଜେନା କହିଛନ୍ତି, ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଦ୍ୱାରା ଦ୍ୱାରା ଜବାହରଲାଲ ନେହେରୁ ଏବଂ ବିଜୁ ପଟ୍ଟନାୟକଙ୍କ ପରି ବିଶିଷ୍ଟ ନେତୃତ୍ୱଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ କରାଯାଉଛି । ଆହୁରି ଚିନ୍ତାଜନକ କଥା ହେଉଛି ଯେ, ଯେଉଁମାନଙ୍କର ସ୍ୱାଧୀନତା ସଂଗ୍ରାମ ଏବଂ ଦେଶ ଗଠନରେ କୌଣସି ଅବଦାନ ନାହିଁ ସେପରି ଲୋକଙ୍କଠାରୁ ଏଭଳି ମନ୍ତବ୍ୟ ଆସୁଛି । ସେମାନେ ଆଧୁନିକ ଭାରତର ଗଠନରେ ନିଜ ଜୀବନ ଉତ୍ସର୍ଗ କରିଥିବା ଦୂରଦର୍ଶୀ, ଧର୍ମନିରପେକ୍ଷ ଏବଂ ପ୍ରଗତିଶୀଳ ନେତାମାନଙ୍କୁ ନିଶାଣ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି ।

ବିଜୁ ଯୁବ ଓ ଛାତ୍ର ଶାଖାର ତୀବ୍ର ପ୍ରତିବାଦ

## ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ

**ଭୁବନେଶ୍ୱର,୩୦।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମିଥ୍ୟା ଓ ଅପମାନଜନକ ମନ୍ତବ୍ୟକୁ ନେଇ ରାଜ୍ୟବ୍ୟାପୀ ବିଭିନ୍ନ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହିକ୍ରମରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଏହି ହୀନ ମାନସିକତାର ପ୍ରତିବାଦରେ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଏବଂ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବ ଛାତ୍ର ଜନତା ଦଳର କାର୍ଯ୍ୟକର୍ତ୍ତା ମାନେ ବିଜେପି ସାଂସଦଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦଶନ କରିଥିଲେ । ବିଜୁ ବାବୁ କେବଳ ଜଣେ ନେତା ନୁହଁନ୍ତି, ସେ ପ୍ରତିଟି ଓଡ଼ିଆଙ୍କ ଆବେଗ । ତାଙ୍କ ପ୍ରତି କରାଯାଇଥିବା ଏଭଳି ଦାୟିତ୍ୱହୀନ ଟିପ୍ପଣୀକୁ କୌଣସି ବି ଓଡ଼ିଆ ବରଦାସ୍ତ କରିବେ ନାହିଁ ବୋଲି ଯୁବ ଓ ଛାତ୍ର ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।



## ଦେଶରେ ୨୭,୪୨୭ କିମି ପ୍ରାକୃତିକ ଗ୍ୟାସ୍ ପାଇପଲାଇନ୍

**ଭୁବନେଶ୍ୱର,୩୦ ।୩(ସମିସ):** ଦେଶରେ ୨୭,୪୨୭ କିଲୋମିଟର ପ୍ରାକୃତିକ ଗ୍ୟାସ୍ ପାଇପଲାଇନ୍ ନେଟ୍‌ୱର୍କ ରହିଛି । ଲଦାଖ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲକ୍ଷଦ୍ୱୀପକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗ୍ୟାସ୍ ଗ୍ରିଡ୍ ସହିତ ସଂଯୁକ୍ତ ହୋଇଛନ୍ତି । ପାଇପ ଯୋଗେ ଗ୍ୟାସ ଯୋଗାଣର ସ୍ଥିତି ସମ୍ପର୍କରେ ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ କେନ୍ଦ୍ର ପେଟ୍ରୋଲିଅମ୍ ଓ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଜାତୀୟ ଗ୍ୟାସ୍ ଗ୍ରିଡ୍ କାମକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ରାଜ୍ୟ ସରକାରମାନଙ୍କ ସହ ସମନ୍ୱୟ ରକ୍ଷାକରି ବିଭିନ୍ନ ବାଧା ଦୂର କରୁଛନ୍ତି । ଜମି ଅଧିକଗ୍ରହଣ, ଜଙ୍ଗଲ ଓ ପରିବେଶ ଅନୁମତି ଏବଂ ନଦୀ, କେନାଲ୍, ରେଳପଥ ଓ ଜାତୀୟ ରାଜପଥ ଅତିକ୍ରମଣ ସମ୍ବନ୍ଧୀୟ ଅନୁମୋଦନ ପାଇଁ ପ୍ରକ୍ରିୟା ଜାରି ରହିଛି । ସମ୍ପୂର୍ଣ୍ଣ ଦେଶରେ ଗ୍ୟାସ୍ ଗ୍ରିଡ୍ ବିଛାଇବା ସରକାରଙ୍କ ଲକ୍ଷ୍ୟ ରହିଛି । ଏହା ଦେଶର ଶକ୍ତି ସୁରକ୍ଷା ସହ ପରିବେଶ ଅନୁକୂଳ ଇନ୍ଧନ ବ୍ୟବହାରକୁ ବୃଦ୍ଧି କରିବ ବୋଲି ମନ୍ତ୍ରୀ କହିଛନ୍ତି ।

## ପତ୍ନୀ ହତ୍ୟାକାରୀକୁ ଆଜୀବନ ଜେଲ୍



**ଗୁଣୁପୁର,୩୦।୩(ସମିସ):** ପତ୍ନୀ ହତ୍ୟା ମାମଲାର ଆଜି ଗୁଣୁପୁର ଏଡିଜେ ସ୍ୱାମୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ସ୍ୱାମୀ ଜଣକ ହେଲେ ଗୁଣୁପୁର ଥାନା ଅନ୍ତର୍ଗତ ଗାଦିଆଖଳା ପଞ୍ଚାୟତ ବାୟାଗୁଡା ଗ୍ରାମର ସୁରେନ୍ଦ୍ର ଶବର (୩୩) । ଜରିମାନା ଅନାଦେୟ ସେ ଆଉ ଏକ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ ପାଇଛି ।

**ରାୟ ପ୍ରକାଶ କଲେ ଗୁଣୁପୁର ଏଡିଜେ**

ସୂଚନା ଅନୁସାରେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଗାଦିଆଖଳା ପଞ୍ଚାୟତ ବାୟାଗୁଡ଼ା ଗ୍ରାମର ସୁରେନ୍ଦ୍ର ଶବର ଗୁଣପୁର ଢେପ ସାହିର ଝିଲି ବାଉରୀଙ୍କ ଝିଅ ସନ୍ତୋଷୀ ବାଉରୀକୁ ବିବାହ କରିଥିଲେ । ବିବାହ ସମୟରେ ପରିବାରବର୍ଗ ପକ୍ଷରୁ ୩ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ଜିନିଷ ପତ୍ର ପ୍ରଦାନ କରିଥିଲେ । ବିବାହର କିଛି ଦିନ ପରେ ସୁରେନ୍ଦ୍ର ସନ୍ତୋଷୀକୁ ନିର୍ଯାତନା ଦେଇ ଆସୁଥିଲେ । ଗତ ୨୦୨୪ ଏପ୍ରିଲ ୧୮ ତାରିଖ ଭୋର୍ ୫ଟାବେଳେ ସ୍ତ୍ରୀଙ୍କୁ ସ୍ୱାମୀ ସୁରେନ୍ଦ୍ର ଦଉଡ଼ି ଦ୍ୱାରା ତଣ୍ଟି ଚିପି ହତ୍ୟା କରିଥିବା ନେଇ ଗୁଣୁପୁର ଥାନାରେ ଅଭିଯୋଗ ହୋଇଥିଲା । ତେବେ ସନ୍ତୋଷୀ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ ବୋଲି ତାଙ୍କ ସ୍ୱାମୀ କହିଥିଲେ । ପୁଲିସ ସେହି ସମୟରେ ଘଟଣାକୁ ଗୁରୁତର ସହ ନେଇ ସୁରେନ୍ଦ୍ର ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ମୃତକ ମହିଳାଙ୍କ ମା'ର ଅଭିଯୋଗକୁ ଭିତ୍ତି କରି ପୁଲିସ ଦଫା ୪୯୮ (ଏ), ୩୦୨, ୨୦୧, ଧାରା ଯୌତୁକ ନିର୍ଯାତନା ମାମଲା ରୁଜୁ କରି ସୁରେନ୍ଦ୍ରକୁ କୋର୍ଟ ଚାଲାଣ କରିଥିଲେ । ଗିରଫ ହେବା ଦିନଠାରୁ ସୁରେନ୍ଦ୍ର ଜେଲ୍ ମଧ୍ୟରେ ରହି ଆସୁଥିଲେ । ଆଜି ଏହି ମାମଲାର ବିଚାର କରି ଗୁଣୁପୁର ଏଡିଜେ କୋର୍ଟର ବିଚାରପତି ଦେବଦତ୍ତ ପଟନାୟକ ହତ୍ୟା ମାମଲାରେ ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ଓକିଲ ଈଶ୍ୱର ଗମାଙ୍ଗ କେସ୍ ଲଢୁଥିଲେ ।

## ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ



**ରାୟଗଡ଼ା,୩୦।୩ (ସମିସ):** ରାୟଗଡ଼ା ସହରରେ ଆଜି ଅପରାହ୍ନରେ ବଜ୍ରାଘାତରେ ଆମ୍ରଗୁଡା ସାହିର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ଜିତୁ ନାୟକ (୧୯) । ସେ ଆମ୍ରଗୁଡାର କୃଷ୍ଣ ନାୟକଙ୍କ ପୁଅ । ସୂଚନା ଅନୁଯାୟୀ, ଆଜି ଅପରାହ୍ନରେ ରାୟଗଡ଼ା ସହର ସମେତ ନିକଟସ୍ଥ ଅଞ୍ଚଳରେ ବଜ୍ରପାତ ଓ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା । ଅପରାହ୍ନ ପ୍ରାୟ ୪ଟା ସମୟରେ ଜିତୁ ନିଜ ଘରୁ ନିକଟସ୍ଥ ଖୋଲା ଅଞ୍ଚଳକୁ ଶୌଚ ପାଇଁ ଯାଇଥିଲେ । ତେବେ ହଠାତ୍ ବଜ୍ରପାତ ଘଟିଥିଲା । ବଜ୍ରାଘାତରେ ସେ ଆଘାତ ହୋଇ ତଳେ ପଡ଼ିଯାଇଥିଲେ । ତାଙ୍କ ପୋଷାକ ସହ ଶରୀରର କିଛି ଅଂଶ ପୋଡି ଯାଇଥିଲା । ସାହିର କିଛି ଲୋକ ଜିତୁକୁ ପରିବାର ଲୋକଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସମୁଦ୍ରରେ ଗାଧୋଇବା ବେଳେ ବୁଡ଼ିଯାଇ ୨ ମୃତ

**ପୁରୀ,୩୦।୩(ସମିସ):** ପୁରୀ ସମୁଦ୍ରରେ ଦିନକୁ ଦିନ ଅଘଟଣ ବୃଦ୍ଧି ପାଉଛି । ବିଶେଷକରି ସ୍ନାନ ବେଳେ ଦୁର୍ଘଟଣା ଘଟି ପର୍ଯ୍ୟଟକ ମୃତାହତ ହେଉଛନ୍ତି । ଏବେ ସମୁଦ୍ରରେ ପ୍ରଖର ରିପ୍ କରେଣ୍ଟ ରହୁଛି । ଫଳରେ କେହି ଯଦି ଅମାନିଆ ହୋଇ ରିପ୍ କରେଣ୍ଟରେ ପଡୁଛନ୍ତି ତାଙ୍କୁ ଉଦ୍ଧାର କରିବା କାଠିକର ପାଠ ହେଉଛି । ଗତ ଶୁକ୍ରବାର ଗାଧୋଇବା ବେଳେ ରିପ୍ କରେଣ୍ଟରେ ପଡ଼ି ନିଖୋଜ ଯୁବକଙ୍କ ମୃତଦେହ ଶନିବାର ମିଳିଥିଲା । ଏହାର ଦିନକ ପରେ ଅର୍ଥାତ୍ ସୋମବାର ପୁଣି ଘଟିଛି ଅଘଟଣ । ସମୁଦ୍ରରେ ଗାଧୋଉଥିବାବେଳେ ବୁଡ଼ିଯାଇ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ରାଉରକେଲା ସିଭିଲ୍ ଟାଉନ୍‌ସିପ୍ ତାରିଣୀ ମନ୍ଦିର ଅଞ୍ଚଳର ରାଜ୍ ଚନ୍ଦୁ ଓ ଜଗନ୍ନାଥ କଲୋନୀର ଅନିର୍ବାଣ ଗୁରୁ । ସମୁଦ୍ରକୂଳ ଥାନା ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ପୂର୍ବାହ୍ଣରେ ରାଜ୍ ଓ ଅନିର୍ବାଣ ୧୦ ନମ୍ବର ସେକ୍ଟରରେ ସ୍ନାନ କରୁଥିଲେ । ହଠାତ୍ ଏକ ଜୁଆର ମାଡ଼ରେ ସେମାନେ ବୁଡ଼ି ଯାଇଥିଲେ । ନିକଟରେ ଥିବା ଅନ୍ୟ ପର୍ଯ୍ୟଟକମାନେ ଉଦ୍ଧାର କରିବାକୁ ଡାକ ପକାଇଥିଲେ । କିନ୍ତୁ ସେମାନେ ରିପ୍ କରେଣ୍ଟରେ ପଡ଼ି ଭିତରକୁ ଟାଣି ହୋଇଯାଇଥିଲେ । ନିକଟସ୍ଥ ୩ଟି ସେକ୍ଟରର ଲାଇଫ୍‌ଗାର୍ଡମାନେ ଉଭୟଙ୍କୁ ଉଦ୍ଧାର ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ । କିନ୍ତୁ ପ୍ରଖର ରିପ୍ କରେଣ୍ଟ ଯୋଗୁଁ ଉଭୟଙ୍କୁ ୮ ନମ୍ବର ସେକ୍ଟରରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତୁରନ୍ତ ସେମାନଙ୍କୁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସମ୍ପର୍କରେ ସମୁଦ୍ରକୂଳ ଥାନାଧିକାରୀ ମାନସ ଚକ୍ର କହିଛନ୍ତି, ପରିଚୟ ମିଳିବା ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି । ସେମାନେ ପୁରୀ ଆସୁଛନ୍ତି । ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ।

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା

# ତେଜିଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି



**ଭୁବନେଶ୍ୱର,୩୦।୩(ସମିସ):** ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୩ ଜଣ ନିରୀହ ରୋଗୀଙ୍କ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବହିଷ୍କାର ଦାବି ତେଜିବାରେ ଲାଗିଛି । ବିଭିନ୍ନ ଦିଗରୁ ସରକାରଙ୍କ ଉପରେ ଚାପ ସତ୍ତ୍ୱେ ସ୍ୱାସ୍ଥ୍ୟମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ଦେଉନାହାନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ହଟାଇବାକୁ ପଦକ୍ଷେପ ନେଉନାହାନ୍ତି । ଏହି ଘଟଣାକୁ ଆହୁରି ଜୋରଦାର କରିବାକୁ ସୋମବାର ମିଳିତ ବିରୋଧୀଦଳଗୁଡ଼ିକ ପକ୍ଷରୁ ଗାନ୍ଧୀମାର୍ଗରେ ଏକ ବିଶାଳ ଗଣଧାରଣା ଆୟୋଜନ ହୋଇଛି । ଏହି ଧାରଣାରେ ବିଜେଡି, କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍-ଏଲ୍) ଲିବେରେସନ, ଫରୱାର୍ଡ ବ୍ଲକ୍, ଏନସିପି, ଆରଜେଡି, ସମତା କ୍ରାନ୍ତି ଦଳ ଓ ସମାଜବାଦୀ ପାର୍ଟି ପ୍ରମୁଖ ୧୦ଟି ବିରୋଧୀ ଦଳ ଅଂଶ ଗ୍ରହଣ କରି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ।

- **ଗାନ୍ଧୀମାର୍ଗରେ ମିଳିତ ବିରୋଧୀ ଦଳର ବିଶାଳ ଗଣଧାରଣା**
- **ସାମିଲ ହେଲେ ୧୦ ରାଜନୈତିକ ଦଳର ପ୍ରତିନିଧି**
- **ସନ୍ଧ୍ୟାରେ ରାଜ୍ୟପାଳଙ୍କୁ ଭେଟି ଦାବି ପତ୍ର ପ୍ରଦାନ**

ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ସରକାରଙ୍କ ଅକ୍ଷମଣୀୟ ଅବହେଳା ଓ ବ୍ୟବସ୍ଥାପନା ବିଫଳତାକୁ ନିନ୍ଦା କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏଠାରେ ଦୃଢ଼ ଦାବି କରାଯାଇଛ । ମିଳିତ ବିରୋଧୀ ଦଳମାନଙ୍କ ତରଫରୁ ମୃତକ ପରିବାର ପ୍ରତି ସମବେଦନା ଜ୍ଞାପନ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା କିମ୍ବା ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଦାବି କରାଯାଇଥିଲା । ଏହାସହ ପ୍ରତ୍ୟେକ ମୃତକ ପରିବାରକୁ ଅନ୍ୟୁନ ୧ କୋଟି ଟଙ୍କା କ୍ଷତିପୂରଣ ଓ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରୀ, ଉଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ନ୍ୟାୟିକ ତଦନ୍ତ ଏବଂ ତୁରନ୍ତ ରିପୋର୍ଟ ପ୍ରକାଶ ପାଇଁ ଦାବି ହୋଇଥିଲା । ଏହାସହ ସମସ୍ତ ଆହତଙ୍କୁ ମାଗଣା ଉଚ୍ଚମାନର ଚିକିତ୍ସା ଓ ଅନ୍ୟୁନ ୫ ଲକ୍ଷ ଟଙ୍କା ସହାୟତା, ହସ୍ପିଟାଲ ଅଧୀକ୍ଷକଙ୍କ ସହ ଏହି ଅପରାଧ ପାଇଁ ଦାୟୀ ଅଧିକାରୀ, କର୍ମଚାରୀ ଓ ବିଦ୍ୟୁତ ଠିକାଦାରଙ୍କୁ ତୁରନ୍ତ ଗିରଫ, ସମସ୍ତ ସରକାରୀ ଓ ବେସରକାରୀ ହସ୍ପିଟାଲର ଫାୟାର ସେଫ୍ଟି ଓ ସୁରକ୍ଷା ଅଡିଟ୍ ଇତ୍ୟାଦି ଦାବିଗୁଡ଼ିକ ପୂରଣ ନହେଲେ ଆନ୍ଦୋଳନକୁ ରାଜ୍ୟବ୍ୟାପୀ ତୀବ୍ରତ୍ତର କରାଯିବ ବୋଲି ସରକାରକୁ ଚେତାବନୀ ଦିଆଯାଇଛି । କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, କଂଗ୍ରେସର ବରିଷ୍ଠ ନେତା ଦେବାଶିଷ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ୍. ନାରାୟଣ ରେଡ୍ଡୀ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ୍ ଏଲ)- ଲିବେରେସନ ରାଜ୍ୟ ନେତା ମହେନ୍ଦ୍ର ପରିଡା, ଫରୱାର୍ଡ ବ୍ଲକ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସମତା କ୍ରାନ୍ତି ଦଳ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାସ ସାମନ୍ତରା, ଏନସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ନେତା ପ୍ରଦୀପ ମିଶ୍ର, ଆର୍ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ୧୦ଟି ବିରୋଧୀ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ମିଳିତ ଧାରଣାକୁ ପରିଚାଳନା କରିଥିଲେ । ଏହି ବିକ୍ଷୋଭ ପରେ ସନ୍ଧ୍ୟାରେ ମିଳିତ ବିରୋଧୀ ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ କରାଯାଇଥିବା ବେଳେ ଏହି ଦାବିପତ୍ର ପ୍ରଦାନ କରାଯାଇଛି ।

ବିଜେଡି ତରଫରୁ ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ଡଃ ଅରୁଣ ସାହୁ, ଗଣେଶ୍ୱର ବେହେରା, ଗୌତମ ବୁଦ୍ଧ ଦାସ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଲେଖାଶ୍ରୀ ସାମନ୍ତସିଂହାର, ପ୍ରୀତି ରଞ୍ଜନ ଘଡେଇ, ଚିନ୍ମୟ ସାହୁ, ଇପିସିତା ସାହୁ, ଧ୍ରୁବ ସାହୁ, ଭୃଗୁ ବକ୍ସିପାତ୍ର, ସୁଲୋଚନା ଦାସ, ସୁବାସ ସିଂହ, ରମେଶ ବେହେରା, ବିଜୟ ନାୟକ, କଂଗ୍ରେସ ତରଫରୁ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ପ୍ରସାଦ ହରିଚନ୍ଦନ, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ସି.ଏସ୍. ରାଜନ ଏକା, ଅଶୋକ ଦାସଙ୍କ ସମେତ ଅନ୍ୟ ବହୁ ନେତୃବୃନ୍ଦ ଉଦ୍‌ବୋଧନ ଦେଇଥିଲେ ।

ମିଳିତ ବିରୋଧୀ ଦଳର ଗଣଧାରଣାରେ ନବୀନଙ୍କ ବାର୍ତ୍ତା

# ଉତ୍ତରଦାୟିତ୍ୱ ନେବାକୁ ରାଜ୍ୟ ସରକାର ବାଧ୍ୟ

**ଭୁବନେଶ୍ୱର,୩୦।୩(ସମିସ):** ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଛି । 'ମୋ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ' । ମୋ ଓଡ଼ିଶାର ୧୩ ଟି ନିରୀହ ଜୀବନ ସରକାରୀ ଅବହେଳାରୁ ଏସ୍‌ସିବି ପରି ଦେଶର ପ୍ରତିଷ୍ଠିତ ଡାକ୍ତରଖାନାରେ ଚାଲିଗଲା । ଏତେବଡ଼ ଘଟଣାରେ ମୁଁ କେମିତି ଚୁପ୍ ରହିପାରିବି । ଏହି ଦୁର୍ଘଟଣାରେ ମୋ ଓଡିଶା ମାଟିର ୧୩ ଜଣ ଓଡିଆ ଭାଇ ଭଉଣୀଙ୍କ ଜୀବନ କେବଳ ଯାଇନାହିଁ, ସେମାନଙ୍କ ପରିବାରର ସ୍ୱପ୍ନ ମଧ୍ୟ ଅବହେଳାର ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଛି ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି । ସୋମବାର ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ମିଳିତ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଗାନ୍ଧୀ ମାର୍ଗରେ ଆୟୋଜିତ ଗଣଧାରଣାକୁ ସମର୍ଥନ ଜଣାଇ ଏକ ବାର୍ତ୍ତାରେ ନବୀନ ପଟ୍ଟନାୟକ କହିଛନ୍ତି, ସରକାରୀ ସ୍ୱାସ୍ଥ୍ୟ ଉପରୁ ଲୋକଙ୍କ ଭରସା ତୁଟି ଯାଇଛି । ଓଡ଼ିଶାର ସାଢ଼େ ଚାରିକୋଟି ଲୋକଙ୍କ ବିଶ୍ୱାସ ଏସ୍‌ସିବି ପରି ଏତେବଡ଼ ଅନୁଷ୍ଠାନ ଉପରୁ ଭାଙ୍ଗିଗଲା । ଆମେ କେମିତି ଚୁପ୍ ରହି ଏତେବଡ ସରକାରୀ ଉଦାସୀନତାକୁ ସହି ପାରିବା ବୋଲି ନବୀନ ପ୍ରଶ୍ନ କରିଛନ୍ତି ।

- **ଓଡ଼ିଶାବାସୀଙ୍କ ଜୀବନକୁ ବାଜି ଲଗାଇ ସରକାର ଖସିପାରିବେ ନାହିଁ**
- **ସରକାରୀ ଅବହେଳାରୁ ମୋ' ଓଡ଼ିଶା ମାଟିର ୧୩ଟି ନିରୀହ ଜୀବନ ଚାଲିଗଲା**

ସେ କହିଛନ୍ତି, ଭଗବାନ କରନ୍ତୁ ଯେ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନ ହେଉ । ଲୋକଙ୍କ ସରକାର ବୋଲି ଢୋଲ ପିଟୁଥିବା ଡବଲ ଇଞ୍ଜିନ ସରକାରର ଉତ୍ତରଦାୟିତ୍ୱ କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଓଡିଶାବାସୀଙ୍କ ବିପୁଳ ସମର୍ଥନରେ କେନ୍ଦ୍ରରେ ଗଢ଼ା ଯାଇଥିବା ମେଣ୍ଟ ସରକାରର ମନ୍ତ୍ରୀମାନଙ୍କ ମାନବିକତା କୁଆଡେ ଗଲା ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଓଡିଶାବାସୀଙ୍କ ବିଶ୍ୱାସ ଆଜି ସଙ୍କଟରେ । ଏସ୍‌ସିବିର ଗୌରବ ଆଜି ସଙ୍କଟରେ । ରାଜ୍ୟରେ ସ୍ୱାସ୍ଥ୍ୟ ସେବାର ବିଶ୍ୱସନୀୟତା ଆଜି ସଙ୍କଟରେ । ଓଡିଶାବାସୀ ଆଜି ଉତ୍ତରଦାୟିତ୍ୱ ମାଗୁଛନ୍ତି । ମନ୍ତ୍ରୀ ପଦ ସହ ଉତ୍ତରଦାୟିତ୍ୱ ସବୁବେଳେ ଯୋଡି ହୋଇ ରହିଛି ବୋଲି ଶ୍ରୀ ପଟ୍ଟନାୟକ ମତ ଦେବା ସହ ସାଢେ ଚାରି କୋଟି ଓଡିଆଙ୍କ ଜୀବନକୁ ବାଜିରେ ଲଗାଇ ବିଜେପି ସରକାର ଖସି ଯାଇ ପାରିବ ନାହିଁ ବୋଲି ସତର୍କ କରି ଦେଇଛନ୍ତି । ଏଭଳି ସମ୍ବେଦନଶୀଳ ଘଟଣାଗୁଡିକରେ ଉତ୍ତରଦାୟିତ୍ୱ ନେଇ ପୂର୍ବ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନଜୀର ରହିଛି । ତେଣୁ ଏହି ଦୁର୍ଘଟଣା ପାଇଁ ଉତ୍ତରଦାୟିତ୍ୱ ନେବାକୁ ବିଜେପି ସରକାର ବାଧ୍ୟ । ସେ ପର୍ଯ୍ୟନ୍ତ ଆମର ଲଢେଇ ଜାରି ରହିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟୋକ୍ତି କରିଥିଲେ । ସୂଚନାଯୋଗ୍ୟ ଯେ ଆଜିର ଏହି ଗଣ ଧାରଣାରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପାଠ କରିଥିଲେ ।

## ହଷ୍ଟେଲ ଖାଦ୍ୟ ଖାଇ ୧୪ ଛାତ୍ରୀ ଅସୁସ୍ଥ



**ମୋରଡା,୩୦।୩(ସମିସ):** ମୋରଡା ବ୍ଲକ୍ ଅଧୀନ ଭାଲିଆଡିହା ପଞ୍ଚାୟତରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ୧୪ ଜଣ ଛାତ୍ରୀ ହଷ୍ଟେଲ ଖାଦ୍ୟ ଖାଇ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଭାଲିଆଡ଼ିହାରେ ଥିବା ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୨୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ତେବେ କସ୍ତୁରବା ଗାନ୍ଧୀ ହଷ୍ଟେଲରେ ୧୭୦ ଜଣ ଛାତ୍ରୀ ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ୧୨୦ ଜଣ ରହିଛନ୍ତି । ୱାର୍ଡେନ ତଥା ଶିକ୍ଷୟିତ୍ରୀ ସୁଜାତା ପଣ୍ଡା ଓ ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାନ୍ତଙ୍କ କହିବା ମୁତାବକ ଗତକାଲି ୪୧ ଜଣ ଛାତ୍ରୀ ଦିନ ୧୦ଟା ସମୟରେ ନୃତ୍ୟ ପରିବେଷଣ କରିବା ପାଇଁ ବେତନଟୀ ଯାଇଥିଲେ । ସେମାନେ ସେଠାରେ ଖାଦ୍ୟ ଖାଇ ଆସି ହଷ୍ଟେଲରେ ରାତ୍ରଭୋଜନ କରିଥିଲେ । ସକାଳେ ବିସ୍କୁଟ ଓ ପରେ ଭାତ, ଡାଲି, ଖଟା ଓ ସୋୟାବିନ ତରକାରୀ ଖାଇ ସାରିବା ପରେ ୧୪ ଜଣଙ୍କ ପେଟ ଓ ମୁଣ୍ଡବଥା କରିବା ସହ ଜ୍ୱର ହୋଇଥିଲା । ସଙ୍ଗେ ସଙ୍ଗେ ସେମାନଙ୍କୁ କିଶାନତାଣ୍ଡି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ପିଲାଙ୍କ ଚିକିତ୍ସା କରୁଥିବା ଡାକ୍ତର ଚନ୍ଦ୍ରମୋହନ ସିଂଙ୍କୁ ପଚାରିବାରୁ ଏହା ଦୂଷିତ ଖାଦ୍ୟ ଯୋଗୁଁ ଘଟିଥିବା ପ୍ରକାଶ କରିଥିଲେ । ପିଲାମାନଙ୍କୁ ପ୍ରାଥମିକ ଚିକିତ୍ସା କରିବା ପରେ ପିଲାମାନେ ସୁସ୍ଥ ଥିବା ଜଣାପଡିଛି । ଏ ସମ୍ପର୍କରେ ବିଇଓ ବିଜୟ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ମେଡିକାଲ ଟିମ ଓ ବିଡିଓଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି । ସେମାନେ ଆସି ପାଣି ପରୀକ୍ଷା କରିବେ ବୋଲି କହିଛନ୍ତି ।

ପଶ୍ଚିମବଙ୍ଗକୁ ଗୋରୁ ଚୋରାଚାଲାଣ ବେଳେ ପୁଲିସର ଚଢ଼ଉ

## ୧୬୯ ଗୋରୁ ଉଦ୍ଧାର, ୩ ଅଟକ

**ବାରିପଦା,୩୦ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ଦେଇ ପଶ୍ଚିମବଙ୍ଗକୁ ଗୋରୁ ଚୋରାଚାଲାଣ ଉପରେ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବାରିପଦା ସଦର ଓ ଶୁଳିଆପଦା ଥାନା ପୁଲିସର ପୃଥକ ଚଢ଼ଉରେ ୧୬୯ ଗୋରୁ ଉଦ୍ଧାର ହେବା ସହ ୩ ଜଣ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି । ତତସହିତ ୨ଟି ପିକ୍ ଅପ୍ ଭ୍ୟାନ ଜବତ କରାଯାଇଛି ।

ସୂଚନା ମୁତାବକ, ଏକ ବଡ଼ ଧରଣର ଗୋ-ଚାଲାଣ ରାକେଟ୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ଏହି ଖବର ଆଧାରରେ ଉଭୟ ଥାନା ପୁଲିସକୁ ସତର୍କ କରାଯାଇ ବିଭିନ୍ନ ସ୍ଥାନରେ ଚେକିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ସଦର ଥାନା ପୁଲିସ ଚଢ଼ଉ କରିବା ସମୟରେ ରଜାବସା ଝିଲିମିଲି ଛକ ନିକଟସ୍ଥ ଏକ ପଡ଼ିଆରେ ଗୋରୁଗୁଡ଼ିକୁ ଓହ୍ଲାଇ ଦେଇ ପିକଅପ୍ ଗାଡ଼ିଗୁଡ଼ିକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସେଠାରୁ ୧୫୨ଟି ଗୋରୁକୁ ପୁଲିସ ସୁରକ୍ଷିତ ଭାବେ ଉଦ୍ଧାର କରିଛି । ଏହି ଚୋରା ଚାଲାଣରେ ଏସକୋର୍ଟ ଦେଉଥିବା ସନ୍ଦେହରେ ଏକ ଗାଡ଼ି ସହ ୩ ଜଣ ବ୍ୟକ୍ତିଙ୍କୁ ପୁଲିସ ଅଟକ ରଖି ପଚରାଉଚରା ଜାରି ରଖିଛି । ଅନ୍ୟପଟେ ସଦର ଥାନା ଅଞ୍ଚଳରୁ ଖସି ପଳାଇଥିବା ୨ଟି ଗୋରୁ ବୋଝେଇ ପିକଅପ୍ ଭ୍ୟାନକୁ ଶୁଳିଆପଦା ପୁଲିସ କାବୁ କରିଛି । ତେବେ ପୁଲିସକୁ ଦେଖି ଗାଡ଼ିର ଡ୍ରାଇଭର ଓ ଅନ୍ୟ ସହଯୋଗୀ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛନ୍ତି । ସେହି ଗାଡ଼ିରୁ ଆଉ ୧୭ଟି ଗୋରୁ ଉଦ୍ଧାର କରାଯାଇଛି ।

### ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ନବନିର୍ମାଣ କୃଷକ ସଂଗଠନ

# ଧାନଗାଡ଼ି ଆଗେ ଆଗେ ସାଷ୍ଟାଙ୍ଗ ଦଣ୍ଡବତ

**ଯାଜପୁର, ୩୦।୩(ସମିସ)**



ଚଳିତ ବର୍ଷ ସାରା ଯାଜପୁର ଜିଲ୍ଲାରେ ଆଶାଧିକ ସରସ ସୁନ୍ଦର ଧାନ ଅମଳ ହୋଇଛି। ଚାଷୀଙ୍କର ଅମଳ ଏତେ ସ୍ୱଚ୍ଛ ହୋଇଥିଲେ ମଧ୍ୟ ଧାନ ମଣ୍ଡିରେ ହଟହଟା ପ୍ରସଙ୍ଗ ସାରା ଯାଜପୁର ଚାଷୀଙ୍କୁ ହତୋତ୍ସାହ କରିଛି। ଟୋକନ ଲାପ୍ସ ହେବା ପରେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। ଅମଳ ମୁତାବକ ଟୋକନ ମିଳି ନ ଥିବାରୁ ଚାଷୀ ଅମଳ ଧାନକୁ ଘର ବାରଣ୍ଡାରେ ଥାକ ମାରି ବସିଛି। ଭାଗ ଚାଷୀ ବଞ୍ଚିବାକୁ ରାହା ଖୋଜୁଛି। ତେବେ ଏ ବିଭିନ୍ନ ସମସ୍ୟାକୁ ନେଇ କିଛିଦିନ ତଳେ ନବନିର୍ମାଣ କୃଷକ ସଂଗଠନର ଚାଷୀମାନେ ଯାଜପୁର ଜିଲ୍ଲା ମହୋତ୍ସବ ମଞ୍ଚରେ ଚଢ଼ି ନିଆରା ଭାବରେ ପ୍ରତିବାଦ ଜଣାଇଥିଲେ। ୧୫ ଜଣ ଗିରଫ ହୋଇ ଶେଷରେ ୨୨ଘଣ୍ଟା ପରେ ଘରକୁ ଫେରିଥିଲେ। ପ୍ରଶାସନର ନିଦ ନ ଭାଙ୍ଗିବାରୁ ୨୬ ତାରିଖରେ ଜିଲ୍ଲାପାଳ ନିଜେ ଏକ କେନ୍ଦ୍ରୀୟ ମଣ୍ଡି ଖୋଲି ବଳକା, ଲାପ୍ସ ଓ ଭାଗଚାଷୀର ଧାନ କିଣନ୍ତୁ ବୋଲି କହିଥିଲା ସଂଗଠନ। ତଥାପି ଜିଲ୍ଲା ପ୍ରଶାଶନର କୌଣସି ଆଲୋଚନା ବିମର୍ଷ ନ ହୋଇପାରିବାରୁ ଆଜି ସଂଗଠନ ପକ୍ଷରୁ ଏକ ଅଭିନବ ଉପାୟରେ ଚାଷୀମାନଙ୍କ ଧାନ ଧରି ଆସିଥିଲେ। ଯାଜପୁର ସହରର ମାନସା ପୋଲ ନିକଟରୁ ଚାଷୀମାନେ ଟ୍ରାକ୍ଟର, ପିକ୍ଅପ, ଡାଲା ଅଟୋରେ ଭର୍ତ୍ତିଧାନ ଗାଡ଼ି ସହ, ଗାଡି ଆଗେ ଆଗେ ସାଷ୍ଟାଙ୍ଗ ଦଣ୍ଡବତ କରି କରି ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ। ଚାଷୀମାରଣ ନୀତିକୁ ନିନ୍ଦା କରିବା ସହ ଗରିବ ନିରୀହ ଚାଷୀର ଧାନକୁ ଜିଲ୍ଲାପାଳ କିଣିବା ପାଇଁ ବିକଳ୍ପ ବାହାର କରିବାକୁ ଗୁହାରି ଜଣାଉଥିଲେ। ଜିଲ୍ଲାରେ ସମ୍ପୂର୍ଣ୍ଣ ଧାନ କିଣା ନ ସରିବା ଯାଏ ଧାନ କିଣା ସମୟସୀମା ଆଉ ୧୫ ଦିନ ବୃଦ୍ଧି ପାଇଁ ଜୋରଦାର ଦାବି କରିଥିଲେ। ସୂଚନା ଅନୁସାରେ ଚଳିତ ବର୍ଷ ଚାଷୀମାନଙ୍କର ପଞ୍ଜୀକରଣ ଅନୁଯାୟୀ ଜିଲ୍ଲାରେ ୧୮୨ ଗୋଟି ମଣ୍ଡିର ବ୍ୟବସ୍ଥା ହୋଇଥିଲେ ହେଁ, ଗତ ୨୭ ତାରିଖ ସୁଦ୍ଧା ସମୁଦାୟ ୧୯ ଲକ୍ଷ ୫୫ ହଜାର ୬୪୯ କ୍ୱିଣ୍ଟାଲ ଧାନରୁ ୧୯ ଲକ୍ଷ ୯ ହଜାର ୫୮୫ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି। ଉକ୍ତ ଦିନର ତଥ୍ୟ ଆଧାରରେ ଆହୁରି ୧୪୦୦ ଟୋକନଧାରୀଙ୍କର ୫୩୭୮ କ୍ୱିଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରହିଛି। ସଂଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ କହିବା ଅନୁସାରେ ଜିଲ୍ଲାର ଚାଷୀମାନଙ୍କ ହତାକର୍ତ୍ତା ହେଉଛନ୍ତି ଜିଲ୍ଲାପାଳ। ଗତ ୨୭ ତାରିଖ ତଥ୍ୟ ଆଧାରରୁ ବୁଝାପଡେ ଯେ, ପ୍ରତ୍ୟେକ ମଣ୍ଡିରେ କ୍ୱିଣ୍ଟାଲ ପିଛା ୭/୮ କେଜି କଟନୀ ଛଟନୀ କରାଯିବା ସହ ୫୦/୮୦ ଟଙ୍କା ଲେଖାଏଁ ହାତଗୁଞ୍ଜା ନେବା ଓ ଲୋଡିଂ ବାବଦକୁ ଅଖା ପିଛା ୧୦ ଟଙ୍କା ସିଧାସଳଖ ଚାଷୀଠାରୁ ଲୁଟ ହେଉଛି। କ୍ୱିଣ୍ଟାଲ ପିଛା ୭ କିଲୋ ହିସାବରେ ୨୦ ଲକ୍ଷ କ୍ୱିଣ୍ଟାଲରୁ ଲକ୍ଷେ ଚାଳିଶ ହଜାର କ୍ୱିଣ୍ଟାଲ ଅର୍ଥାତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଆଧାରରେ ୪୩ କୋଟି ୪୦ ଲକ୍ଷ ଟଙ୍କା ଆତ୍ମସାତ ହୋଇ ସାରିଲାଣି। ଅଥଚ ଜିଲ୍ଲାପାଳଙ୍କ ହାତରେ ମିଲରଙ୍କ ହାତକଡ଼ି ପଡ଼ିଛି ବୋଲି କହିଛନ୍ତି ଶ୍ରୀ ରାୟ। ଅନ୍ୟପଟେ ଚାଷୀମାନଙ୍କ ଏହି ଅଭିନବ ପ୍ରତିବାଦ ଓ ଗୁହାରି ଦଣ୍ଡଯାତ୍ରା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୁଅନ୍ତେ ଅତିରିକ୍ତ ରାଜସ୍ୱ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଚାଷୀମାନଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ଯେଉଁ ଚାଷୀମାନଙ୍କର ଧାନ ବଳକା ରହିଛି କିମ୍ବା ଟୋକନ ଲାପ୍ସ ହୋଇଛି, କିମ୍ବା ଭାଗଚାଷୀର ଧାନ ରହିଛି, ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ। ତାଲିକା ପାଇବା ପରେ ତଦନ୍ତ କରାଯାଇ ଚାଷୀଙ୍କ ଧାନ କିଣିବାରେ ନିଶ୍ଚୟ ପ୍ରଶାସନ ଚାଷୀଙ୍କ ସ୍ୱାର୍ଥରେ ସୁବନ୍ଦୋବସ୍ତ କରିବା ସହ ସୁପଦକ୍ଷେପ ନେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ ଚାଷୀମାନଙ୍କ ତାଲିକା ପ୍ରସ୍ତୁତ କରି ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କୁ ଦେଇଥିଲେ। ଆଉ ଯଥାଶୀଘ୍ର ଜିଲ୍ଲାର ପ୍ରତ୍ୟେକ ମଣ୍ଡିରେ ଅତିରିକ୍ତ ଅଧିକାରୀମାନ ନିୟୋଜିତ କରି ଚାଷୀ ବାରଣ୍ଡାରୁ ଧାନ କିଣି ନେବାକୁ ଦାବି କରିଥିଲେ। ଏହି ଚାଷୀ ଦଣ୍ଡଯାତ୍ରାରେ ମାଧବାନନ୍ଦ ଶାନ୍ତି, ପ୍ରଫୁଲ୍ଲ କଣ୍ଡ, ଧନଞ୍ଜୟ ବିଶ୍ୱାଳ, ଅଜୟ ରାଉତ, ହେମନ୍ତ ଧଳ, ଦିଲ୍ଲୀପ ବେହେରା, ଶ୍ରୀଧର ମହଲ, ହରିଶ ଦଳେଇ, ବଲ୍ଲଭ ଜେନା, ଅରୁଣ ସ୍ୱାଇଁ, ପ୍ରଫୁଲ୍ଲ ନାୟକ, ସୁବ୍ରତ ସାହୁ, ମହେନ୍ଦ୍ର ସାହୁ, ସୁଶାନ୍ତ ଦାସ, ଅବିନାଶ ନାୟକ ପ୍ରମୁଖ ସାମିଲ ହୋଇ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି ଜଣାଇଥିଲେ।

### ଥାନା ହାଜତରୁ ଅଭିଯୁକ୍ତ ଫେରାର ଘଟଣା

## ୩ ଅଭିଯୁକ୍ତ କୋର୍ଟ ଚାଲାଣ

**ବ୍ରହ୍ମବରଦା, ୩୦।୩(ସମିସ):** ବ୍ରହ୍ମବରଦା ଥାନା ହାଜତରୁ ଫେରାର ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଅନ୍ୟ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବା ନେଇ ଆଜି ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ବ୍ରହ୍ମବରଦା ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଗତ ଶୁକ୍ରବାର ସନ୍ଧ୍ୟାରେ ଏକ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଉତ୍ତରପ୍ରତାପ ପଞ୍ଚାୟତ ଚାନ୍ଦମୋହିନୀ ଗ୍ରାମର ଆଶିଷ ବେହେରା(ସୋନୁ)ଙ୍କୁ ଥାନାରେ ଅଟକ ରଖାଯାଇଥିଲା। ହେଲେ ପୁଲିସ କର୍ମଚାରୀଙ୍କ ଅବହେଳାର ସୁଯୋଗ ନେଇ ଅଭିଯୁକ୍ତ ଆଶିଷ ଥାନା ହାଜତରୁ ଚମ୍ପଟ ହୋଇଯାଇଥିଲା। ଘଟଣାକୁ ନେଇ ଯାଜପୁର ଏସ୍‌ପି ୩ ଜଣ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚାନ୍ଦମୋହିନୀ ଗ୍ରାମର ଏକ କାଜୁ ବଗିଚାରୁ ଆଶିଷକୁ କାବୁ କରିଥିବା ବେଳେ ସହଯୋଗକାରୀ ଭାବେ ତାଙ୍କ ବାପା ଅଶୋକ ବେହେରା(୫୫) ଓ ଚୋରି ସାମଗ୍ରୀ ରଖିଥିବା କୁଣ୍ଡପାଟଣା ଗ୍ରାମର ଜୟଦେବ ଦାଶ(୪୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା କହିଛନ୍ତି। ଗିରଫ କରିବା ବେଳେ ଅଭିଯୁକ୍ତଙ୍କ ନିକଟରୁ ଦୁଇଟି ଫ୍ୟାନ, କିଛି ଗ୍ରୋସରୀ ସାମଗ୍ରୀ, ଗୋଟିଏ ହିରୋ ସ୍ପେଣ୍ଡର ବାଇକ, ଗୋଟିଏ ସାମସଙ୍ଗ ଟାବଲେଟ, ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ତେବେ ଅଭିଯୁକ୍ତ ଆଶିଷ ବେହେରାଙ୍କ ନାମରେ ପୂର୍ବରୁ କୁଣ୍ଡପାଟଣା ମେଡିକାଲରୁ ଚୋରି କେସ ନମ୍ବର୨୩୨/୨୫ରେ ମାମଲା ରୁଜୁ ହୋଇଥିବା ବେଳେ ମଙ୍ଗରାଜପୁର ଦେଉଳି ଗ୍ରାମର ଏକ ଗ୍ରୋସରୀ ଦୋକାନରୁ ଚୋରି କେସ ନମ୍ବର ୧୧/୨୬ରେ ମାମଲା ରୁଜୁ ହୋଇଛି। ସେହିପରି ବ୍ରହ୍ମବରଦା ବରଦାସାହି ଅଞ୍ଚଳରୁ ଚିନ୍ମୟ କୁମାର ରାଉତ(ରାଜୁ)ଙ୍କ ବାଇକ ଚୋରି କରିବା ଘଟଣାରେ କେସ ନମ୍ବର ୫୮/୨୬ ଓ ବ୍ରହ୍ମବରଦା ଥାନାରୁ ଚୋରି କରିବା ଘଟଣାରେ କେସ ନମ୍ବର ୫୯/୨୬ରେ ୪ଟି ମାମଲା ରୁଜୁ ହୋଇଥିବା ଜାଣିବାକୁ ମିଳିଛି।

## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର




**ଦାନଗଦି, ୩୦।୩(ସମିସ):** ଦାନଗଦି ବ୍ଲକ ଟୋଲକାନି ସ୍ଥିତ ଝାଡ଼େଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ର ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଉଦଘାଟନ କରିଥିଲେ। ସାତ ଦିନ ଧରି ଚାଲିଥିବା ଏହି ଶିବିରର ବିଭିନ୍ନ ଦିବସରେ ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ଗୋକୁଳ ବିହାରୀ ପୃଷ୍ଟି, କଲେଜର ପ୍ରତିଷ୍ଠାତା ଦୀନବନ୍ଧୁ ପୃଷ୍ଟି, ଡିଗ୍ରୀ କଲେଜର ଅଧ୍ୟକ୍ଷ ବିଜୟ କୁମାର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ଦେବେନ୍ଦ୍ର ନାଥ ପୁହାଣ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଶିବିରରେ ୫୦ ଜଣ ଶିବିରାର୍ଥୀ ଭାବେ ଯୋଗଦେଇ ବିଭିନ୍ନ ଦିବସରେ କଲେଜ ଓ ଛାତ୍ରାବାସ ପରିସର ସଫେଇ, ପୁଷ୍କରିଣୀ ସଫେଇ, ଝାଡ଼େଶ୍ୱର ମନ୍ଦିର ଓ ମଙ୍ଗଳା ମନ୍ଦିରର ପ୍ରାଙ୍ଗଣ ସଫେଇ, ପଥପ୍ରାନ୍ତ ନାଟକ ମାଧ୍ୟମରେ ନିରକ୍ଷରତା ଓ କୁସଂସ୍କାର ବିରୋଧରେ ସଚେତନତା ସୃଷ୍ଟି କରିଥିଲେ। ଶିବିରର ଉଦଯାପନୀ ଦିବସ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସ୍‌ଏସ୍‌ର ଜିଲ୍ଲା ସଂଯୋଜକ ସୁଦୀପ୍ତ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମହାଦେବ ଟୁଡୁ ଓ ଦୁର୍ଗା ମୁର୍ମୁଙ୍କୁ ସର୍ବୋତ୍ତମ ସ୍ୱେଚ୍ଛାସେବୀ ଭାବେ ପ୍ରମାଣପତ୍ର ଓ ଟ୍ରଫି ଦେଇ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ରଞ୍ଜନ କୁମାର ସାହୁ ଏହି ଶିବିର ପରିଚାଳନା କରିଥିଲେ। ଅଧ୍ୟାପିକା ମୀରାମ୍ବିକା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ପାରିଜାତ ମହାନ୍ତି ଓ କଲ୍ୟାଣୀ ମହାନ୍ତ, ଅଧ୍ୟାପକ ଖଗେଶ କୁମାର ଜେନା, ମୁନା ନାୟକ, ଅମର ସେଠୀ, ରଞ୍ଜନ ଖଣ୍ଡା, ଶ୍ରୀମନ୍ତ ନାୟକ, ଗୋବର୍ଦ୍ଧନ ସାହୁ, ବାଇଧର ସାହୁ ପ୍ରମୁଖ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏଥିରେ ସହଯୋଗ କରିଥିଲେ। ଅଧ୍ୟାପିକା ଇତିଶ୍ରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ଜନସଚେତନତା କାର୍ଯ୍ୟକ୍ରମ

**ପ୍ରୀତିପୁର, ୩୦।୩(ସମିସ):** ବରୁଣେଇ ବରିଷ୍ଠ ନାଗରିକ ସଂଘ ଫତେପୁର ଦ୍ୱାରା ଶିଶିରଣା ଗ୍ରାମର ଜାଗୁଳାଇ ଯୁବକ ସଂଘ ପ୍ରାଙ୍ଗଣରେ ଏକ ପଥପ୍ରାନ୍ତ ଜନ ସଚେତନତା କାର୍ଯ୍ୟକ୍ରମ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ସଚ୍ଚିଦାନନ୍ଦ ଗୁରୁ ସଭାପତିତ୍ୱ କରିଥିଲେ। ସଂଘର ସମ୍ପାଦକ ନିରଞ୍ଜନ ପାତ୍ର ଓ ପରିଚାଳନା ପରିଷଦର ସଦସ୍ୟ ବୃନ୍ଦଙ୍କ ମଧ୍ୟରେ ସୁଧିର ଆଚାର୍ଯ୍ୟ, ଉମାଶଙ୍କର ଗୁରୁ, ବିଜୟ ସାମଲ, ସହଦେବ ସେଠୀ, କୀର୍ତ୍ତନ ବିହାରୀ ସାହୁ, ରବୀନ୍ଦ୍ର ସାମଲ, ବିଷ୍ଣୁ ସାମଲ, ଅର୍ଜୁନ ରାଉତ, ବନମାଳୀ ପତି, କୃପାସିନ୍ଧୁ ପତି, ବସନ୍ତ ସେଠୀ, ପ୍ରଫୁଲ୍ଲ କୁମାର ବେହେରା, ସୁରେନ୍ଦ୍ର କୁମାର ପତି, ରବିନାରାୟଣ ସାମଲ ପ୍ରମୁଖ ସଦସ୍ୟଗଣ ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଶା ନିବାରଣ, ସ୍ୱଚ୍ଛତା ପରିବେଶ ଓ ସହଯୋଗିତା ବିଷୟରେ କିପରି ଜନ ସଚେତନତା ପ୍ରତ୍ୟେକ ସ୍ତରରେ ପହଞ୍ଚାଇ ଏକ ନୂତନ ଜନଜାଗରଣ ସୃଷ୍ଟି ପୂର୍ବକ ସମାଜର ମଙ୍ଗଳ କାମନା କରାଯାଇ ପାରିବ ତା' ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶେଷରେ ରାମଚନ୍ଦ୍ର ନାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ସଦସ୍ୟ ତଥା ଶିଶିରଣା ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରବର୍ତ୍ତୀ ଅନୁରୂପ କାର୍ଯ୍ୟକ୍ରମ ଟିଣା ଗ୍ରାମରେ ଅପ୍ରେଲ ୨୬ତାରିଖ ରବିବାର ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା।

## ବଡ଼ଚଣା ବିଜେଡିର ସାଂଗଠନିକ ବୈଠକ



**ବଡ଼ଚଣା, ୩୦।୩(ସମିସ):** ବଡ଼ଚଣା ବିଜେଡି କାର୍ଯ୍ୟାଳୟରେ ସାଂଗଠନିକ ବୈଠକ ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତିସଭ୍ୟ ଓ କର୍ମକର୍ତ୍ତାମାନେ ଏହି ବୈଠକରେ ସାମିଲ ହୋଇଥିଲେ। ଏହି ବୈଠକରେ ମୁଖ୍ୟଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଆଗାମୀ ଦିନରେ ସଂଗଠନକୁ ୱାର୍ଡ ସ୍ତରରେ ଏକାଠି କରି ମଜବୁତ କରିବା ପାଇଁ ୫ଟି ଜୋନର ପର୍ଯ୍ୟବେକ୍ଷକ ଘୋଷଣା କରିଥିଲେ। ୧୬ନଂ ଜୋନ ପାଇଁ ବିବେକ ରଞ୍ଜନ ସୁବୁଦ୍ଧି, ଯୁଗଳ କିଶୋର ଖିଲାର, ସତ୍ୟ ପ୍ରକାଶ ଦାସ, ଜଗନ୍ନାଥ ମୁଦୁଲି, ୧୭ନଂ ପାଇଁ ସଞ୍ଜୟ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ବେହେରା, ପ୍ରକାଶ କୁମାର ପ୍ରଧାନ, ୧୮ନଂ ପାଇଁ ଧୁଳେଶ୍ୱର ଦାସ, ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ ୧୯ ନଂ ପାଇଁ ତାପସ କୁମାର ରାୟ, ଦେବେନ୍ଦ୍ର ଜେନା, ଗୁଲାମ କିବିରିଆ ଖାଁ, ମନ୍ମଥ କେଶରୀ ସାହେବରାୟ, ୨୦ନଂ ପାଇଁ ଜ୍ଞାନ ରଞ୍ଜନ ସାହୁ, ଦିଲ୍ଲିପ କୁମାର ସାମଲ, ଧନେଶ୍ୱର ସାହୁଙ୍କ ନାମ ପର୍ଯ୍ୟବେକ୍ଷକ ଭାବେ ଘୋଷଣା କରାଯାଇଥିଲା। ଏହି ବୈଠକରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନନ୍ଦ ଓ କୈଳାସ ଚନ୍ଦ୍ର ରାଉତ, ଧନେଶ୍ୱର ବେହେରା, ପ୍ରଦୀପ୍ତ କୁମାର ମହାନ୍ତି, ସଞ୍ଜୟ ବେହେରା, ଦମୟନ୍ତୀ ସାମଲ, ପ୍ରିୟବ୍ରତ ଖିଲାର, ଉମେଶ ଚନ୍ଦ୍ର ଜେନା, ଜୟନ୍ତୀ ସ୍ୱାଇଁ, ଚିତ୍ତରଞ୍ଜନ ମହାପାତ୍ର, ଗଣେଶ୍ୱର ସାମଲ, ବିଜୟ କୁମାର ପ୍ରଧାନ, ମାନ ଗୋବିନ୍ଦ ସେଠୀ, ଜୟନ୍ତ କୁମାର ସ୍ୱାଇଁ, ପ୍ରଭାକର ସାମଲ, ମନୋଜ ମାହାଲା, ସୁରେନ୍ଦ୍ର ନାୟକ, ସଞ୍ଜୀବ ସାମଲ, ରମାକାନ୍ତ ଖୁଣ୍ଟିଆଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡା. ପବନେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିମନ୍ୟୁ ବାଲିଆରେ ଶ୍ରୀ ରାମନବମୀ



**ବରୀ, ୩୦।୩(ସମିସ):** ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜନ୍ମପୀଠ ଅଭିମନ୍ୟୁ ବାଲିଆ ସ୍ଥିତ କଲେଜଛକ ଶ୍ରୀରାମ ନବମୀ ପୂଜା କମିଟି ଦ୍ୱାରା ପବିତ୍ର ଶ୍ରୀ ରାମନବମୀ ପୂଜା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଚାଲିଥିଲା। ଅନୁଷ୍ଠାନ ତରଫରୁ ଶରତ କୁମାର ଜେନା, ସୁରେଶ ଚନ୍ଦ୍ର ଘଡ଼ାଇ, ରବୀନ୍ଦ୍ର କୁମାର ବେହେରା, ସୋମନାଥ ଜେନା, ବିଶ୍ୱଜିତ ଜେନା, ଚରଣ କୁମାର ଜେନା, ଗୋପାଳ ସାହୁ, ପ୍ରିତୀ ରଞ୍ଜନ ସାହୁ, ରଶ୍ମି ରଞ୍ଜନ ସାହୁ, ସୌମ୍ୟ ରଞ୍ଜନ ସାହୁ, ପରେଶ ଜେନା, ସନ୍ତୋଷ ରାଉତ, ନଳିନୀକାନ୍ତ ସାହୁ ପ୍ରମୁଖ ଯୁବକ ମାନେ ଦାୟିତ୍ୱ ବହନ କରିବା ସହିତ ପୂଜା କମିଟିର ସମସ୍ତ ବ୍ୟବସାୟୀ ମାନେ ଏହି କାର୍ଯ୍ୟରେ ବଳିଷ୍ଠ ସହଯୋଗ କରିଥିଲେ। ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଏହି ଦିବ୍ୟ ଦର୍ଶନ କରି ଆନନ୍ଦ ଲାଭ କରୁଥିବାର ଦେଖାଯାଉଛି। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଆନନ୍ଦ ବଜାରରେ ପ୍ରସାଦ ସେବନ ବ୍ୟବସ୍ଥା କରା ଯାଇଥିଲା। ଗାୟିକା କୁମୁଦିନୀ ନାୟକଙ୍କ ପାଲା ପରିବେଷଣ ଶ୍ରୋତା ମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

## ଯାଜପୁର ଆଇଟିଆଇରେ କବିତା ଆସର

**ଦଶରଥପୁର, ୩୦।୩(ସମିସ):** ଦଶରଥପୁର ବ୍ଲକ କଟିକଟା ସ୍ଥିତ ଯାଜପୁର ଆଇଟିଆଇ ପରିସରରେ ନାରାୟଣଚନ୍ଦ୍ର ମଲ୍ଲିକ ସ୍ମୃତିସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବି ଡ. ସତ୍ୟ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିଭାବେ ଗାଳ୍ପିକ ତଥା ନକ୍ଷଟ୍ୟକାର ଡ. ରାଜକିଶୋର ପଣ୍ଡା, ଡ. ରୁଦ୍ରନାରାୟଣ ପୃଷ୍ଟି, ପରିବେଶବିତ ଦାମୋଦର ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରସନ୍ନ ରାଉତ, ଶ୍ରୀହରୀ ଧଳ, ବିଷ୍ଣୁ ଚରଣ ସାହାଣୀ ପ୍ରମୁଖ ଯୋଗ ଦେଇ ଗ୍ରାମାଞ୍ଚଳରେ ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ନବପ୍ରତିଭା କବିମାନଙ୍କୁ ଆହ୍ୱାନ ଜଣାଇଥିଲେ। କବି ଜିତେନ୍ଦ୍ର କୁମାର ବେହେରା, କବୟିତ୍ରୀ ଅମ୍ରିତା ସିଂ, ବନସ୍ମିତା ପଣ୍ଡାଙ୍କ ସଂଯୋଜନାରେ କବି ଅଜୟ ଜେନା, ଡାକ୍ତର ବିଜୟ ମୋହନ ରାୟ, ବରିଷ୍ଠ କବି ଯଯାତି କେଶରୀ ସାହୁ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ପ୍ରଭାତ କୁମାର ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରଞ୍ଜିତା ଦାସଙ୍କ ସଂଯୋଜନାରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ସମାଜରେ ବିଭିନ୍ନ କ୍ଷେତ୍ରରେ ନିଷ୍ଠା ପ୍ରଦର୍ଶନ କରିଥିବା ପ୍ରତିଭା ସାମ୍ବାଦିକ ମାନସ କୁମାର ଜେନା, କୃଷିବିତ ରବିନାରାୟଣ ବିଶ୍ୱାଳ, ସେବାନିବୃତ୍ତ ବାୟୁସେନା କର୍ମଚାରୀ ପରମାନନ୍ଦ ସାହୁ, ଆଦର୍ଶ ଶିକ୍ଷକ ଅଜିତ କୁମାର ରଣା, ସାରସ୍ୱତ ସାଧକ ନିରଞ୍ଜନ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବି ମନୋଜ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ସାମ୍ବାଦିକ ସଙ୍ଘ ଜିଲ୍ଲା କମିଟି ଗଠନ



**ମଇଦା, ୩୦।୩(ସମିସ):** ଓଡ଼ିଶା ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ସାଂଗଠନିକ ବୈଠକ ଓ କର୍ମକର୍ତ୍ତା ଚୟନ ସହିତ ଜିଲ୍ଲା କମିଟି ଗଠନ କରାଯାଇଛି। ଉକ୍ତ ବୈଠକରେ କାହ୍ନୁ ଚରଣ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେହିପରି ସଂଘର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ ମୁଖ୍ୟବକ୍ତା, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା ସମ୍ମାନିତ ଅତିଥି, ସଂଘର ଜାତୀୟ କାଉନସିଲ ମେମ୍ବର ଅଶୋକ କୁମାର ସାହୁ ଓ ବରିଷ୍ଠ ସାମ୍ବାଦିକ ଗୋପାଳ ସୁତାର ଅନ୍ୟତମ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ସଂଘ ଜିଲ୍ଲା କର୍ମକର୍ତ୍ତା ଚୟନ କରାଯାଇଥିଲା। ରାଜ୍ୟ ପଦାଧିକାରୀ ଓ କର୍ମକର୍ତ୍ତାମାନଙ୍କ ସମ୍ମତି ଅନୁସାରେ ସରୋଜ କୁମାର ଧଳଙ୍କୁ ସଂଘର ଯାଜପୁର ଜିଲ୍ଲା ଶାଖା ସଭାପତି, କାହ୍ନୁ ଚରଣ ଜେନାଙ୍କୁ ଉପସଭାପତି, ଉତ୍ତମ କୁମାର ଦାସଙ୍କୁ ସାଧାରଣ ସମ୍ପାଦକ, ବିଜୟ କୁମାର ବାରିକଙ୍କୁ ସହ ସମ୍ପାଦକ, ଜୟନ୍ତ ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଓ ଗୋପାଳ ସୁତାରଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସଂଘର ଯାଜପୁର ଜିଲ୍ଲା ଶାଖା ସଭାପତି ସରୋଜ ଧଳ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ଧୁମହାନ୍ତିଙ୍କ ପ୍ରକଳ୍ପକୁ ନେଇ ବିବାଦ

**କୂଆଁଗୋଲା, ୩୦।୩(ସମିସ):** ଦଶରଥପୁର ବ୍ଲକ ଦତ୍ତପୁର ଠାରେ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ବହୁ ଚର୍ଚ୍ଚିତ ବନ୍ଧୁ ମହାନ୍ତିଙ୍କ ସ୍ମାରକୀ ପୀଠକୁ ନେଇ ବିବାଦ ଦେଖା ଦେଇଛି। ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏହି ପ୍ରକଳ୍ପକୁ ଗ୍ରାମର ପ୍ରବେଶ ପଥରେ ଥିବା ସରକାରୀ ଜମିରେ ନିର୍ମାଣ କରିବାକୁ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦେଇ ପ୍ରକଳ୍ପ ମଞ୍ଜୁରୀ କରାଇଥିଲେ। କିନ୍ତୁ ଗୋଚର ଜମି ଉପରେ ଏହି ପ୍ରକଳ୍ପ ନିର୍ମାଣ ହେବାକୁ ଥିବା ବେଳେ ଏହି ଗ୍ରାମରେ ବାସ କରୁଥିବା କିଛି ଦଳିତ ଓ ଗରିବ ପରିବାରଙ୍କ ଦୈନନ୍ଦିନ ଚଳଣି ଉପରେ ଏହାକୁ ନେଇ ସମସ୍ୟା ଦେଖାଦେଇଥିଲା। ସେମାନଙ୍କ ଅଭିଯୋଗ ଅନୁଯାୟୀ ପ୍ରଶାସନ ପକ୍ଷରୁ ପଞ୍ଚାୟତର ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ କରିବାକୁ ଯାଗା ଚିହ୍ନଟ କରାଯାଇଛି, ସେହି ସ୍ଥାନରେ ପ୍ରକଳ୍ପ ନିର୍ମାଣ କରା ନ ଯାଇ ଗ୍ରାମ ସନ୍ନିକଟ ଗୋଚର ଯାଗା ଉପରେ ରାଜନୈତିକ ଉଦ୍ଦେଶ୍ୟ ରଖି ଜୋର ଜବରଦସ୍ତ ନିର୍ମାଣ କରାଯାଇଛି। ଦଳିତମାନଙ୍କ ଦୈନିକ ଚଳଣି ସହ ଗ୍ରାମର ଶତାଧିକ ଲୋକଙ୍କ ଗୋରୁ ଗାଈଙ୍କ ଚରାଭୂମି ଭାବେ ଉକ୍ତ ଯାଗା ବ୍ୟବହାର କରା ଯାଉଥିବାରୁ ସେମାନେ ଏହି ପ୍ରକଳ୍ପ ନିର୍ମାଣକୁ ବିରୋଧ କରୁଛନ୍ତି। ଦଳିତମାନଙ୍କ ପକ୍ଷରୁ ଏ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ପ୍ରକଳ୍ପ ଅନ୍ୟତ୍ର ସ୍ଥାପନ କରିବାକୁ ମାମଲା ଦାୟର କରାଯାଇଛି ବୋଲି ଶ୍ରୀକାନ୍ତ ଜେନା, ଅଜୟ ରାଉତ, ରାଜକିଶୋର ନାୟକ, ସୁଶାନ୍ତ ସାହୁ, ସାଗର ଦାସ, ଅନିତା ଦାସ, ସବିତା ଦାସ, ଦୁଃଶାସନ ଦାସ, ଅଜୟ ଦାସ, ଭିମସେନ ଦାସ ପ୍ରମୁଖ କହିଛନ୍ତି। ମାମଲା ବିଚାରାଧୀନ ଥିବା ବେଳେ ଅଦାଲତକୁ ଅବମାନନା କରି ପ୍ରକଳ୍ପ ନିର୍ମାଣ ନିମନ୍ତେ ମସୁଧା ଚାଲୁଥିବାରୁ ଲୋକେ ଏହାକୁ ବିରୋଧ କରିଛନ୍ତି।



### ରେଲୱେ ଓଭରବ୍ରିଜ୍ ସଂଯୋଗୀକରଣ ରାସ୍ତାକୁ ନେଇ ଚିନ୍ତା

# ଗାଁ ଭିତରେ ନୁହେଁ; ବାହାରେ ନେବାକୁ ଦାବି

**ବ୍ୟାସନଗର, ୩୦।୩(ସମିସ)**

ପୂର୍ବତଟ ରେଳବାଇର ଯାଜପୁର ରୋଡ୍ ରେଳଷ୍ଟେସନ ନିକଟ ସାପଗାଡ଼ିଆ ନିକଟରେ ନିର୍ମାଣ ହେଉଥିବା ରେଲୱେ ଓଭରବ୍ରିଜକୁ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ଅଧିବାସୀ। ଯେଉଁ ମାନେ ଅଭିଯୋଗ କରିଛନ୍ତି କି ରେଲୱେ ଓଭର ବ୍ରିଜ ସଂଯୋଗୀ କରଣ ରାସ୍ତା ପାଇଁ ଆବଶ୍ୟକ ହେବାକୁ ଥିବା ଜମି ପାଇଁ ଏକାଧିକ ଗାଁର ବହୁ ସଂଖ୍ୟାର ପରିବାର ବାସହରା ହେବେ।

ବ୍ୟାସନଗର ପୌରପାଳିକା ଏବଂ ଯାଜପୁର କେନ୍ଦୁଝର ରୋଡ୍ ରେଳଷ୍ଟେସନ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳାରେ ପରିଣତ ହୋଇଛି। ଏହି ଅଞ୍ଚଳ ୧୮୯୬ ମସିହାରୁ ରେଳସେବା ଯାଜପୁର, କେନ୍ଦୁଝର, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାର କିଛି ସ୍ଥାନକୁ ରେଳ ଗମନା ଗମନର ମାଧ୍ୟମ ଏହାର ଭୌଗୋଳିକ ସ୍ଥିତି ଯୋଗୁଁ ସମ୍ଭବ ହେଉଛି। ଏହି ସହରକୁ ରେଳ ଲାଇନ ୨ ଭାଗରେ ବିଭକ୍ତ କରୁଛି। ଯାହା ଅଞ୍ଚଳବାସୀଙ୍କ ଜୀବନ ଯାତ୍ରା/ଗମନା ଗମନର ଦୁଃଖ ଓ ଦଣ୍ଡର କାରଣ। ସମସ୍ତ ବ୍ୟତିକ୍ରମକୁ ଦୃଷ୍ଟିରେ ରଖି ରେଲୱେ ବୋର୍ଡ ନିଷ୍ପତି କ୍ରମେ ପ୍ରଧାନମନ୍ତ୍ରୀ ଗତ ୨୦୨୪ରେ ୨ଟି ଗଳିପୋଲ ଓ ଗୋଟିଏ ରେଲୱେ ବ୍ରିଜର ଭିତ୍ତିପ୍ରସ୍ତର ସ୍ଥାପନ କରିଥବଲେ। ନିର୍ମାଣଧୀନ ଗୋଟିଏ ଗଳିପୋଲ ସ୍ଥିତି ସାମାନ୍ୟବର୍ଷାରେ ବେହାଲ ହେଇପଡୁଥିବା ବେଳେ ଅନ୍ୟଟି ନିର୍ମାଣ ହୋଇନି। ତେବେ ଧିମେଇ ଚାଲିଥିବା ଓଭରବ୍ରିଜ ବହୁସଂଖ୍ୟାର ପରିବାରକୁ ବେଘର କରିବ। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଅଧିବାସୀ। ସେମାନଙ୍କ ଅଭିଯୋଗ ଚୂନଭାଟି ସାହି ନିକଟରେ ନିର୍ମାଣଧୀନ ରେଲୱେ ଓଭରବ୍ରିଜର ଦକ୍ଷିଣ ପାର୍ଶ୍ୱରେ ଜୋକଡ଼ିଆ ମୁଖ୍ୟ ରାସ୍ତାକୁ ମୁଣ୍ଡମାଳ ମୌଜାରେ ସଂଯୋଗ କରିବାକୁ ବହୁ ସରକାରୀ ଜମି, ଅନାବାଦୀ, ବାସପଯୋଗୀ ବିନା ୧୦୦ଏକରରୁ ଅଧିକ ଜମି ଥିବା ବେଳେ ଏହାକୁ ସଠିକ ଧ୍ୟାନ ଦିଆଯାଇନାହିଁ। ୨୦୨୨ମସିହା ପୂର୍ବର ସରକାରୀ ଅଧିକାରୀ ଦୂରଦୃଷ୍ଟି ବିହୀନ/ମନ୍ଦ ଉଦେଶ୍ୟରେ ଅନୁମୋଦନ କଲେ ଏବଂ ଏହି ରେଲୱେ ଓଭରବ୍ରିଜ ପାଇଁ ମ୍ୟାପ ନଂ ସିଇଏସ?ଆରଜି -୫୦୨୮/୨୦୨୨ ରାଜ୍ୟ ସରକାରଙ୍କ କାର୍ମିକ ବିଭାଗ ଅନୁମୋଦନ କଲା। ଏହାର ସଂଯୋଗୀକରଣ ରାସ୍ତା ଦ୍ୱାରା ବହୁବର୍ଷର ସ୍ଥାୟୀ ବାସିନ୍ଦା ନଟପଡ଼ା, ଝାଟିଆସାହି, ନୂଆମାର୍କେଟ, ବୀଣାପାଣିସାହି, ଗୋଶାଳା ଓ ମହତାବନଗର ବହୁପରିମାଣରେ କ୍ଷତିଗ୍ରସ୍ତ ହେବେ ଏବଂ ପରିବେଶ ପ୍ରଦୂଷିତ ହେବ। ଓଡ଼ିଶାର ସମସ୍ତ ସ୍ଥାନର ବାଇପାସ ରାସ୍ତା ଏହାର ବ୍ୟତିକ୍ରମ। କେନ୍ଦୁଝର ଜିଲ୍ଲା ଘସିପୁରା ନିକଟସ୍ଥ ବେଲବାହାଳି ରାସ୍ତା ବହୁ ସଙ୍ଘର୍ଷ ପରେ ଆଇଆଇଟି ଖଡ଼ଗପୁରର ବିଶେଷଜ୍ଞ ଗ୍ରାମ ବାହାରେ ନେବାକୁ ସେତେବେଳର ସରକାରଙ୍କୁ ରିପୋର୍ଟ ଦେବା ଓ କାର୍ଯ୍ୟକାରି ହେବାର ଦୃଷ୍ଟାନ୍ତ ଅଛି। ତେଣୁ ଏଠାରେ ନିର୍ମାଣଧୀନ ଓଭରବ୍ରିଜ ସଂଯୋଗୀ କରଣ ରାସ୍ତା ପାଇଁ ପ୍ରତିକାର ଆବଶ୍ୟକ। ଏସମ୍ପର୍କରେ ସାମାଜିକ କର୍ମୀ ଭାଗିରଥି ଆଚାର୍ଯ୍ୟଙ୍କ ସହ ସାଧାରଣ ଜନତା ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ, ସାଂସଦ ଯାଜପୁର ଏବଂ ବିଧାୟକ କୋରେଇ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ଆରଟିଇ ପାରଦର୍ଶୀ ପୋର୍ଟାଲ

# ପ୍ରଥମ ପର୍ଯ୍ୟାୟରେ ୧୦୦୭ ପିଲା ନାମଲେଖା ପାଇଁ ମନୋନୀତ

ବାଲେଶ୍ୱର,୩୦।୩ (ସମିସ)

ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ୭୯୪ ଜଣ ପିଲା ନାମଲେଖା ପାଇଁ ଚୟନ ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୦୦୭କୁ ବୃଦ୍ଧି ପାଇଛି। ପ୍ରଥମ ପର୍ଯ୍ୟାୟରେ ୧୦୦୭ ଜଣ ପିଲା ଘରୋଇ ସ୍କୁଲରେ ମାଗଣାରେ ପାଠ ପଢିବା ପାଇଁ ମନୋନୀତ ହୋଇଛନ୍ତି ବୋଲି ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆରଟିଇ ପାରଦର୍ଶୀ ପୋର୍ଟାଲ ମାଧ୍ୟମରେ ଆର୍ଥିକ ଅନଗ୍ରସର ଓ ଦୁର୍ବଳ ଶ୍ରେଣୀର ପିଲାମାନେ ଘରୋଇ ସ୍କୁଲର ପ୍ରଥମ ଶ୍ରେଣୀରେ ୨୫ଧ ସିଟ୍‌ରେ ମାଗଣାରେ ନାମ ଲେଖାଉଛନ୍ତି। ଏଥିରେ ଜଣେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ଶିକ୍ଷାଦାନ ପ୍ରଦାନ କରାଯାଉଛି। ୨୦୨୧-୨୨ ଶିକ୍ଷା ବର୍ଷରେ ଆରଟିଇ ପାରଦର୍ଶୀ ଯୋଜନାରେ ବାଲେଶ୍ୱର ଜିଲ୍ଲାରେ ସେତେଟା ସଫଳତା ମିଳିନଥିଲା ମାତ୍ର ଚଳିତବର୍ଷ ଆରଟିଇ ପାରଦର୍ଶୀ ପୋର୍ଟାଲ ଯୋଜନାରୁ ଉପକୃତ ହେଉଛନ୍ତି ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀ। ଏହି ଯୋଜନା ବାବଦରେ ବାଲେଶ୍ୱରର ଅନେକ ଅଭିଭାବକ ଜାଣିନଥିବାବେଳେ ୨୦୨୧-୨୨ରେ ଆରଟିଇ ପାରଦର୍ଶୀ ପୋର୍ଟାଲ ଯୋଜନାରେ ମାତ୍ର ୧୯ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ସେହିପରି ୨୦୨୨-୨୩ ବର୍ଷରେ ୬୬୦ ଜଣ ଛାତ୍ରଛାତ୍ରୀ ଘରୋଇ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାଗଣାରେ ପାଠ ପଢ଼ିବା ପାଇଁ ମନୋନୀତ ହୋଇଥିଲେ। ଏହିପରି ପ୍ରତିବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ସୂଚନାଯୋଗ୍ୟ, ଶିକ୍ଷା ଅଧିକାର ଆଇନ ୨୦୧୯ ଅନୁଯାୟୀ ବେସରକାରୀ ତଥା ଘରୋଇ ସ୍କୁଲରେ ମାଗଣାରେ ନାମ ଲେଖାଇ ପାଠ ପଢିପାରିବେ। ଆରଟିଇ ପାରଦର୍ଶୀ ଯୋଜନା ଅଧୀନରେ ପ୍ରତି ଘରୋଇ ସ୍କୁଲରେ ଏଣ୍ଟ୍ରି କ୍ଲାସ ଅର୍ଥାତ ପ୍ରଥମ ଶ୍ରେଣୀରେ ୨୫ ପ୍ରତିଶତ ପିଲାଙ୍କୁ ମାଗଣାରେ ପଢାଇବେ। ଯାହାକି ବାଧ୍ୟତାମୂଳକ। ଏହି ଅନୁସାରେ ଏବର୍ଷ ଏଥିରେ ପିଲାଙ୍କୁ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୬-୨୭ ଶିକ୍ଷା ବର୍ଷରେ ଆରଟିଇ ପାରଦର୍ଶୀ ଯୋଜନାର ୨୫ ପ୍ରତିଶତ ମାଗଣା ନାମଲେଖା ତାଲିକାରେ ବାଲେଶ୍ୱର ଜିଲ୍ଲାରେ ୧୦୦୭ ଜଣ ଛାତ୍ରଛାତ୍ରୀ ଯୋଡି ହୋଇଛନ୍ତି। ସେହିପରି ଆରଟିଆଇ ପାରଦର୍ଶୀ ଯୋଜନା ଅଧୀନରେ ୩୨୫ଟି ଘରୋଇ ସ୍କୁଲ ପଞ୍ଜିକୃତ କରିଛନ୍ତି। ବାହାନଗାରେ ୫୨ ଛାତ୍ରଛାତ୍ରୀ, ବାଲେଶ୍ୱର ପୌରପାଳିକାରେ ୧୬୧ ଛାତ୍ରଛାତ୍ରୀ, ବାଲିଆପାଳ ବ୍ଲକରେ ୭୩ ଜଣ ଛାତ୍ରଛାତ୍ରୀ, ବସ୍ତାରେ ୧୬ ଜଣ, ଭୋଗରାଇରେ ୩୨ ଜଣ, ଜଳେଶ୍ୱର ବ୍ଲକରେ ୫୧ ଜଣ, ଜଳେଶ୍ୱର ଏନଏସିରେ ୯ ଜଣ, ଖଇରା ବ୍ଲକରେ ୬୬ ଜଣ, ନୀଳଗିରି ବ୍ଲକରେ ୨୨ ଜଣ, ନୀଳଗିରି ଏନଏସିରେ ୫ ଜଣ, ଔପଦା ବ୍ଲକରେ ୩୩ ଜଣ, ରେମୁଣା ବ୍ଲକରେ ୧୧୬ ଜଣ, ସଦରରେ ୭୯ ଜଣ, ସିମୁଳିଆ ବ୍ଲକରେ ୮୩ ଜଣ, ସୋର ବ୍ଲକରେ ୧୦୮ ଜଣ ଏବଂ ସୋର ଏନ୍‌ଏସିରେ ୧୦୦ ଜଣ ଛାତ୍ରଛାତ୍ରୀ ନିଜର ନିକଟସ୍ଥ ଘରୋଇ ସ୍କୁଲରେ ମାଗଣାରେ ପାଠପଢ଼ା ପାଇଁ ନାମଲେଖା ନିମନ୍ତେ ମନୋନୀତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ପୌରପାଳିକାରେ ସବୁଠୁ ଅଧିକ ଛାତ୍ରଛାତ୍ରୀ ଅର୍ଥାତ ୧୬୧ ଜଣ ମନୋନୀତ ହୋଇଥିବା ବେଳେ ସର୍ବନିମ୍ନ ନୀଳଗିରି ଏନଏସିରେ ୫ ଜଣ ମନୋନୀତ ହୋଇଛନ୍ତି। ତେବେ ମାର୍ଚ୍ଚ ୧୬ ରେ ପ୍ରଥମ ପର୍ଯ୍ୟାୟ ଅନଲାଇନ୍ ଲଟେରୀ ଏବଂ ସ୍କୁଲ ଆବଣ୍ଟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୧୭ ତାରିଖରୁ ୩୧ ତାରିଖ ଯାଏଁ ସ୍କୁଲରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଚାଲିଛି। ସେହିପରି ଏପ୍ରିଲ ୨୮ ରେ ଦ୍ୱିତୀୟ ପର୍ଯ୍ୟାୟ ଅନଲାଇନ୍ ଲଟେରୀ ଏବଂ ସ୍କୁଲ ଆବଣ୍ଟନ ହେବ ଏବଂ ଏପ୍ରିଲ ୨୯ରୁ ମେ ମାସ ୧୮ ତାରିଖ ଯାଏଁ ସ୍କୁଲରେ ନାମଲେଖା ଚାଲିବ। ତୃତୀୟ ପର୍ଯ୍ୟାୟ ଅନଲାଇନ୍ ଲଟେରୀ ଏବଂ ସ୍କୁଲ ଆବଣ୍ଟନ ଜୁନ୍ ୧୮ ରେ ହେବା ସହ ଜୁନ୍ ୧୯ ରୁ ନାମ ଲେଖା ଚାଲିବ। ଜୁଲାଇ ମାସ ୧୫ ତାରିଖ ସୁଦ୍ଧା ନାମଲେଖା ପ୍ରକ୍ରିୟାର ଆଉ କଟ୍ ଅଫ୍ ତାରିଖ ଶେଷ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ଜୟରାମପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଭୋଗରାଇ, ୩୦।୩ (ସମିସ) : ଭୋଗରାଇ ବ୍ଲକ୍ ଜୟରାମପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପଙ୍କଜାକ୍ଷ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥଲେ। ମୁଖ୍ୟଅତିଥି ଭାବେ ଜୟରାମପୁର ସରପଞ୍ଚ ଦୀପ୍ତିରାଣୀ ମିଶ୍ର ଓ ମୁଖ୍ୟବକ୍ତା ଭାବେ ହରି ନାରାୟଣ ଜେନା ଯୋଗଦେଇ ଚାଷୀ ମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥ ମହାନ୍ତି, ମୁରଲୀ ମୋହନ ମହାନ୍ତି, ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ସମବାୟ ସମିତିର କର୍ମକର୍ତ୍ତା ଓ ଚାଷୀଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ରହିଲେ ଯାଇ ସମିତିର ଉନ୍ନତି ସମ୍ଭବ ବୋଲି କହିଥିଲେ। ପରିଚାଳନା ସମିତିର ସଦସ୍ୟ ରବୀନ୍ଦ୍ର ନାଥ ଘୋଷ, ଜଗଦୀଶ ପାଣିଗ୍ରାହୀ, ବିଶ୍ୱମ୍ଭର ଦାସ ଅଧିକାରୀ, ହରିଶ ଜେନା, ଶଶାଙ୍କ ଘଡାଇ, ଅନାଦି ବେହେରା, ଭାରତୀ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ଓମ୍ ପ୍ରକାଶ ଘୋଷ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ଶିବହର ଦେ, ହିରଣ୍ମୟ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ପାଳ, ରଶ୍ମିରେଖା ଦାସ, ପ୍ରମୁଖ ପରିଚାଳନା କରିଥିଲେ। ବିଦ୍ୟୁତ କୁମାର ସାମଲ ଅତିଥି ପରିଚୟ ପ୍ରଦାନ ଓ ଅଶୋକ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ସଫଳ ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ସମିତି ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ କରଯାଇଥିଲା।

## ୮୧ ବର୍ଷରେ ସିମୁଳିଆର ଲକ୍ଷ୍ମୀନାରାୟଣ ପୂଜା



ନୀଳଗିରି, ୩୦।୩ (ସମିସ): ନୀଳଗିରି ଏନ୍‌ଏସିର ୯ନମ୍ବର ୱାର୍ଡର ସିମୁଳିଆ ଗ୍ରାମରେ ୮୧ ବର୍ଷରେ ଲକ୍ଷ୍ମୀ ନାରାୟଣ ପୂଜା ପାଳିତ ହୋଇଛି। ସାତ ଦିନ ଧରି ଯଜ୍ଞ ପାଠ କରାଯାଇଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ପ୍ରମୁଖ ପହଞ୍ଚି ଠାକୁରଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଗ୍ରାମର ରବିନ୍ଦ୍ର ମହଲ, ରାମଚନ୍ଦ୍ର ମହଲ, ଗୌରହରି ମହଲ, ପ୍ରଫୁଲ୍ଲ ଦଳାଇ, ହେମନ୍ତ ବେହେରା, ସତ୍ୟନାରାୟଣ ମହଲ, ବ୍ରହ୍ମାନନ୍ଦ ମହଲ, ଦୀପକ ଗୋଛାୟତ, ଆଲୋକ ବେହେରା, କମଳାକାନ୍ତ ବେହେରା, ଶିବ ନାରାୟଣ ଷଡଙ୍ଗୀ ପ୍ରମୁଖ ସାତ ଦିନ ଧରି ପୂଜା ଉତ୍ସବ ପରିଚାଳନା କରିଥିଲେ।

## ସୋର ବ୍ଲକରେ ମନରେଗା ଅଭିଯୋଗ ଶୁଣାଣି

ସୋର, ୩୦।୩ (ସମିସ): ସୋର ବ୍ଲକ ପରିସରରେ ମନରେଗା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ବିଡିଓ ସତ୍ୟନାଥ ନାଏକ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂହ, ବ୍ଲକ ଅଧକ୍ଷା ଅନୁସୟା ମଳିକ, ଜିଲ୍ଲାପରିଷଦ ସଦସ୍ୟ ଜୟନ୍ତ ସ୍ୱାଇଁ ଓ ଏଇଇ ନିର୍ମଳକାନ୍ତ ପରିଡା ଉପସ୍ଥିତ ରହି ଲୋକମାନଙ୍କର ଅଭିଯୋଗ ଶୁଣାଣି କରିଥିଲେ। ଏହି ସମୟରେ ବିଭିନ୍ନ ଅଭିଯୋଗ ସମେତ ଆସନ୍ତା ଏପ୍ରିଲ ୧ରୁ ମନରେଗା ଯୋଜନା ବନ୍ଦ ହେବାକୁ ଥିବା ବେଳେ ଟଙ୍କା କିପରି ମିଳିବ ସେ ନେଇ ଲୋକେ ଚିନ୍ତା ପ୍ରକାଶ କରିଥିଲେ। ରଜତ ମୁଦୁଲି ଓ ଏପିଓ ସୁଭଦ୍ରା ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକର ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ଦୁଇ ବ୍ରାଉନସୁଗର ବେପାରୀ ଗିରଫ

ନୀଳଗିରି, ୩୦।୩ (ସମିସ): ନୀଳଗିରି ପୁଲିସ ଦୁଇ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଥିବାବେଳେ ସେମାନଙ୍କଠାରୁ ୦.୨୪୬ମିଲି ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସଦଳବଳେ ରାଉଳ ଖୁଣ୍ଟା ଛକରେ ସନ୍ତରାଗଡିଆ ଗ୍ରାମରେ ଜଗଦୀଶ ପାଣିଗ୍ରାହୀ (୩୦) ଓ କଣ୍ଟିଆ ଟିକର ଗ୍ରାମର ବଳରାମ ମହାକୁଡ଼ (୨୧) ମିଶି ବିକ୍ରି କରୁଥିବା ବେଳେ ପୁଲିସ ମାଡ଼ି ବସିଥିଲା। ଏ ନେଇ ନୀଳଗିରି ଥାନାରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତକାରୀ ଅଫିସର ରଞ୍ଜିତ ବେହେରା ଜବତ ବ୍ରାଉନସୁଗରକୁ ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନାଙ୍କ ଉପସ୍ଥିତିରେ ଓଜନ କରାଯାଇଛି ବୋଲି ପ୍ରକାଶ କରିଛନ୍ତି।

## ବାପା ଆଗରେ ଚାଲିଗଲା ପୁଅର ଜୀବନ

ନୀଳଗିରି, ୩୦।୩ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଅଧୀନ ଧୋବଶିଳା ଗ୍ରାମରେ ଗାଧୋଉଥିବା ବେଳେ ବାପା ଆଗରେ ଚାଲିଗଲା ପୁଅର ଜୀବନ। ସୋମବାର ଦିନ ୩ ଟାରେ ତିନି ବର୍ଷର ପୁଅକୁ ଧରି ବାପା ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତା ଯୋଗୁଁ ପୁଅଟି ବୁଡି ଯାଇଥିଲା। ପରେ ମୃତ ଅବସ୍ଥାରେ ପୁଅକୁ ଉଦ୍ଧାର କରିଥିଲା ବାପା। ଏପରି ଏକ ଦୁଃଖଦ ଘଟଣା ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମର ଜଡ଼ା ସିଂଙ୍କ ତିନି ବର୍ଷର ପୁଅ ମୁନା ପୋଖରୀରେ ଗାଧୋଉଥିବା ବେଳେ ଏପରି ଅଘଟଣ ଘଟିଛି। ସଙ୍ଗେ ସଙ୍ଗେ ପିଲାକୁ ନୀଳଗିରି ମେଡିକାଲକୁ ଆଣିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ ଅଞ୍ଚଳରେ ଏକ ପ୍ରକାର ଶୋକର ଛାୟା ଖେଳିଯାଇଛି।

## କାର-ବାଇକ ଧକ୍କା, ଜଣେ ମୃତ

ବାଲେଶ୍ୱର,୩୦।୩(ସମିସ): ଆଜି ସକାଳେ ସଦର ଥାନା ସାରଗାଁ ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଉଛନ୍ତି ସାରଗାଁ ଅଞ୍ଚଳର ରଘୁନାଥ ପାତ୍ର(୨୮)। ଖବର ପାଇ ଘଟଣା ପୁଲିସ ପହଁଚି ମୃତଦେହକୁ ଜବତ କରିବା ସହ ଶବ ବ୍ୟବଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହାଛଡା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆଜି ସକାଳ ପ୍ରାୟ ୧୦ଟା ସମୟରେ ସାରଗାଁ ଛକ ନିକଟସ୍ଥ ପଣାଗଡିଆ ଠାରେ ଉକ୍ତ କାରଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ତଳକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କ ମୃତ ଘୋଷଣା କରିଥିଲେ।

## ଚୋରା ମଦ ସହ କାର୍ ଜବତ

ଜଳେଶ୍ୱର, ୩୦।୩ (ସମିସ) : ରାଇବଣିଆ ଅଂଚଳରେ ବ୍ୟାପକ ଚୋରା ଦେଶୀ ମଦ କାରବାର ଚାଲୁଥିବା ବେଳେ ଅବକାରୀ ବିଭାଗ ଚଢ଼ଉ କରିଛି। ଆଜି ଏକ କାର୍‌ରେ ୨୦୦ ଲିଟର ମହୁଲି ମଦ ଛୋଟ ଛୋଟ ପ୍ୟାକେଟ କରାଯାଇ ହାତୀଗଡ ପଟୁ ନେଇଆଉଥିବା ବେଳେ ପୂର୍ବରୁ ଖବର ପାଇ ରାଇବଣିଆ ପୁଲିସ୍ ଭଦୁଆ ଠାରେ ଗାଡିକୁ ଅଟକାଇଥିଲା। ଡ୍ରାଇଭର ଚମ୍ପଟ ମାରିଥିବା ବେଳେ ଗାଡିକୁ ଜବତ୍ କରାଯାଇ ରାଇବଣିଆ ଥାନାରେ ରଖାଯାଇଛି।

## ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ରାସ୍ତାରୋକ

ନୀଳଗିରି, ୩୦।୩ (ସମିସ): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧୀନ ବାଉଁଶବଣିଆ ଛକରେ ଆଞ୍ଚଳିକ କୃଷକ ମଞ୍ଚ ତରଫରୁ ସକାଳ ୯ ଘଟିକା ଠାରୁ ବିଭିନ୍ନ ଦାବି ନେଇ ରାସ୍ତାରୋକ କରାଯାଇଥିଲା। ମଞ୍ଚର ସଭାପତି ରାମଚନ୍ଦ୍ର ବେହେରା, ଉପ ସଭାପତି ଉମାକାନ୍ତ ମଳିକ, ବର୍ଷିଆନ ନେତା କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ସଦସ୍ୟ ନିରଞ୍ଜନ ବାରିକ, ସମ୍ପାଦକ ନିହାର ରଞ୍ଜନ ଜେନା, ବିଜୟ କୁମାର ସ, ଅବସର ପ୍ରାପ୍ତ ଶିକ୍ଷକ ରବିନାରାୟଣ ଜେନା, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, ପ୍ରଭାକର ମହାପାତ୍ର, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ଗଙ୍ଗାଧର ସାମଲ ପ୍ରମୁଖ ଉପସ୍ଥିତ ରହି ରାସ୍ତାରୋକ ଜାରି ରଖିଥିବା ବେଳେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ବିକ୍ଷୋଭ ସ୍ଥଳ ରେ ପହଁଞ୍ଚି ଉଦବୋଧନ ଦେବା ସହିତ ଏ ଭଳି ନ୍ୟାର୍ଯ୍ୟ ଦାବି ପାଇଁ ତାଙ୍କର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଉପଜିଲ୍ଲାପାଳ ୧୧.



୩୦ରେ ରାସ୍ତାରୋକ ସ୍ଥଳ ରେ ପହଁଞ୍ଚି ମଞ୍ଚ ର ନେତୃତ୍ୱଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହିତ ଆସନ୍ତା ଏପ୍ରିଲ ମାସ ୧୫ ତାରିଖ ମଧ୍ୟରେ ରାସ୍ତା ର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାର ନିର୍ଭରଯୋଗ୍ୟ ଦୃଢ ପ୍ରତିଶୃତି ଦେବା ସହିତ ଅନ୍ୟ ଦାବି ଗୁଡିକ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶୃତି ଦେବା ପରେ ରାସ୍ତାରୋକ ଧାରଣା ପ୍ରତ୍ୟାହାର ହୋଇଥିଲା। ଉପଜିଲ୍ଲାପାଳ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର ହୋଇଥିବା ମଞ୍ଚ ନେତୃତ୍ୱଙ୍କ ଠାରୁ ସୂଚନା ମିଳିଥିବା ବେଳେ ମୁଖ୍ୟ ୩ ଦାବି ଗୁଡିକ ଯଥାକ୍ରମେ ନୀଳଗିରି ବଉଳଗଡିଆ ରାସ୍ତାକୁ ଯୁଦ୍ଧ କାଳୀନ ଭିତ୍ତିରେ ପୁନଃ ନିର୍ମାଣ, ଜନ ବସତିରୁ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର, କୁଳଡିହା ଅଭୟାରଣ୍ୟ ତଥା ପାହାଡ଼ ର ପାଦ ଦେଶ ରେ ତୁରନ୍ତ ସୋଲାର ଫିନ୍ସିଙ୍ଗ କରି ବନ୍ୟଜନ୍ତୁ କବଳରୁ ଧନଜୀବନ କୁ ରକ୍ଷା ଦେବା ସହିତ ହାତୀ କବଳରୁ ଲୋକଙ୍କ ଚାଷ ବାସର ସୁରକ୍ଷା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି। ଆସନ୍ତା ୧୫ ଦିନ ମଧ୍ୟରେ ରାସ୍ତାର ପୁନଃ ଉଦ୍ଧାର କାର୍ଯ୍ୟ ଆରମ୍ଭ ନ ହେଲେ ଆସନ୍ତା ମେ' ପ୍ରଥମ ସପ୍ତାହରେ ପୁଣି ଅନିର୍ଦ୍ଧିଷ୍ଟ କାଳ ନୀଳଗିରି ବଉଳ ଗଡିଆ ରାସ୍ତାର ଉଭୟ ପାଶ୍ୱର୍ରେ ରାସ୍ତାରୋକ କରିବାର ଚେତାବନୀ ପ୍ରଶାସନକୁ ଦେଇ ରାସ୍ତାରୋକ ପ୍ରତ୍ୟାହାର କରିଥିଲେ।

## ଆଦିବାସୀ ସାହିରେ ନାହିଁ ପାନୀୟ ଜଳ ସୁବିଧା

# ୨୦୦ ପରିବାରର ଭରସା ନଈପାଣି

ଜଳେଶ୍ୱର, ୩୦।୩ (ସମିସ)



ଗୋବରଘଟା ପଂଚାୟତର ଦଶହରା ପଡିଆ ଆଦିବାସୀ ସାହିରେ ନାହିଁ ପାନୀୟ ଜଳ ସୁବିଧା। ସମସ୍ତଙ୍କ ପାଇଁ ପାଇପ ପାଣିର ବ୍ୟବସ୍ଥା କରାଯାଉଥିବା ବେଳେ ସେମାନଙ୍କ ଲାଗି ତାହା ସାତ ସପନ। ଲକ୍ଷ୍ମଣନାଥ ଓ ଗୋବରଘଟା ପଂଚାୟତର ସୀମାରେ ତଥା ସୁବର୍ଣ୍ଣରେଖା ନଦୀକୂଳରେ ସାହିଟି ଅବସ୍ଥିତ ଥିବାରୁ ନଦୀପାଣି ସେମାନଙ୍କ ଲାଗି ଏକମାତ୍ର ସାହାଭରସା। ସାହିରେ ଥିବା ୨୦୦ ପରିବାରର ସମସ୍ତ ଲୋକ ଦିନମଜୁରୀଆ ହୋଇଥିବାରୁ ସାହିର ବିକାଶ ବହୁ ଦୂରରେ। ସାହିକୁ ରାସ୍ତା ନାହିଁ କି ବିଦ୍ୟୁତ୍ ମଧ୍ୟ ନାହିଁ। ସାହିବାସୀ ଏକପ୍ରକାର ଅଭିସପ୍ତ ଜିବନ ବିତାଉଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ସଂଧ୍ୟାହେଲେ ସମଗ୍ର ଅଂଚଳଟି ଅନ୍ଧକାରରେ ଭରିଯାଏ। ନିର୍ବାଚନ ସମୟରେ ସାହିକୁ ପାଣିପାଇପ୍ ବିଛାଯାଇଥିବା ବେଳେ ସେଥିରୁ ଏବେ ପାଣି ବାହାରୁ ନାହିଁ। ସାହିଠାରୁ ପ୍ରାୟ ୪ କି.ମି. ଦୂରରେ ଏକ ପାନୀୟଜଳ ପ୍ରକଳ୍ପ ରହିଥିଲେ ମଧ୍ୟ ସାହିକୁ ଆଦୌ ପାଣି ଆସିପାରୁ ନାହିଁ। ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ହୋଇଥିବା ବେଳେ ଅନ୍ୟ ଗୋଟିକରୁ ଗୋଳିଆପାଣି ବାହାରୁଛି। ସେହି ନଳକୂପ ଉପରେ ସାହିବାସିନ୍ଦା ନିର୍ଭର କରନ୍ତି। ସାହିର ପଶ୍ଚିମପଟେଥିବା ସୁବର୍ଣ୍ଣରେଖା ନଦୀରୁ ପାଣି ଆଣି ପିଇବା ସହିତ ରୋଷେଇ କାର୍ଯ୍ୟ କରିଥାନ୍ତି। କିଛିଦିନ ପୂର୍ବେ ସମାଜସେବୀ ବିଶ୍ୱରୂପ ଦାସ ଏ ସଂପର୍କରେ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପର ଉପଖଣ୍ଡ ଅଧିକାରୀ ଶେଷନାଗ ପ୍ରଧାନଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଥିଲେ। ପାନୀୟ ଜଳ ଯୋଗାଇବା ଲାଗି ସାହିର ଲୋକମାନେ ମଧ୍ୟ ନିବେଦନ କରିଥିଲେ। ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇନଥିବାରୁ ଗ୍ରାମର ପାରାଗାନା ମାରାଣ୍ଡି, ନୁପୁର ସରେନ୍, ଗୁରୁବାରୀ ହେମ୍ବ୍ରମ, ମୁନା ସିଂ, ରତନ ସିଂ, ସରେନ୍ ମାରାଣ୍ଡି, ଅନିଲ ସିଂ, ଡାକ୍ତର ସରେନ୍, ଗଣେଶ ସରେନ୍, ରବି ମାରାଣ୍ଡି, ଗୁରୁବାରୀ ହେମ୍ବ୍ରମ, ଗିତା ମାରାଣ୍ଡି ପ୍ରମୁଖ ବହୁ ସାହିବାସୀ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଆପାଳ, ୩୦।୩ (ସମିସ): ଏହି ବ୍ଲକ ଅଧିନ ମଧୁପୁରା ସେବା ସମବାୟ ସମିତି ୨୦୨୬ର ବାର୍ଷିକ ସାଧାରଣ ସଭା ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସଭାପତି ପୂର୍ବତନ ସରପଞ୍ଚ ମୂରଲୀ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସଭାପତି ଶାନ୍ତିଲତା ବେହେରା, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇଟି, ଦେଉଳା ସରପଞ୍ଚ ସରୋଜ କୁମାର ପିଲା, ମଧୁପୁରା ସମିତି ସଭ୍ୟ ସୁଶାନ୍ତ ସେଠି, ସଦସ୍ୟା ସବିତା ଜେନା, ବରିଷ୍ଠ ସଦସ୍ୟ ପଦ୍ମ ଲୋଚନ ରାଉତ, ଅଶୋକ କୁମାର ବାଗ, ଗୋପାଳ ମାରାଣ୍ଡି, ପ୍ରମୋଥ ବାରିକ, ଗୋପିନାଥ ମାହାନା, ଗୋପାଳ ମାରାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ସମିତିର ସମ୍ପାଦକ ପ୍ରତାପ ଗିରି ବାର୍ଷିକ ବିବରଣୀ ଉପସ୍ଥାପନା କରିଥିବା ବେଳେ ସୁପରଭାଇଜର ଚଳିତ ବର୍ଷର ଜମା ଖର୍ଚ୍ଚର ହିସାବ ଅବଗତ କରାଇଥିଲେ। ମୁରଲୀ ଧର ପ୍ରଧାନ, ସଞ୍ଜୟ ସାହୁ, ବିବର୍ତ୍ତନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ସମିତି ପକ୍ଷରୁ ପଞ୍ଚାୟତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜଶ୍ରୀ ପାଣିଗ୍ରାହୀଙ୍କ ସମେତ ୪୫ ଜଣ ମାସିକ ଓ ବାର୍ଷିକ ଜମାକାରୀ, ଚାଷୀ, ଯୁଗ୍ମ ଋଣକାରୀ, ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ମୁଁ କୁଳଡିହା କହୁଛି'ର ପ୍ରଥମ ଅଧିବେଶନ



ନୀଳଗିରି, ୩୦।୩ (ସମିସ): ନୀଳଗିରି ସ୍ଥାନୀୟ ସିଆଡ଼ିମାଳର କୁମ୍ଭକ୍ଷେତ୍ର ପରିସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପରିବେଶ ପ୍ରେମୀ ବାମନ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ 'ମୁଁ କୁଳଡିହା କହୁଛି' ର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି। ଏହି ଅଧିବେଶନରେ ବିନୋଦ ବିହାରୀ ପଣ୍ଡା, ସୁବାସିନୀ ଜୀ, ସୁଶାନ୍ତ ମହାପାତ୍ର, ଚିତ୍ତରଞ୍ଜନ ପତି, ଶିବସୁନ୍ଦର ସାହୁ, ମାଳତୀ ଧଳ, ଯୁବ ଚିତ୍ରଶିଳ୍ପୀ ଦିବ୍ୟ ପ୍ରକାଶ ପରିଡ଼ା, ରଞ୍ଜନ କୁମାର ସେଠୀ, କ୍ରିଷ୍ଣା ନାଥ, ତପନ କୁମାର ମିଶ୍ର, ରୂପମ କର, ଦେବାଶିଷ ଭଞ୍ଜ, ନୀଳାଦ୍ରି ବେହେରା, ଚନ୍ଦନ ସାହୁ ପ୍ରମୁଖ କବି, ଲେଖକ, ଶିଳ୍ପୀ, ସମାଜସେବୀ, ସଂଗଠକ, ପ୍ରକୃତି ଓ ପରିବେଶ ପ୍ରେମୀ ଯୋଗ ଦେଇ ସାଂସ୍କୃତିକ ସଚେତନଧର୍ମୀ ସାମାଜିକ ଅନୁଷ୍ଠାନ 'ମୁଁ କୁଳଡିହା କହୁଛି' ର ରୂପରେଖ ପ୍ରସ୍ତୁତ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇ ବାଲେଶ୍ୱର ଜିଲ୍ଲାର କୁଳର ଡିହ କୁଳଡିହାର ଗୁଣଗାନ କରିବା ସହ ତା'ର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଅଧିବେଶନ ପର୍ଯ୍ୟନ୍ତ ସର୍ବ ସମ୍ମତି କ୍ରମେ ଶିଳ୍ପୀ କେଶୁ ଦାସଙ୍କୁ ଆବାହକ, ବାମନ ଚନ୍ଦ୍ର ମହାନ୍ତିଙ୍କୁ ସଭାପତି, ଚିତ୍ତରଞ୍ଜନ ପତିଙ୍କୁ ସମ୍ପାଦକ, ଦିବ୍ୟ ପ୍ରକାଶ ପରିଡ଼ାଙ୍କୁ କୋଷାଧକ୍ଷ ଭାବେ ମନୋନୀତ କରାଯାଇଛି। ପ୍ରତି ପଞ୍ଚମ ପାଳି ରବିବାର ଏକ ସାହିତ୍ୟ-ସଂସ୍କୃତି ସମ୍ପନ୍ନ ସଚେତନତାଧର୍ମୀ କର୍ମଶାଳା କୁଳଡିହାର ବିଭିନ୍ନ ପ୍ରାନ୍ତରେ ଆୟୋଜନ କରାଯିବ ବୋଲି ସ୍ଥିର କରାଯାଇ ଆଗାମୀ କର୍ମଶାଳା ମଇ ୩୧ ତାରିଖ ପଞ୍ଚମ ପାଳି ରବିବାର ଔପଦା ବଜାର ଠାରେ ଆୟୋଜନ କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି।



# ସମ୍ପାଦକୀୟ



ଭୁଲ କୃଷି ଦ୍ୱାରା ଆମେ ଉର୍ବର ଚାଷଜମିକୁ ମରୁଭୂମି କରିଚାଲିଛୁ। ଜୈବିକ କୃଷିକୁ ଫେରି ମାଟି ମା'କୁ ନ ବଞ୍ଚାଇଲେ ଆମର ଭବିଷ୍ୟତ ଅନ୍ଧାର।
-ସଦ୍‌ଗୁରୁ ଜାଗି ବାସୁଦେବ

ସକାଳ
THE SAKALA

## ଗଣତନ୍ତ୍ରର ଚାଟଶାଳୀ ବେହାଲ୍

ଗଣତାନ୍ତ୍ରିକ ବ୍ୟବସ୍ଥାକୁ ତୃଣମୂଳସ୍ତରରେ ସୁଦୃଢ଼ କରିବାର ଭିତ୍ତିଭୂମି ପଡ଼ିଥିଲା ୧୯୯୨ରୁ। ସଂବିଧାନର ୭୩ ଓ ୭୪ ତମ ସଂଶୋଧନ ତ୍ରିସ୍ତରୀୟ ପଞ୍ଚାୟତି ରାଜ ଓ ସହରାଞ୍ଚଳରେ ପୌରପରିଷଦ ମାଧ୍ୟମରେ ଶାସନ କ୍ଷମତା ସ୍ଥିରୀକୃତ ହୋଇଥିଲା। ପ୍ରତି ୫ ବର୍ଷରେ ଥରେ ଏହି ତୃଣମୂଳସ୍ତରୀୟ ସଂସ୍ଥା ପାଇଁ ନିର୍ବାଚନ ମାଧ୍ୟମରେ ନେତୃତ୍ୱର ବିକାଶ ଘଟିବା ସହ ଆଞ୍ଚଳିକ ସ୍ତରରେ ସମସ୍ତ ଉନ୍ନତି କାର୍ଯ୍ୟ ପାଇଁ ସେମାନଙ୍କୁ ଉତ୍ତରଦାୟୀ କରାଗଲା। କାରଣ ଏହା ହେଉଛି ବ୍ୟବସ୍ଥାଗତ ଶୃଙ୍ଖଳାର ପ୍ରଥମ ପାହାଚ। ତଫସିଲଭୁକ୍ତ ଜାତି ଓ ଜନଜାତିଙ୍କୁ ନିମ୍ନସ୍ତରରୁ ସଚେତନ କରିବା ସକାଶେ ସଂରକ୍ଷଣ ମାଧ୍ୟମରେ ପ୍ରତିନିଧିତ୍ୱର ସୁଯୋଗ ମିଳିଲା। କ୍ରମେ ପୁରୁଷଙ୍କ ସହ ମହିଳାଙ୍କୁ ସମକକ୍ଷ କରିବା ସକାଶେ ସେମାନଙ୍କ ସକାଶେ ସଂରକ୍ଷଣ ପରିସର ବଢ଼ିବାରୁ ସେମାନେ ମଧ୍ୟ ନେତୃତ୍ୱ ନେବାର ସୁଯୋଗ ପାଇଲେ। ତୃଣମୂଳସ୍ତରର ଆର୍ଥିକ ବିକାଶ, ସାମାଜିକ ନ୍ୟାୟ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଦାରିଦ୍ର୍ୟ ଦୂରୀକରଣ ଭଳି ଗୁରୁଦାୟିତ୍ୱ ନିଭାଇ ଆଞ୍ଚଳିକ ସ୍ତରରେ ନେତୃତ୍ୱ ବିକଶିତ ହେଲା। ରାଜ୍ୟ ସରକାରଙ୍କ ଅଧୀନରେ ପରିଚାଳିତ ଏହି ଦୁଇ ବିଭାଗକୁ ଆର୍ଥିକ ସ୍ତରରେ ସୁଦୃଢ଼ କରିବା ସକାଶେ ୧୫ ଶ ଅର୍ଥ କମିଶନଙ୍କ ସୁପାରିସକ୍ରମେ କେନ୍ଦ୍ର ୨୦୨୧ ରୁ ୨୦୨୬ ବର୍ଷ ମଧ୍ୟରେ ୪.୩୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସହାରାଞ୍ଚଳରେ ବିକାଶ ପ୍ରକ୍ରିୟା କେବଳ ଗତିଶୀଳ ହେବନି, ଅଞ୍ଚଳବାସୀଙ୍କ ସଂପୃକ୍ତି ଓ ସହଯୋଗକୁ ମଧ୍ୟ ସୁନିଶ୍ଚିତ କରାଯାଇପାରିବ। ତେଣୁ ଆମେ ଆଶା କରିବା, ଏ କ୍ଷେତ୍ରରେ ଦଳ ବଳର ବାଛବିଚାରରୁ ମୁକ୍ତ ରହି କାର୍ଯ୍ୟ ସଂପାଦନକୁ ପ୍ରାଧାନ୍ୟ ଦିଆଯିବ।

ଗଣତନ୍ତ୍ରର ବିଦ୍ୟାଳୟ ରୂପେ ନିମ୍ନସ୍ତରରେ କାର୍ଯ୍ୟରତ ଏହି ସ୍ୱାୟତ୍ତ ଶାସନ ସଂଗଠନ ବ୍ୟବସ୍ଥାର ଭିତ୍ତିଭୂମି ହେବ। ତୃଣମୂଳସ୍ତରର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହେଲେ ତାହା ଜାତୀୟସ୍ତରର କାର୍ଯ୍ୟଧାରାକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବ। ୧୮୮୨ରେ ଲର୍ଡ ରିପନଙ୍କ ସମୟରୁ ଆମ ଦେଶରେ ଗଣତନ୍ତ୍ରର ମୂଳଦୁଆ ପଡ଼ିଥିଲା ତୃଣମୂଳସ୍ତରରେ। ଜାତୀୟସ୍ତରର ବହୁ ପ୍ରମୁଖ ନେତାଙ୍କ ସକାଶେ ଗଣତାନ୍ତ୍ରିକ ବ୍ୟବସ୍ଥାର ପାଠଶାଳା ରୂପେ ଏହି ତୃଣମୂଳ ସ୍ତରର ସଂସ୍ଥା ଶିକ୍ଷାଦାନ କରିଥିଲା। ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ଆଶାରେ ଆମ ସଂବିଧାନ ବ୍ୟବସ୍ଥାର ସଂଶୋଧନ ହେଲା ତାହା କ୍ରମେ ଶକୁନିଙ୍କ ପଶାକାଠି ଭଳି ଦୁର୍ନୀତି ଓ ଦୂରାଚାରକୁ ପ୍ରୋତ୍ସାହିତ କରୁଛି। କ୍ଷମତାର ଅହଂକାର ବେଳେ ବେଳେ ରାଜନୈତିକ ଫାଇଦା ହାସଲ ସକାଶେ ବ୍ୟବସ୍ଥାରେ ଅନାବଶ୍ୟକ ସଂଶୋଧନ ତୃଣମୂଳ ସ୍ତରକୁ ବିଶୃଙ୍ଖଳିତ କରିଥାଏ। ତେଣୁ ନିର୍ବାଚିତ ପୌରାଧ୍ୟକ୍ଷ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ପରିସରକୁ ସଂକୁଚିତ କରି ସ୍ଥାନୀୟ ପ୍ରଶାସନ ମାଧ୍ୟମରେ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାର ପ୍ରୟାସ ଆରମ୍ଭ ହୋଇଛି। ଉପର ମହଲରୁ ଇଙ୍ଗିତରେ ସ୍ଥାନୀୟ ପ୍ରଶାସନ ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା କରିବା ପରମ୍ପରା ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ସ୍ୱାଭାବିକ। ସରକାରଙ୍କ ପକ୍ଷରୁ ଦୁର୍ନୀତି ବିରୋଧରେ ଚାଲିଥିବା ଧରପଗଡ଼ କେବଳ ଧର୍ମକୁ ଆଖିଠାର ନୁହେଁ। ଯେଉଁମାନେ ଦଳୀୟ କର୍ମୀ ଓ ନେତାଙ୍କୁ ସନ୍ତୁଷ୍ଟ କରି କାର୍ଯ୍ୟକରୁଛନ୍ତି ସେମାନେ ସରକାରଙ୍କ ଆଖିରେ ସୁନାପିଲା।

ରାଜ୍ୟରେ ସରକାର ବଦଳିଛି, ହେଲେ ତୃଣମୂଳ ସ୍ତରରେ ବିରୋଧୀ ଏବେ ମଧ୍ୟ କ୍ଷମତାରେ ଅଛନ୍ତି। ସେମାନେ ତ ବହୁମତରେ ନିର୍ବାଚିତ ଲୋକପ୍ରତିନିଧି। ପଞ୍ଚାୟତ ଓ ପୌର ସଂସ୍ଥାର କ୍ଷମତା ପରିସରକୁ ସଂକୁଚିତ କରିବାର କ୍ଷମତା ରାଜ୍ୟ ସରକାରଙ୍କ ଅଛି। ଏହି ଦୁଇସ୍ତରର ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତାକୁ ସଂକୁଚିତ କରି ପ୍ରଶାସନ ହାତକୁ ଟେକି ଦିଆଯାଇଛି। ଅଥଚ ନିର୍ବାଚିତ ପ୍ରତିନିଧିଙ୍କୁ ବିଭିନ୍ନ ପ୍ରସଙ୍ଗରେ ଉତ୍ତରଦାୟୀ କିପରି କରାଯାଇପାରିବ? ରାଜ୍ୟରେ ଆଗକୁ ବ୍ୟବସ୍ଥିତି ଢଙ୍ଗରେ ନିର୍ବାଚିତ ହେଲେ, ହୋଇପାରେ ଏବର କ୍ଷମତାରେ ଥିବା ଲୋକଙ୍କୁ ପରିବର୍ତ୍ତିତ ପରିସ୍ଥିତିରେ ଲୋକେ ପ୍ରତ୍ୟାଖ୍ୟାନ କରିପାରନ୍ତି। ସେତେବେଳେ କ'ଣ ସରକାର ସେମାନଙ୍କୁ ପୁଣି ଆଇନରେ ସଂଶୋଧନ କରି ପୂର୍ବକ୍ଷମତା ଫେରାଇ ଦେବେ? ଏଭଳି ଏକ ସଂକୀର୍ଣ୍ଣ ମାନସିକତା ନେଇ ଶାସନ ପରିଚାଳନା କରାଯାଏନି। ଏକଥା ସତ ଯେ, ସମୟକ୍ରମେ ପରିବର୍ତ୍ତନର ସୁଯୋଗ ଆସିବ। ନଇ ନଦେଖୁଣୁ ନଙ୍ଗଳା ହେଲା ଭଳି କ୍ଷମତାକେନ୍ଦ୍ରିକ ଦୁରାଚାରକୁ ଅନ୍ତତଃ ପ୍ରୋତ୍ସାହନ ଦେବା ଉଚିତ ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉତ୍ତରଦାୟିତ୍ୱ ପ୍ରତି ନିର୍ବାଚିତ ପ୍ରତିନିଧି ସଚେତନ ନରହିଲେ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ଭୁଶୁଡ଼ି ପଡ଼ିବ। ତେଣୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଖଡ଼ିଛୁଆଁ କରୁଥିବା ତୃଣମୂଳ ସ୍ତରର ପ୍ରତିନିଧିଙ୍କୁ ନ୍ୟାୟଦେବାରେ ଆମେ ଯଦି ବିମୁଖ ହେବା ଏମାନେ ଉଚ୍ଚତର ସେପାନକୁ ଉନ୍ନୀତ ହେଲେ କ'ଣ କରିବେ?

ପରିବର୍ତ୍ତିତ ସମୟରେ ଉତ୍ତରଦାୟିତ୍ୱ ପ୍ରତି କେହି ସଚେତନ ନୁହନ୍ତି। କ୍ରମେ ପ୍ରଶ୍ନକରିବା ଅଧିକାର ମତଦାତାଙ୍କଠାରୁ ଛଡ଼ାଇ ନିଆଯାଇଛି। ଯେତେବେଳେ ନେତା ଓ ମନ୍ତ୍ରୀ ଜନସମୁଦାୟ ନିକଟରେ ଉତ୍ତରଦାୟୀ ନୁହନ୍ତି, ସେମାନେଙ୍କୁ ପ୍ରଶ୍ନ କିଏ ବା କାହିଁକି କରିବ? ସଂଖ୍ୟାବଳରେ ବଳୀୟାନ ବ୍ୟବସ୍ଥା ନିଜର ସ୍ଥିତି ବଜାୟ ରଖିବା ସକାଶେ ପ୍ରତିପକ୍ଷଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର ମାଧ୍ୟମରେ ନିନ୍ଦିତ ଓ ଅପମାନିତ କରିବାକୁ ଏକ ରାଜନୈତିକ କୌଶଳ ରୂପେ ଗ୍ରହଣ କରାଯାଇ ଥିବା ବେଳେ ତା'କୁ ପ୍ରତିହତ କରିବାର କ୍ଷମତା ଓ ସାମର୍ଥ୍ୟ ଜୁଟାଇବା ମଧ୍ୟ କଷ୍ଟକର। ତେଣୁ ତୃଣମୂଳ ସ୍ତରର ଏହି ନିର୍ବାଚନ ରାଜନୀତି ପାଇଁ ଏବେ ଠାରୁ ବ୍ୟବସ୍ଥାକୁ ଯେଭଳି ମାଡ଼ି ଚକଡ଼ି ଦଳି ଦିଆଯାଇଛି ସେଥିରେ ଆଗାମୀ ଦିନର ନବଗଠିତ ସଂସ୍ଥାର କାର୍ଯ୍ୟଧାର କ'ଣ ହେବ ତାହା ସହଜରେ ଅନୁମାନ କରାଯାଇପାରେ। ଗଣତନ୍ତ୍ରର ଚାଟଶାଳୀରେ ଏହିଯେଉଁ ପାଠପଢ଼ା ଚାଲିଛି ତାହା ଗଣତାନ୍ତ୍ରର ବିଶ୍ୱବିଦ୍ୟାଳୟକୁ ଆଗାମୀ ଦିନରେ ସେହି ଅନୁପାତରେ କଳୁଷିତ କରିବ। ଦେଶର ଗଣତନ୍ତ୍ର ଧାରା ଅନ୍ତତଃ ଗୁଳାରୁ ଖସି ନ ଯାଉ ଏତିକି କେବଳ ଆଶା କରିବା।

# ସରଳୀକରଣ ପ୍ରୟାସରେ ଆୟକର ଆଇନ

ଡ. ରଜନୀକାନ୍ତ ଖୁଣ୍ଟିଆ

କର ବା ଟିକସ ମାନବ ସଭ୍ୟତାର ବିକାଶ ସହିତ ଜଡ଼ିତ ଏକ ପୁରାତନ ବ୍ୟବସ୍ଥା, ଯାହା ସଂଗଠିତ ସମାଜ ଓ ଶାସନ ବ୍ୟବସ୍ଥାକୁ ଧାରଣ କରି ରଖିବାରେ ପ୍ରମୁଖ ଭୂମିକା ନିର୍ବାହ କରିଆସୁଛି। ଭାରତରେ କର ବ୍ୟବସ୍ଥାର ଇତିହାସରେ ପ୍ରଜାମାନଙ୍କ ଦ୍ୱାରା ରାଜ୍ୟ ପରିଚାଳନା ଓ ସାର୍ବଜନିକ କାର୍ଯ୍ୟ ପାଇଁ ଦିଆଯାଉଥିବା ଅଂଶଦାନର ସ୍ପଷ୍ଟ ଉଲ୍ଲେଖ 'ବେଦ'ରେ ଦେଖିବାକୁ ମିଳେ। 'ଅର୍ଥଶାସ୍ତ୍ର' ଅନୁଯାୟୀ ମୌର୍ଯ୍ୟଯୁଗରେ 'ଭୂମି-କର', 'ବ୍ୟାପାର-କର', 'ଶୁଳ୍କ ଓ ବୃତ୍ତି କର' ଭଳି ସୁସଂଗଠିତ କର ପ୍ରଣାଳୀ ରହିଥିଲା। ଗୁପ୍ତ ଯୁଗରେ ଭୂମି-କର ରାଜ୍ୟର ପ୍ରଧାନ ଆୟର ସ୍ରୋତ ଥିଲା। ଏହିପରି ଭାବେ ଏକ ଅମ୍ଳାନ ଐତିହାସିକ ପୃଷ୍ଠଭୂମି ଓ ସଭ୍ୟତାର ନିରନ୍ତର ବିକାଶ ସହିତ ଭାରତୀୟ କର ବ୍ୟବସ୍ଥା ଆଜି ଏକ ନୂତନ, ଆଧୁନିକ ଓ ସଂଗଠିତ କଳେବର ଧାରଣ କରିଛି। 'ଆୟକର ଆଇନ, ୧୯୬୧' ପ୍ରବର୍ତ୍ତିତ ହୋଇ ୧୯୨୨ର ଆଇନକୁ ପ୍ରତିସ୍ଥାପିତ କରିଛି ଏବଂ ଉନ୍ନତିଶୀଳ ଅର୍ଥନୀତି ପାଇଁ ଏକ ସୁସଂଗଠିତ କର ଢାଞ୍ଚା ପ୍ରଦାନ କରିଛି।

ପରବର୍ତ୍ତୀ ଛଅ ଦଶକରେ ଯୋଜନାମୂଳକ ବିକାଶ, ଉଦାରୀକରଣ ଓ ପ୍ରଯୁକ୍ତିଗତ ଉନ୍ନତିର ପର୍ଯ୍ୟାୟରେ ବହୁ ସଂଶୋଧନ, ଯୋଗ ଓ ବିୟୋଗରେ ଏହି ଆଇନ ଅଧିକ ବିସ୍ତୃତ ଓ ଜଟିଳ ହୋଇଯାଇଥିଲା। ଆଇନର ବ୍ୟାଖ୍ୟା ଓ ପ୍ରୟୋଗରେ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଏହି ପରିପ୍ରେକ୍ଷୀରେ ଗଠନାତ୍ମକ ସଂଶୋଧନର ଆବଶ୍ୟକତା ଅନୁଭବ ହୋଇ ଶେଷରେ 'ଆୟକର ଆଇନ-୨୦୨୫' ପ୍ରବର୍ତ୍ତନ କରାଯାଇଛି। ସଂଶୋଧିତ ଆଇନର ଗଠନକୁ ପୁନର୍ବିନ୍ୟାସ କରାଯାଇ ଧାରା ସଂଖ୍ୟା କମାଇବା, ଏକକ କର ବର୍ଷର ପ୍ରଚଳନ, କର ସମ୍ବନ୍ଧୀୟ ପ୍ରାବଧାନଗୁଡ଼ିକୁ ସୁସଙ୍ଗତ ଓ ସଂଯୁକ୍ତ କରିବା, ଡିଜିଟାଲ୍ ଅନୁସରଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆଦି କର ବ୍ୟବସ୍ଥାକୁ ମାର୍ଜିତ କରିଛି। ଏପ୍ରିଲ୍ ୧, ୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ଏହି ଆଇନ ଭାରତର ପ୍ରତ୍ୟକ୍ଷ କର ପ୍ରଣାଳୀ ପାଇଁ ଏକ ଅଧିକ ସ୍ପଷ୍ଟ, ସୁସଂଗତ ଏବଂ ପ୍ରଶାସନିକ ଭାବେ କାର୍ଯ୍ୟକ୍ଷମ ଢାଞ୍ଚା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

ଆୟକର ଆଇନ-୧୯୬୧ କାଳକ୍ରମେ ଦୀର୍ଘ ଓ ଜଟିଳ ହୋଇଯାଇଥିବାରୁ କର ଆଧାର ସଂକୁଚିତ ହେବା ସହିତ ମାମଲା, ପ୍ରଶାସନିକ ଖର୍ଚ୍ଚ ଓ କରଦାତାଙ୍କ ଅନୁସରଣ ଭାର ବଢ଼ିଯାଇଥିଲା। ଅଧିକନ୍ତୁ ପାରମ୍ପରିକ ଆଇନ ଭାଷାର ମାତ୍ରାଧିକ ବ୍ୟବହାର, ଦୀର୍ଘ ବାକ୍ୟ, ଅନେକ ସର୍ତ୍ତ ଓ ବିସ୍ତୃତ ବ୍ୟାଖ୍ୟା ଆଦି ସାଧାରଣ କରଦାତାଙ୍କ ପାଇଁ ବୁଝିବାକୁ କଷ୍ଟ ହେଉଥିଲା। ଏହି ସମସ୍ତ କାରଣ ମିଶି ଏକ ସରଳ, ସ୍ୱଚ୍ଛ ଓ ସମନ୍ୱିତ ନୂତନ ଆୟକର ଆଇନର ଆବଶ୍ୟକତାକୁ ଜନ୍ମ ଦେଲା। ଜୁଲାଇ ୨୦୨୪ରେ ଆୟକର ଆଇନ-୧୯୬୧କୁ ସରଳ, ସ୍ୱଚ୍ଛ ଓ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ପ୍ରୟାସରେ ସି.ବି.ଡି.ଟି ଦ୍ୱାରା ଗଠିତ ଏକ ଆଭ୍ୟନ୍ତରୀଣ କମିଟି ଶିଳ୍ପ ସଂଗଠନ, ପେଶାଗତ ସଂଘ ଓ କର ବିଭାଗର ଅଧିକାରୀମାନଙ୍କ ସହିତ ପରାମର୍ଶ କରିବା ସହ ଆନ୍ତର୍ଜାତିକ ସର୍ବୋତ୍ତମ ପ୍ରଚଳନରୁ ମଧ୍ୟ ଅନୁଭବ ଗ୍ରହଣ କରିଥିଲା। କର ନୀତି ଓ କର ହାରରେ ପରିବର୍ତ୍ତନ ନ କରି ସରଳ ଭାଷା ଓ ଗଠନ ଉପରେ ଗୁରୁତ୍ୱ ଦେଇ ଆୟକର ଆଇନ-୨୦୨୫ର ଖସଡ଼ାରେ ଜଟିଳ ଭାଷା ହଟାଇବା, ଅପ୍ରୟୋଜନୀୟ ବ୍ୟବସ୍ଥା ଅପସାରଣ କରିବା ଏବଂ ବ୍ୟବସ୍ଥାଗୁଡ଼ିକୁ ତର୍କସଙ୍ଗତ ଭାବେ ପୁନଃଗଠନ କରିବାକୁ ପ୍ରାଧାନ୍ୟ ଦିଆଯାଇଥିଲା।

ଏହି ସଂଶୋଧନ ଆଧୁନିକ ଅର୍ଥନୈତିକ ପରିସ୍ଥିତି ସହିତ ସମନ୍ୱୟ ରଖି ଏକ ସ୍ୱଚ୍ଛ, କରଦାତା ଉନ୍ମୁଖୀ ଓ ବିଶ୍ୱାସଭିତ୍ତିକ କର ପରିବେଶ ଗଢ଼ିବାକୁ ଆଶା ରଖିଛି। ଆଇନଟିକୁ ୮୦୦ରୁ ଅଧିକ ଧାରାରୁ ୫୩୬ ଧାରାରେ ସଂକୁଚିତ କରାଯାଇ, ୨୩ଟି ଅଧ୍ୟାୟ ଓ ୧୬ଟି ସୂଚୀରେ ସୁସଙ୍ଗଠିତ କରାଯାଇଛି, ଯାହା ଆଇନ ଖୋଜିବା ଓ ବୁଝିବାକୁ ସହଜ କରେ। ପୂର୍ବରୁ ବ୍ୟବହୃତ ପୂର୍ବବର୍ଷ (ପ୍ରିଭିଏସ ଇୟର) ଓ ମୂଲ୍ୟାଙ୍କନ ବର୍ଷ (ଆସେସମେଣ୍ଟ ଇୟର) ସ୍ଥାନରେ 'କର ବର୍ଷ' (ଟାକ୍ସ ଇୟର) ର ପ୍ରଚଳନ କରାଯାଇ କରଦାତାଙ୍କ ପାଇଁ ଅସ୍ପଷ୍ଟତା କମାଇଛି। ଅଧିକନ୍ତୁ ଏହି ଆଇନର ପରିସରକୁ ଅଧିକ ବ୍ୟାପ୍ତ କରାଯାଇ ସରକାରଙ୍କୁ କାର୍ଯ୍ୟକାରିତା, ପାରଦର୍ଶିତା ଓ ଦାୟିତ୍ୱକୁ ବଢ଼ାଇବା ପାଇଁ ଯୋଜନା ପ୍ରଣୟନ କରିବାର ଅଧିକାର ଦିଏ, ଯେଉଁଥିରେ ଫେସ୍‌ଲେସ୍ ପ୍ରକ୍ରିୟା ଓ ସମ୍ପଦର ସର୍ବୋତ୍ତମ ବ୍ୟବହାର ସମ୍ମିଳିତ। କର ଅନୁସରଣ ସରଳ କରିବା ପାଇଁ ବିଭିନ୍ନ ବ୍ୟବସ୍ଥାକୁ ସଂଘଟିତ କରାଯାଇଛି। ଉଦାହରଣସ୍ୱରୂପ, ସମସ୍ତ ଟି.ଡି.ଏସ. ସମ୍ବନ୍ଧୀୟ ନିୟମ ଏକମାତ୍ର ଧାରାର (ଧାରା ୩୯୩) ଅଧୀନକୁ ଆଣାଯାଇଛି। ଭର୍ଚୁଆଲ୍ ଡିଜିଟାଲ୍ ସ୍ପେସକୁ ଔପଚାରିକ ଭାବେ ସ୍ୱୀକୃତି ମିଳିଛି ଓ କ୍ରିପ୍ଟୋକରେନ୍ସି ସଦୃଶ ଡିଜିଟାଲ୍ ସଂପତ୍ତିକୁ ଆବର୍ତ୍ତିତ କରାଯାଇ ଭର୍ଚୁଆଲ୍ ଡିଜିଟାଲ୍ ଆସେଟ୍ ର ପରିଧିକୁ ବିସ୍ତାର କରାଯାଇଛି। ଏହା ସହିତ ଏକ ଅଧିକ ସଂରଚିତ ଓ ମୈତ୍ରୀପୂର୍ଣ୍ଣ ବିବାଦ ସମାଧାନ ପ୍ରଣାଳୀ ଆଇନର ପାରଦର୍ଶିତା ଓ ପ୍ରଶାସନିକ କାର୍ଯ୍ୟକାରିତାକୁ ଶକ୍ତ କରିବାର ଚେଷ୍ଟା କରିଛି।

ଆୟକର ଆଇନ-୨୦୨୫ ଦୀର୍ଘଦିନ ଧରି ଚାଲିଥିବା ୧୯୬୧ ଆଇନକୁ ପ୍ରତିସ୍ଥାପିତ କଲେ ମଧ୍ୟ କିଛି ବ୍ୟବହାରିକ ଅସୁବିଧା ଦେଖାଦେଇପାରେ। ସର୍ବପ୍ରଥମେ, ନୂତନ ଧାରା ସଂଖ୍ୟାକ୍ରମ ଓ ଗଠନ କାରଣରୁ କରଦାତା, କର ପରାମର୍ଶଦାତା ଓ କର ଅଧିକାରୀମାନଙ୍କୁ ପୁରୁଣା ବ୍ୟବସ୍ଥା ଛାଡ଼ି ନୂତନ ଆଇନ ସହ ଖାପଖୁଆଇବାକୁ ସମୟ ଲାଗିବ, ଯାହା ଆରମ୍ଭରେ ଅସ୍ପଷ୍ଟତା ସୃଷ୍ଟି କରିପାରେ। ଡିଜିଟାଲ୍-ପ୍ରଥମ ପଦ୍ଧତି ଫଳରେ ଫେସ୍‌ଲେସ୍ ଆସେସ୍‌ମେଣ୍ଟ ଲକ୍ଷ୍ୟ ଅନଲାଇନ୍ ପ୍ରକ୍ରିୟା ଉପରେ ଅଧିକ ନିର୍ଭରଶୀଳତା ବଢ଼ିଛି, ଯାହା ଗ୍ରାମୀଣ ଅଞ୍ଚଳର କରଦାତା, ବୟସ୍କ ବ୍ୟକ୍ତି ଓ ପ୍ରଯୁକ୍ତିରେ ଅପରିଚିତ ଲୋକମାନଙ୍କ ପାଇଁ ସମସ୍ୟା ହୋଇପାରେ। କେନ୍ଦ୍ର ସରକାରଙ୍କୁ ଯୋଜନା ତିଆରି କରିବା ପାଇଁ ଦିଆଯାଇଥିବା ବ୍ୟାପକ ଶକ୍ତି ଦ୍ୱାରା ବିଧାନମଣ୍ଡଳୀୟ ନିୟନ୍ତ୍ରଣ କମିବା ଓ ଦାୟିତ୍ୱବୋଧ ସମ୍ପର୍କିତ ଆଶଙ୍କା ଉପସ୍ଥିତ ହୁଏ।

'ଭର୍ଚୁଆଲ୍ ଡିଜିଟାଲ୍ ସ୍ପେସ୍'ରେ ତଲାସି ଓ ଜବତ ଶକ୍ତି ବଢ଼ିବାରୁ ଇମେଲ୍, ସୋସିଆଲ୍ ମିଡିଆ ଆକାଉଣ୍ଟ ଓ ଅନଲାଇନ୍ ଆର୍ଥିକ ତଥ୍ୟର ପ୍ରକାଶ ସମ୍ଭବ ହେଉଥିବାରୁ ଗୋପନୀୟତା ଓ ତଥ୍ୟ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ତଦୁପରି, କର ହାର ଓ ରିହାତିରେ କୌଣସି ତତ୍କାଳିକ ପରିବର୍ତ୍ତନ ନଥିବାରୁ ମଧ୍ୟମ ଓ ନିମ୍ନ ଆୟ ଶ୍ରେଣୀର କରଦାତାମାନେ ଆର୍ଥିକ ରିହାତିର ଅନୁଭୂତି ପାଉନାହାନ୍ତି। ସରଳୀକରଣ ସତ୍ତ୍ୱେ ଅନ୍ତର୍ଜାତୀୟ କର, ଟ୍ରାନ୍ସଫର୍ ପ୍ରାଇସିଂ ଓ ଡିଜିଟାଲ୍ ଆୟ ପରି ବିଶେଷ କ୍ଷେତ୍ରଗୁଡ଼ିକ ପୂର୍ବପରି ଜଟିଳ ରହିଥିବାରୁ ବଡ଼ କମ୍ପାନୀ ଓ ବହୁଜାତୀୟ ସଂସ୍ଥାମାନଙ୍କ ପାଇଁ ସେପରି ପ୍ରୋତ୍ସାହନ ନମିଳିବାର ଆଶଙ୍କା ସୃଷ୍ଟି କରିଛି। ଶେଷରେ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କର ଆଇନଜୀବୀ ଓ କର ଅଧିକାରୀମାନଙ୍କୁ ନୂତନ ଆଇନର ଧାରା, ପ୍ରକ୍ରିୟା ଓ ଡିଜିଟାଲ୍ ବ୍ୟବସ୍ଥା ବୁଝିବା ପାଇଁ ପୁନଃପ୍ରଶିକ୍ଷଣ ଆବଶ୍ୟକ, ଯାହା ପ୍ରାରମ୍ଭିକ ଅବଧିରେ ସମସ୍ୟା ସୃଷ୍ଟି କରିପାରେ।

ହାନ୍ସ୍ ହଫମାନ୍‌ଙ୍କ ମତରେ ସରଳୀକରଣର ଅର୍ଥ ହେଉଛି ଅପ୍ରୟୋଜନୀୟ କଥାକୁ ହଟାଇ ଆବଶ୍ୟକତାକୁ ସ୍ପଷ୍ଟ କରିବା। ଏହା କୌଣସି ବିଷୟକୁ ଛୋଟ କିମ୍ବା ଅଧୁରା କରିଦେବା ନୁହେଁ, ବରଂ ଅପ୍ରୟୋଜନୀୟ ଅଂଶକୁ ଅପସାରଣ କରି ମୂଳ ଓ ଆବଶ୍ୟକ ଅଂଶକୁ ସ୍ପଷ୍ଟ ଭାବେ ପ୍ରକାଶ କରିବା। ତେଣୁ ଏହା ଏକ ସୃଜନାତ୍ମକ ଓ ଦାୟିତ୍ୱପୂର୍ଣ୍ଣ ପ୍ରକ୍ରିୟା। ଅଧିକ ନିୟମ, ଅନେକ ବ୍ୟବସ୍ଥା ଓ ଜଟିଳ ଭାଷା ସାଧାରଣ ଲୋକଙ୍କୁ ଭ୍ରମିତ କରେ ଓ ବ୍ୟବସ୍ଥାରୁ ଦୂରେଇ ଦିଏ। କିନ୍ତୁ ଯେତେବେଳେ ଅପ୍ରୟୋଜନୀୟତାକୁ ହଟାଇ ମୂଳ ନୀତିଗୁଡ଼ିକୁ ସ୍ପଷ୍ଟ କରାଯାଏ, ସେତେବେଳେ ବ୍ୟବସ୍ଥା ବୁଝିବା ସହଜ ହୁଏ, ବିଶ୍ୱାସ ବଢ଼େ ଏବଂ ସ୍ୱଇଚ୍ଛାରେ ଅନୁସରଣର ପ୍ରବୃତ୍ତି ଗଢ଼ିଉଠେ। ଏହି ପରିପ୍ରେକ୍ଷୀରେ, ଭାରତୀୟ କର ବ୍ୟବସ୍ଥାରେ ସରଳୀକରଣ ଦିଗରେ ଗ୍ରହଣ କରାଯାଇଥିବା ଏହି ବଳିଷ୍ଠ ଓ ସୁଦୂରପ୍ରସାରୀ ପ୍ରୟାସର ସଫଳ ରୂପାୟନ ଓ କାର୍ଯ୍ୟକାରିତା ନିତାନ୍ତ ଆବଶ୍ୟକ। ଏହା କେବଳ କର ବ୍ୟବସ୍ଥାକୁ ଅଧିକ ସରଳ ଓ ସ୍ପଷ୍ଟ କରିବା ନୁହେଁ, ବରଂ କରଦାତାଙ୍କର ବିଶ୍ୱାସ ବଢ଼ାଇ ସ୍ୱଇଚ୍ଛାରେ ଅନୁସରଣ କରିବାର ସଂସ୍କୃତିକୁ ସୁଦୃଢ଼ କରିବାରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଏ।

(ସହକାରୀ ପ୍ରଫେସର, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ)
ମୋ: ୯୯୩୭୨୮୫୬୭୨

# ପ୍ରବାଦପୁରୁଷଙ୍କୁ ଆକ୍ଷେପ: ଏକ ସାଂସ୍କୃତିକ ଅପରାଧ

ମାନସ କୁମାର କର

ଓଡ଼ିଶାର ବରପୁତ୍ର, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ସାମ୍ପ୍ରତିକ ବୟାନ କେବଳ ଓଡ଼ିଶା ନୁହେଁ, ବରଂ ସମଗ୍ର ଦେଶରେ ଏକ ତୀବ୍ର ବିତର୍କ ଓ ଅସନ୍ତୋଷ ସୃଷ୍ଟି କରିଛି। ବିଜୁବାବୁ କେବଳ ଜଣେ ରାଜନେତା ନଥିଲେ; ସେ ଥିଲେ ଓଡ଼ିଶାର ଅସ୍ମିତା, ବିକାଶର ସ୍ୱପ୍ନଦ୍ରଷ୍ଟା ଏବଂ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବ୍ୟକ୍ତିତ୍ୱ। ତାଙ୍କ ଭଳି ଜଣେ ମହାପୁରୁଷଙ୍କ ପ୍ରତି ଅସମ୍ମାନଜନକ ଶବ୍ଦର ପ୍ରୟୋଗ ଆମ ରାଜନୈତିକ ଆଳାପର ସ୍ତର କେତେ ତଳକୁ ଖସିଗଲାଣି, ତାହା ଦର୍ଶାଉଛି।

ବିଜୁ ପଟ୍ଟନାୟକଙ୍କ ଜୀବନ ଏକ ରୋମାଞ୍ଚକର ଇତିହାସ। ସେ ଜଣେ ଦକ୍ଷ ବିମାନଚାଳକ, ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତା। ତାଙ୍କର ସାହସିକତା ଓ ଦୂରଦୃଷ୍ଟିର କାହାଣୀ କେବଳ ଭାରତରେ ନୁହେଁ, ବିଦେଶରେ ମଧ୍ୟ ଜଣାଶୁଣା। ବିଶେଷକରି, ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ତାଙ୍କୁ ସେହି ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କର ମହାନତାର ସବୁଠାରୁ ବଡ଼ ପ୍ରମାଣ ଥିଲା ତାଙ୍କର ଅନ୍ତିମ ଯାତ୍ରା। ଓଡ଼ିଶା ତଥା ଦେଶର ଇତିହାସରେ ସମ୍ଭବତଃ ଏହା ପ୍ରଥମ ଓ ଏକମାତ୍ର ଘଟଣା, ଯେଉଁଠି ଜଣେ ନେତାଙ୍କ ପାର୍ଥିବ ଶରୀର ଉପରେ ତିନୋଟି ଦେଶର ଜାତୀୟ ପତାକା (ଭାରତ, ଇଣ୍ଡୋନେସିଆ ଓ ରୁଷିଆ) ଢଙ୍କା ଯାଇଥିଲା। ଏହା କୌଣସି ସାଧାରଣ ସମ୍ମାନ ନଥିଲା; ଏହା ଥିଲା ତାଙ୍କର ଅନ୍ତର୍ଜାତୀୟ ପ୍ରଭାବ, ସାହସିକତା ଓ ମାନବବାଦ ପ୍ରତି ବିଶ୍ୱ ସମୁଦାୟର ଶ୍ରଦ୍ଧାଞ୍ଜଳି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ସେ ରାଜ୍ୟରେ ଶିଳ୍ପାୟନ, ଶିକ୍ଷା ଓ ଭିତ୍ତିଭୂମିର ବିକାଶ ପାଇଁ ଯେଉଁ ମୂଳଦୁଆ ପକାଇଥିଲେ, ତାହା ଆଜି ବି ଓଡ଼ିଶାର ପ୍ରଗତିର ପଥପ୍ରଦର୍ଶକ ହୋଇ ରହିଛି।

ତାଙ୍କର ଏହି ବିରାଟ ବ୍ୟକ୍ତିତ୍ୱ ପାଇଁ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ତାଙ୍କୁ ଜଣେ ମହାନ ଦେଶପ୍ରେମୀ ଓ 'ବିଶାଳ ବ୍ୟକ୍ତିତ୍ୱ' ଭାବରେ ସମ୍ବୋଧନ କରୁଥିଲେ। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଅନେକ ସମୟରେ ବିଜୁବାବୁଙ୍କ ଦୂରଦୃଷ୍ଟି ଓ କାର୍ଯ୍ୟଦକ୍ଷତାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଯେତେବେଳେ ଜାତୀୟସ୍ତରର ଏତେ ବଡ଼ ବଡ଼ ନେତାମାନେ ବିଜୁବାବୁଙ୍କୁ ସମ୍ମାନର ସହ ମନେ ପକାଉଛନ୍ତି, ସେତେବେଳେ ତାଙ୍କରି ଦଳର ଜଣେ ସାଂସଦଙ୍କ ଏଭଳି ଟିପ୍ପଣୀ ଅତ୍ୟନ୍ତ ଦୁଃଖଦାୟକ ଓ ନିନ୍ଦନୀୟ।

ନିକଟ ଅତୀତରେ ଆମ ଦେଶର ରାଜନୈତିକ ସଂସ୍କୃତିରେ ଏକ ବିପଜ୍ଜନକ ଧାରା ଦେଖିବାକୁ ମିଳୁଛି। ନେତାମାନେ ନିଜର ପ୍ରତିଦ୍ୱନ୍ଦ୍ୱୀ କିମ୍ବା ଐତିହାସିକ ବ୍ୟକ୍ତିତ୍ୱମାନଙ୍କ ପ୍ରତି ଅତ୍ୟନ୍ତ କଟୁ, ଅଶାଳୀନ ଓ ଅସମ୍ମାନଜନକ ମନ୍ତବ୍ୟ ଦେଉଛନ୍ତି। ଏହା ପଛରେ ଦୁଇଟି ମୁଖ୍ୟ କାରଣ ଥାଇପାରେ: ପ୍ରଥମତଃ, ଶସ୍ତା ଲୋକପ୍ରିୟତା ହାସଲ କରିବା କିମ୍ବା ନିଜର ଭୋଟବ୍ୟାଙ୍କକୁ ସନ୍ତୁଷ୍ଟ କରିବା। ଦ୍ୱିତୀୟତଃ, ରାଜନୈତିକ ହିଂସା ଓ ଅସହିଷ୍ଣୁତାର ପରିପ୍ରକାଶ। ଏହି ଧାରାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, କଟୁ ମନ୍ତବ୍ୟ ଦେବା ପରେ ଯେତେବେଳେ ଚାରିଆଡୁ ପ୍ରତିକ୍ରିୟା ପ୍ରକାଶ ପାଏ, ସେତେବେଳେ ସମ୍ପୃକ୍ତ ନେତା ଜଣକ 'କ୍ଷମା ପ୍ରାର୍ଥନା' କରି ଦିଅନ୍ତି କିମ୍ବା 'ମୋ ବୟାନକୁ ଭୁଲ ଭାବରେ ଉପସ୍ଥାପନ କରାଯାଇଛି' ବୋଲି ସଫେଇ ଦିଅନ୍ତି। ଏହି 'କ୍ଷମା ପ୍ରାର୍ଥନା'ରେ ଅନେକ ସମୟରେ ଆନ୍ତରିକ ନଥାଏ, ବରଂ ଏହା କେବଳ ରାଜନୈତିକ ଝଡ଼ରୁ ରକ୍ଷା ପାଇବା ପାଇଁ ଏକ କୌଶଳ ମାତ୍ର। ଏହା ଏକପ୍ରକାର ଅଭ୍ୟାସରେ ପରିଣତ ହୋଇଗଲାଣି - ପ୍ରଥମେ ବିଷୋଦଗାର କର, ତା'ପରେ କ୍ଷମା ମାଗି ନିଜକୁ ନିର୍ଦ୍ଦୋଷ ପ୍ରମାଣିତ କର। ଏଭଳି ଆଚରଣ ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଏବଂ ଏହା ସମାଜରେ ବିଦ୍ୱେଷ ସୃଷ୍ଟି କରେ।

ଏଭଳି ଦାୟିତ୍ୱହୀନ ଓ କଟୁ ମନ୍ତବ୍ୟକୁ କେବଳ ରାଜନୈତିକ ନିନ୍ଦା କିମ୍ବା ଲୋକଲଜ୍ଜାର ଭୟ ଦେଖାଇ ରୋକାଯାଇପାରିବ ନାହିଁ। ବର୍ତ୍ତମାନ ସମୟ ଆସିଛି, ଏଥିପାଇଁ କଠୋର ଆଇନଗତ ବ୍ୟବସ୍ଥା କରାଯିବା ଆବଶ୍ୟକ। ଯଦି ଜଣେ ନେତା ସମ୍ବିଧାନର ଶପଥ ନେଇ ସର୍ବସାଧାରଣରେ ଜାତୀୟ ସମ୍ମାନ, ସ୍ୱାଧୀନତା ସଂଗ୍ରାମୀ କିମ୍ବା ଦେଶର ବରପୁତ୍ରମାନଙ୍କ ପ୍ରତି ଅସମ୍ମାନଜନକ କଥା କହନ୍ତି, ତେବେ ତାହାକୁ କେବଳ 'ବାକ୍ ସ୍ୱାଧୀନତା'ର ଆଖ୍ୟା ଦିଆଯାଇପାରିବ ନାହିଁ। ଆମ ଦେଶର କାନୁନରେ ମାନହାନି ଓ ସାମାଜିକ ବିଦ୍ୱେଷ ସୃଷ୍ଟି କରିବା ବିରୋଧରେ ବ୍ୟବସ୍ଥା ଅଛି। କିନ୍ତୁ ରାଜନେତାମାନେ ଅନେକ ସମୟରେ ନିଜର ପ୍ରଭାବ ବ୍ୟବହାର କରି ଏଥିରୁ ବର୍ତ୍ତି ଯାଆନ୍ତି। ତେଣୁ ଏକ ସ୍ୱତନ୍ତ୍ର ଓ କଠୋର ଆଇନ ପ୍ରଣୟନ ହେବା ଦରକାର, ଯାହା ବିଶେଷ ଭାବରେ ନିର୍ବାଚିତ ପ୍ରତିନିଧି ଓ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କ ଦ୍ୱାରା ଦିଆଯାଉଥିବା କଟୁ ଓ ଅସମ୍ମାନଜନକ ବୟାନକୁ ନିୟନ୍ତ୍ରଣ କରିବ। କଟୁ, ଅଶାଳୀନ କିମ୍ବା ଜାତୀୟ ଅସ୍ମିତା ପ୍ରତି ଅସମ୍ମାନଜନକ ମନ୍ତବ୍ୟର ଏକ ସ୍ପଷ୍ଟ ସଂଜ୍ଞା ରହିବା ଆବଶ୍ୟକ। ଯଦି କୌଣସି ନେତା ଏଭଳି ମନ୍ତବ୍ୟ ଦେଇ ଦୋଷୀସାବ୍ୟସ୍ତ ହୁଅନ୍ତି, ତେବେ କେବଳ ଜୋରିମାନା ନୁହେଁ, ବରଂ ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ବାଚନ ଲଢ଼ିବା ଉପରେ କଟକଣା କିମ୍ବା ଦଳରୁ ବହିଷ୍କାର ଭଳି କଠୋର ଦଣ୍ଡର ବ୍ୟବସ୍ଥା ରହିବା ଉଚିତ। ଏଭଳି ମାମଲାର ଶୁଣାଣି ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ବ୍ୟବସ୍ଥା ହେବା ଦରକାର, ଯେପରିକି ରାଜନୈତିକ ଚାପରେ ମାମଲା ବର୍ଷ ବର୍ଷ ଧରି ପଡ଼ି ନରହେ। ଯଦି କୌଣସି ଦଳର ନେତା ବାରମ୍ବାର ଏଭଳି ଆଚରଣ କରନ୍ତି, ତେବେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସେହି ଦଳ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିବା ଉଚିତ।

ବିଜୁ ପଟ୍ଟନାୟକଙ୍କ ଭଳି ମହାନାୟକଙ୍କ ପ୍ରତି ଅସମ୍ମାନ କୌଣସି ଓଡ଼ିଆ କିମ୍ବା ସ୍ୱାଭିମାନୀ ଭାରତୀୟ ଗ୍ରହଣ କରିପାରିବେ ନାହିଁ। ନିଶିକାନ୍ତ ଦୁବେଙ୍କ ବୟାନ କେବଳ ଏକ ରାଜନୈତିକ ଭୁଲ ନୁହେଁ, ବରଂ ଏହା ଏକ ସାଂସ୍କୃତିକ ଅପରାଧ। ଆମର ନେତାମାନେ ବୁଝିବା ଉଚିତ ଯେ, ବାକ୍ ସ୍ୱାଧୀନତା ସହ ଦାୟିତ୍ୱବୋଧ ମଧ୍ୟ ଜଡ଼ିତ। ଜାତୀୟ ପ୍ରତୀକ ଓ ବରପୁତ୍ରମାନଙ୍କୁ ସମ୍ମାନ ଦେବା ଆମ ସମସ୍ତଙ୍କର ସାମ୍ବିଧାନିକ ଓ ନୈତିକ କର୍ତ୍ତବ୍ୟ।

କୋଟାଙ୍ଗ (କୋଣାର୍କ), ମୋ: ୭୩୮୧୩୮୨୨୧୦

# ଅନିଦ୍ରା ଓ ଚର୍ବିଳ ଯକୃତ

## ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଚର୍ବିଳ ଯକୃତ ବା 'ଫ୍ୟାଟି ଲିଭର' ଏକ ଘାତକ ବ୍ୟାଧି। ଏ ରୋଗରେ ଚର୍ବି ଯକୃତର ଜୀବକୋଷରେ ଅଧିକ ପରିମାଣରେ ଜମା ହୋଇ ଏହାର କାର୍ଯ୍ୟରେ ବାଧା ପହଞ୍ଚାଏ। ସାଧାରଣତଃ ମଦ୍ୟପାନକୁ ଏଥିପାଇଁ ଦାୟୀ କରାଯାଏ। ତେବେ ଅନେକସ୍ଥଳେ ମଦ୍ୟପାନ ନ କରୁଥିବା ଲୋକେ ମଧ୍ୟ ଏଥିରେ ପୀଡ଼ିତ ହୁଅନ୍ତି। କାରଣ ଏହା ଚୟାପଚୟ ଜନିତ ବିଶୃଙ୍ଖଳା, ଇନ୍‌ସୁଲିନ୍ ପ୍ରତିରୋଧ, ଫୁଲା, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ବିବିଧପ୍ରକାର ଜୀବନଶୈଳୀ ସହ ଜଡ଼ିତ। ସେଥିପାଇଁ ପୀଡ଼ିତ ଲୋକଙ୍କୁ ମଦ୍ୟପାନ ପରିତ୍ୟାଗ କରିବା ସହିତ ଶର୍କରା ଓ ଚର୍ବିଜାତୀୟ ଖାଦ୍ୟ କମ୍ ଖାଇବା, ପ୍ରତ୍ୟହ ଅନ୍ତତଃ ୧୦ ହଜାର ପାଦ ଚାଲିବା, ଖେଳ କସରତ କରିବା ଆଦି ପାଇଁ ଉପଦେଶ ଦିଆଯାଇଥାଏ। କିନ୍ତୁ ଏଥିଲାଗି ସୁନିଦ୍ରାର ଆବଶ୍ୟକତା ସମ୍ପର୍କରେ ଆମେ କମ୍ ସଚେତନ, ଯଦିଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଭଳି ଯକୃତର ସ୍ୱାସ୍ଥ୍ୟ ପାଇଁ ଏହା ଏକାନ୍ତ ଆବଶ୍ୟକ।

ଦୀର୍ଘଦିନ ଧରି ହୋଇ ଆସିଥିବା ଗବେଷଣାରୁ ଜଣାପଡ଼ିଛି ଯେ, ମଦ୍ୟପାନ ନ କରୁଥିବା ଲୋକଠାରେ ଯକୃତରେ ଚର୍ବି ଜମିବାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ କାରଣ ହେଲା ଅନିଦ୍ରା। ଗଭୀର ନିଦ୍ରା ବା ସୁନିଦ୍ରା ଶରୀରର ପ୍ରାୟ ସମସ୍ତ ଚୟାପଚୟ ପ୍ରକ୍ରିୟାର ପୁନରୁଦ୍ଧାର, ଫୁଲା ନିୟନ୍ତ୍ରଣ, କ୍ଷୁଧା ସମ୍ପର୍କରେ ସୂଚନା, ଭାବ ପ୍ରବଣତାକୁ ଶକ୍ତିଶାଳୀ କରିବା ଏବଂ ଜୀବକୋଷର ମରାମତି ପାଇଁ ଏକାନ୍ତ ପ୍ରୟୋଜନ। ଏଣୁ ଏହା ଯଥେଷ୍ଟ ନ ହେଲେ ନିମ୍ନୋକ୍ତ ସମସ୍ୟାମାନ ଦେଖାଯାଏ।

୧. ଶୋଇଲା ସମୟରେ ଘଡ଼ିଘଡ଼ିକେ ନିଦ୍ରାଭଙ୍ଗ ହେଲେ ତାହା ଦେହ ଓ ମନକୁ ଚାପଗ୍ରସ୍ତ ରଖେ। କାଳକ୍ରମେ ଏହା ଚୟାପଚୟ ବ୍ୟବସ୍ଥାକୁ ପ୍ରଭାବିତ କରେ ଏବଂ ଶରୀରରେ ଚର୍ବିଜମା ହେବା ସହିତ ଇନ୍‌ସୁଲିନ୍ ପ୍ରତିରୋଧର ମଧ୍ୟ କାରଣ ହୁଏ, ଯାହାକି ପ୍ରତ୍ୟକ୍ଷ ଭାବେ ବୃକ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ। ଏଣୁ ଜଣେ ଲୋକ ଅନ୍ୟ ସବୁ ସାବଧାନତା ଅବଲମ୍ବନ କଲେ ମଧ୍ୟ କମ୍ ନିଦ୍ରାପ୍ରବଣତା ତାକୁ ସହଜରେ ଯକୃତ ଚର୍ବିଳତାର ଶିକାର କରାଏ। ୨. ବାରମ୍ବାର ନିଦ୍ରାଭଙ୍ଗ ହେଲେ ଶରୀରରେ ଗ୍ଲୁକୋଜ ଶର୍କରାର ନିୟନ୍ତ୍ରଣ ଠିକ୍ ରୂପେ ହୁଏ ନାହିଁ। ଏଣୁ ଇନ୍‌ସୁଲିନ୍ ଆବଶ୍ୟକତା ବୃଦ୍ଧି ପାଏ। ଶରୀରରେ ଚର୍ବି ଜମା ହୁଏ ଏବଂ ଚୟାପଚୟ ପ୍ରକ୍ରିୟା ମନ୍ଥର ହୁଏ। ଏପରିକି ପୃଥୁଳକାୟ ହୋଇ ନ ଥିବା ଏବଂ ମଦ୍ୟପାନ କରୁନଥିବା ଲୋକଠାରେ ଚର୍ବିଳ ଯକୃତର ଏହା ଏକ କାରଣ ହୋଇପାରେ। ୩. ନିଦ୍ରାହୀନତା କ୍ଷୁଧାର ନିୟମିତତାକୁ ଭଙ୍ଗ କରେ। ଏହା ସାଧାରଣତଃ 'ସନ୍ତୁଷ୍ଟି ହରମୋନ୍' କୁହାଯାଉଥିବା 'ଲେପ୍ଟିନ୍' ହ୍ରାସ କରେ ଏବଂ କ୍ଷୁଧାକାରୀ ହର୍ମୋନ୍ 'ଘ୍ରେଲିନ୍' ମାତ୍ରା ବୃଦ୍ଧି କରେ। ଏଣୁ ଆମେ ଘନ ଘନ କ୍ଷୁଧା ଅନୁଭବ କରୁ ଏବଂ ବାରମ୍ବାର ଖାଉ। ଫଳରେ ପୃଥୁଳକାୟ ହେଉ ଏବଂ ବୃକ୍କ ସମେତ ଅନ୍ୟାନ୍ୟ ଅଙ୍ଗମାନଙ୍କରେ ଚର୍ବି ଜମେ। ୪. ଅନିଦ୍ରା ଆମ ଦୈନନ୍ଦିନ ଜୈବ ଘଟିକାର ଛନ୍ଦ(ସିର୍କାଡିଆନ୍ ରିଦମ୍)କୁ ଅସନ୍ତୁଳିତ କରେ। ପରିଣାମ ସ୍ୱରୂପ, ଆମ ଶରୀରର କ୍ରିୟା-ପ୍ରକ୍ରିୟା ତ'ଦ୍ୱାରା ପ୍ରଭାବିତ ହୁଏ। ଏହା ମଧ୍ୟ ଯକୃତରେ ଚର୍ବି ଜମା ହେବାର ଅନ୍ୟତମ କାରଣ ହୋଇପାରେ। ୫. ନିଦ୍ରାର ମାନ ହ୍ରାସ ପାଇଲେ ଆମେ ଘୁଙ୍ଗୁଡ଼ି ମାରୁ, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୁଏ ଏବଂ ଚୟାପଚୟ ପ୍ରକ୍ରିୟାମାନଙ୍କରେ ବିଲକ୍ଷଣ ପ୍ରକଟିତ ହୁଏ। ଏହା ମଧ୍ୟ ଯକୃତକୁ ପ୍ରଭାବିତ କରେ।

ଏସବୁ କଥା ବିଚାରକୁ ନେଲେ ଆମକୁ ମନେ ରଖିବାକୁ ହେବ ଯେ ଯୋଗ, ଭ୍ରମଣ, ଶାରୀରିକ ଶ୍ରମ, ସୁଷମ ଖାଦ୍ୟ ଇତ୍ୟାଦି ସୁସ୍ଥ ଯକୃତ ପାଇଁ ଅତ୍ୟାବଶ୍ୟକ। ଏହା ତହିଁରେ ଚର୍ବି ଜମା ହେବାକୁ ଦିଏ ନାହିଁ। ତେବେ ଦୀର୍ଘକାଳ ଧରି ନିଦ୍ରା ବ୍ୟାହତ ହେଲେ ଏସବୁ କିଛି କାମ କରେନା। ସେଥିପାଇଁ ଏହା ସହିତ ଠିକ୍ ସମୟରେ ଏବଂ ଠିକ୍ ସମୟ ଧରି ଶୋଇବା ଏବଂ ମନକୁ ଚାପମୁକ୍ତ ରଖି ନିଦ୍ରାର ମାନବୃଦ୍ଧି ଘଟାଇବା ସୁସ୍ଥ ଯକୃତ ପାଇଁ ଏକାନ୍ତ ଆବଶ୍ୟକ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବର୍ଷକର ଅଣ୍ଡା ଖାଇଗଲେ ଅଙ୍ଗନବାଡ଼ି ଦିଦି

ଭଦ୍ରକ/ବାସୁଦେବପୁର,୩୦।୩(ସମିସ)

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ବ୍ରାହ୍ମଣଗାଁ ପଞ୍ଚାୟତର ବୈକୁଣ୍ଠପୁର-୧ ଅଙ୍ଗନବାଡ଼ି କେନ୍ଦ୍ରରେ ଏକ ବର୍ଷର କିଶୋରୀ ବାଳିକାଙ୍କ ଅଣ୍ଡା ଅଙ୍ଗନବାଡ଼ି ଦିଦି ଖାଇଯାଇଥିବାର ଅଭିଯୋଗ କରିଛନ୍ତି ସ୍ଥାନୀୟ କିଶୋରୀ ବାଳିକାମାନେ। ସରକାରୀ କାଗଜପତ୍ରରେ ଅଣ୍ଡା ବଣ୍ଟନ ହୋଇଥିବାର

## କିଶୋରୀ ବାଳିକାଙ୍କ ପକ୍ଷରୁ କେନ୍ଦ୍ରରେ ଉତ୍ତେଜନା

ଦର୍ଶାଯାଇଥିବା ବେଳେ କାହିଁକି ଅଣ୍ଡା ଦେବେ ନାହିଁ ବୋଲି ପ୍ରଶ୍ନ କରି ଅଙ୍ଗନବାଡ଼ି ଦିଦିଙ୍କୁ ଘେରିଥିଲେ।

ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା (ଏମ୍ଏସ୍ପିୱାଇ)ରେ ପ୍ରଦାନ କରାଯାଉଛି ପୁଷ୍ଟିକର ଖାଦ୍ୟ। କିଶୋରୀ ବାଳିକାମାନଙ୍କୁ ଯୋଗାଇ ଦିଆଯାଉଛି ଅଣ୍ଡା ସହିତ ମୁଢ଼ି ଓ ସୋଲା ବୁଟ। ଏକ ବର୍ଷ ଧରି ସରକାରୀ କାଗଜକଲମରେ ବଣ୍ଟନ ରିପୋର୍ଟ ଯାଉଥିବାବେଳେ କିଶୋରୀ ବାଳିକାମାନଙ୍କୁ ଅଣ୍ଡା ପ୍ରଦାନ କରାଯାଇନାହିଁ ବୋଲି ଅଭିଯୋଗ ଆସିଛି। ବାସୁଦେବପୁର ବ୍ଲକ୍ର ବ୍ରାହ୍ମଣଗାଁ ପଞ୍ଚାୟତର ବୈକୁଣ୍ଠପୁର-୧ ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀଙ୍କୁ





କିଶୋରୀ ବାଳିକାମାନେ ଘେରାଉ କରିଥିଲେ। ପ୍ରତି ସପ୍ତାହରେ ୪ଟି ଅଣ୍ଡା ପ୍ରଦାନ କରାଯିବାର ନିୟମ ରହିଥିବାବେଳେ ୨୦୨୫ ଏପ୍ରିଲରୁ ୨୦୨୬ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ। କିନ୍ତୁ କାଗଜକଲମରେ ଅଣ୍ଡା ବଣ୍ଟନ ହୋଇଥିବା ଦର୍ଶାଯାଇଛି ବୋଲି ଅଭିଯୋଗ କରିଛନ୍ତି। ଯାହାକୁ ନେଇ କିଶୋରୀ ବାଳିକା ପଚାରିବାରୁ ଉତ୍ତେଜନା ଦେଖାଦେଇଥିଲା। ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏପରିକି ୧୫ ଦିନ ଧରି କୁନିକୁନି ଶିଶୁମାନେ ରନ୍ଧା ଖାଦ୍ୟ ନ ପାଇ ଉପାସରେ ଫେରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ଅଭିଭାବକ।

ବାସୁଦେବପୁର ବ୍ଲକ୍ ଓ ପୌରପାଳିକାରେ ରହିଛି ୪୨୨ଟି ଅଙ୍ଗନବାଡ଼ି କେନ୍ଦ୍ର। ଏହି କେନ୍ଦ୍ରକୁ ୧୮ଟି ସେକ୍ଟରରେ ବିଭକ୍ତ କରାଯାଇଛି। ସିଡିପିଓଙ୍କ କାର୍ଯ୍ୟାଳୟରେ ଏକ ବର୍ଷ ଧରି କିରାଣିଟିଏ ନାହିଁ। କିରାଣି ପଦ ଖାଲି ପଡ଼ିଥିବାରୁ ନଥିପତ୍ର କାମ କରିବା, ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରକୁ ଅର୍ଥ ପ୍ରଦାନ କରିବା କଷ୍ଟକର ହୋଇପଡୁଛି। ସିଡିପିଓଙ୍କର କେନ୍ଦ୍ର ପରିଦର୍ଶନ କରିବାକୁ ଗାଡ଼ିଟିଏ ନ ଥିବାରୁ ସଠିକ୍ ଭାବେ ଯାଞ୍ଚ କରିବା ସମ୍ଭବ ହେଉନାହିଁ। ଏହାର ସୁଯୋଗ ନେଇ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଅଣ୍ଡା, ଖାଦ୍ୟ ଖାଇଯାଉଥିବାର ଅଭିଯୋଗ ଆସୁଛି। ଅନେକ ସମୟରେ ବିଭିନ୍ନ ଆଳ ଦେଖାଇ ଚତୁରତାର ସହିତ ଖସିଯାଉଛନ୍ତି ଅଙ୍ଗନବାଡ଼ି ଦିଦି। ବୈକୁଣ୍ଠପୁର-୧ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ସରୋଜିନୀ ରାୟଙ୍କୁ ଏନେଇ ପଚାରିବାରୁ ଅର୍ଥ ଆସି ନ ଥିବାରୁ ବଣ୍ଟନ କରାଯାଇ ନ ଥିଲା ବୋଲି ବାହାନା କରି ଖସିଯିବାକୁ ବସିଥିଲେ। ଅଣ୍ଡା ପ୍ରତି ମାସରେ ବଣ୍ଟନ କରୁଛନ୍ତି ବୋଲି ସରକାରୀ କାଗଜପତ୍ରରେ ରିପୋର୍ଟ ଯାଇଛି। ୧୬ରୁ ୧୯ ବର୍ଷ ପର୍ଯ୍ୟନ୍ତ କିଶୋରୀ ବାଳିକାଙ୍କୁ ପ୍ରତି ମାସରେ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଉଛି ବୋଲି ସରକାରଙ୍କୁ ଦିଆଯାଉଛି ରିପୋର୍ଟ। ଉକ୍ତ କେନ୍ଦ୍ରରେ ୩୫ ଜଣ କିଶୋରୀ ବାଳିକା ରହିଥିବାବେଳେ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କିଶୋରୀ ବାଳିକାମାନେ ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି।

## ନିମ୍ନମାନର ଛତୁଆକୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ମହିଳା

ଅସୁରାଳି,୩୦।୩(ସମିସ): ରାଜ୍ୟରୁ ଅପପୁଷ୍ଟି ଦୂର କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି 'ମୁଖ୍ୟମନ୍ତ୍ରୀ ପୁଷ୍ଟିକର ଖାଦ୍ୟ ଯୋଜନା' ମାଧ୍ୟମରେ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ପରିପୂରକ ଖାଦ୍ୟ ଯୋଗାଇ ଦେଉଛନ୍ତି। ମାତ୍ର ଧାମନଗର ବ୍ଲକ୍ରେ ଏହି ଯୋଜନାର ଅସଲ ଚିତ୍ର କିଛି ଭିନ୍ନ ଦେଖିବାକୁ ମିଳିଛି। ଏଠାରେ ଯୋଗାଇ ଦିଆଯାଉଥିବା ଛତୁଆର ମାନ ଅତି ନିମ୍ନମାନର ହେଉଥିବା ନେଇ ଅଭିଯୋଗ ହେଉଛି। ଯାହାଫଳରେ ହିତାଧିକାରୀମାନେ ଏହାକୁ ଖାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।

ଅଭିଯୋଗ ଅନୁସାରେ, ଛତୁଆ ପ୍ରସ୍ତୁତି ପାଇଁ ସରକାରୀ ନିୟମ ଅନୁଯାୟୀ ଗହମ, ଚିନାବାଦାମ, ଚିନି ଓ ବୁଟ ଆଦିର ନିର୍ଦ୍ଦିଷ୍ଟ ମିଶ୍ରଣ ରହିବା କଥା। ମାତ୍ର ଅଧିକାଂଶ ସମୟରେ ଏହି ନିୟମ ପାଳନ କରାଯାଉନାହିଁ। ଖାଦ୍ୟର ସ୍ୱାଦ ଓ ମାନ ଠିକ୍ ନ ଥିବାରୁ ମହିଳା ଓ ଶିଶୁମାନେ ଏହାକୁ ଖାଇବା ବଦଳରେ ନାକ ଟେକୁଛନ୍ତି। ଫଳରେ ସରକାରଙ୍କ ଲକ୍ଷ୍ୟ ପୂରଣ ହେବା ପରିବର୍ତ୍ତେ ପୁଷ୍ଟିକର ଖାଦ୍ୟ କେବଳ ପେଟ ପୂରଣର ଏକ ମାଧ୍ୟମ ପାଲଟିଛି। ଧାମନଗର ସମନ୍ୱିତ ମହିଳା ଓ ଶିଶୁ ବିକାଶ ଯୋଜନା ବିଭାଗ ଅଧୀନରେ ଥିବା ପ୍ରାୟ ୩୧ ହଜାର ହିତାଧିକାରୀଙ୍କ ପାଇଁ ବିପୁଳ ପରିମାଣର ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି। ଯଥା- ଛତୁଆ ୨୩୭ କ୍ୱିଣ୍ଟାଲ, ସୁଜି ୪୧ କେଜି, ଲଡୁ ୩୦ କ୍ୱିଣ୍ଟାଲ, ମୁଢ଼ି ୨୫ କ୍ୱିଣ୍ଟାଲ, ଭଜା ଚଣା ୧୧୪ କ୍ୱିଣ୍ଟାଲ, ବେସନ ୧୫ କେଜି, ଶର୍କରା ୧୫ କ୍ୱିଣ୍ଟାଲ, ଅଣ୍ଡା ୯.୯୪ ଲକ୍ଷ। ଏହି ଅଭିଯୋଗ ସମ୍ପର୍କରେ ଧାମନଗର ସିଡିପିଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଖାଦ୍ୟ ପ୍ରସ୍ତୁତି ପୂର୍ବରୁ ସାମଗ୍ରୀ ମିଶ୍ରଣ ସମୟରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ତଦାରଖ କରନ୍ତି। ବାରମ୍ବାର ଆସୁଥିବା ଅଭିଯୋଗକୁ ଭିତ୍ତିକରି ଛତୁଆର ମାନ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯାଇଛି। ତେବେ ଏବେ ସୁଦ୍ଧା ପରୀକ୍ଷାଗାରରୁ କୌଣସି ନକାରାତ୍ମକ ରିପୋର୍ଟ ଆସିନାହିଁ ବୋଲି ସେ ସୂଚନା ଦେଇଛନ୍ତି। ସରକାରୀସ୍ତରରେ ଯେତେ ଯୋଜନା ହେଲେ ମଧ୍ୟ ଯଦି ତୃଣମୂଳସ୍ତରରେ ଏହାର ମାନକୁ ନେଇ ସାଧାରଣ ଲୋକଙ୍କ ମନରେ ସନ୍ଦେହ ରହେ, ତେବେ ଅପପୁଷ୍ଟି ମୁକ୍ତ ଓଡ଼ିଶା ଗଠନ ସ୍ୱପ୍ନ ହୋଇ ରହିଯିବ। ଏନେଇ ମହିଳା ସଂଗଠନର ସଦସ୍ୟା ସସ୍ମିତା ଦାସ, ବିମଳା ନାଥ, ଭାରତୀ ଦାସ, କନକ ଦାସ, ସରସ୍ୱତୀ ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ ଦାବି କରିଛନ୍ତି।

## ପିଏମ୍ଶ୍ରୀ ବାଳିକା ହାଇସ୍କୁଲ୍ର ବାର୍ଷିକ ଉତ୍ସବ



ବାସୁଦେବପୁର,୩୦।୩(ସମିସ): ବାସୁଦେବପୁର ପିଏମ୍ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବାସୁଦେବପୁର ବ୍ଲକ୍ ଶିକ୍ଷାଧିକାରୀ ମଧୁସ୍ମିତା ଗିରି ଯୋଗଦେଇ ଉଦ୍ବୋଧନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଜ୍ଞାନେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କନକଲତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବରେଣ୍ୟ ଅତିଥି ଭାବେ ଏବିଇଓ ଉର୍ମିଳା କର, ଶିକ୍ଷାବିତ୍ ସୁଧାଂଶୁ ଶେଖର ମିଶ୍ର, ପଞ୍ଚସଖା ଶିକ୍ଷାସେତୁର ସଭାନେତ୍ରୀ ସଂଯୁକ୍ତା ବେହେରା, ଗୀତାଞ୍ଜଳି ଦିକ୍ଷୀତ, ସିଆର୍ସିସି ସର୍ବେଶ୍ୱର ମଲିକ ଯୋଗଦେଇ ଉଦ୍ବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ପୂର୍ବତନ କାଉନ୍ସିଲର ଦେବାଶିଷଙ୍କ ସ୍ମୃତିସଭା

ଭଦ୍ରକ,୩୦।୩(ସମିସ): ଭଦ୍ରକ ପୌରପାଳିକାର ପୂର୍ବତନ କାଉନ୍ସିଲର ଦେବାଶିଷ ରାଉତଙ୍କ ଏକାଦଶାହ ସ୍ମୃତିସଭା ତାଙ୍କ କୁଆଁସସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ପୌରପାଳିକାର କୁଆଁସ ୧୫ ନମ୍ବର ୱାର୍ଡରୁ ସେ ୧୯୯୨ରୁ ୧୯୯୭ ଓ ୧୯୯୭ରୁ ୨୦୦୨ ଯାଏଁ ଦୁଇ ଦୁଇ ଥର କଂଗ୍ରେସ ଦଳରୁ କାଉନ୍ସିଲର ଭାବେ ବିଜୟୀ ହୋଇ ବହୁବିଧ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଆଇନଜୀବୀ ଅତିସ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ପ୍ରାକ୍ତନ ବିଧାୟକ ସର୍ବଶ୍ରୀ ରାଜେନ୍ଦ୍ର ଦାସ, ନରେନ୍ ପଲେଇ ଓ



ମୁକ୍ତିକାନ୍ତ ମଣ୍ଡଳ, ସମାଜସେବୀ କିଶୋର ମହାପାତ୍ର, ଶେଖର ମହାପାତ୍ର, ସୁରେଶ ମହାନ୍ତି, ଅଶୋକ ମହାନ୍ତି, ପୌରାଧ୍ୟକ୍ଷା ଗୁଲ୍ମକୀ ଦଲାୱାଜି ହବିବ୍, ଭାଗିରଥୀ ନାୟକ, ଡ. ପ୍ରଦୀପ ନାୟକ, କଂଗ୍ରେସ ନେତା ଅସିତ୍ ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଭାସ୍କର ସାହୁ, କାଉନ୍ସିଲର ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଧର୍ମପତ୍ନୀ ଭକ୍ତିସୁଧା, ପୁତ୍ର ଅମିତ୍ବିକ୍ରମ, କନ୍ୟା ଅଙ୍କିତା, ଭାଇ ବାପୁ, ଆଶିଷ ଓ ସ୍ନେହାଶିଷଙ୍କ ସମେତ ପରିବାର ବର୍ଗ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

● ଆବାସ ଯୋଜନାରୁ ବଞ୍ଚିତ ୩ ଭାଇ

## ଛିଣ୍ଡା ପାଲ ତଳେ ବିତୁଛି ଜୀବନ

କୋଠାର,୩୦।୩(ସମିସ): ଧାମନଗର ବ୍ଲକ୍ କୋଠାର ପଞ୍ଚାୟତ ଅଧୀନ ନସଲାପୁର ଗାଁରେ ଏକ ହୃଦୟବିଦାରକ ଓ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଗ୍ରାମର ୩ ବୃଦ୍ଧ ଭାଇ ନାରାୟଣ ପୁଣ୍ଟିଆ (୬୨), ନୃସିଂହ ପୁଣ୍ଟିଆ (୬୧) ଓ ବ୍ରଜକିଶୋର ପୁଣ୍ଟିଆ (୬୦) ଦୀର୍ଘଦିନ ଧରି ସରକାରୀ ଅବାସ ଯୋଜନାରୁ ବଞ୍ଚିତ ହୋଇ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଜୀବନ କାଟୁଛନ୍ତି। ଗତ ଅଦିନିଆ ବର୍ଷା ଓ ଝଡ଼ ପବନରେ ସେମାନଙ୍କର ମାଟିଘର ଭାଙ୍ଗି ପଡ଼ିଥିଲା। ଘର ଭାଙ୍ଗି ଯିବା ପରେ ୩ ପରିବାର ଏବେ ଛିଡ଼ା ପାଲ ତଳେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ବର୍ଷା ହେଲେ ପାଣି ଝରି ପଡୁଛି, ରାତିରେ ଶୋଇବାକୁ ମଧ୍ୟ ସୁବିଧା ନାହିଁ। ବୃଦ୍ଧାବସ୍ଥାରେ ଏପରି ଦୁର୍ଦ୍ଦଶା ଗ୍ରାମବାସୀଙ୍କୁ ମଧ୍ୟ ମର୍ମାହତ କରିଛି। ସୂଚନା ଅନୁସାରେ, ଏହି ୩ ଭାଇ ଦୀର୍ଘ ବର୍ଷ ଧରି ତହସିଲ୍ଦାରଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅନେକଥର ଗୁହାରି କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନଙ୍କ



ଭାଗ୍ୟରେ ଗୋଟିଏ ଅବାସ ଘର ମଧ୍ୟ ମିଳିନାହିଁ। ବୟସ ବଢ଼ି ବଢ଼ି ଯାଉଥିବାବେଳେ ମୁଣ୍ଡ ଗୁଞ୍ଜିବାକୁ ନିରାପଦ ଛାତ ନ ମିଳିବା ଘଟଣା ସ୍ଥାନୀୟ ପ୍ରଶାସନର କାର୍ଯ୍ୟଶୈଳୀକୁ ପ୍ରଶ୍ନର ସମ୍ମୁଖୀନ କରିଛି। ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ, ଏହି ୩ ବୃଦ୍ଧ ଭାଇଙ୍କୁ ତୁରନ୍ତ ସରକାରୀ ଅବାସ ଯୋଜନାରେ ସାମିଲ୍ କରାଯାଇ ସୁରକ୍ଷିତ ଘର ଯୋଗାଇ ଦିଆଯାଉ। ନ ହେଲେ ଆଗାମୀ ବର୍ଷା ଦିନରେ ସେମାନଙ୍କ ଜୀବନ ଆହୁରି ବିପଦରେ ପଡ଼ିପାରେ।

## ବାଲିମୁଣ୍ଡାରେ ମଲ୍ଟି ସ୍ପେସାଲିଷ୍ଟ ସ୍ୱାସ୍ଥ୍ୟ ସେବା ଶିବିର

ଭଦ୍ରକ,୩୦।୩(ସମିସ): ଆଦାନୀ ଧାମରା ପୋର୍ଟର ସିଏସ୍ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ପକ୍ଷରୁ ବାଲିମୁଣ୍ଡାସ୍ଥିତ ଆଦାନୀ ଭବନଠାରେ ଏକ ମଲ୍ଟି ସ୍ପେସାଲିଷ୍ଟ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ନନ୍ଦପାଟଣା, ଚେନାଖିଆ, ଚାରିଟିକିରା, ଦିପୌରା ଗ୍ରାମର ପ୍ରାୟ ୩୧୨ ଜଣ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତରମାନେ ରୋଗୀମାନଙ୍କୁ ଚିକିତ୍ସା ପରାମର୍ଶ ଦେବା ସହ ଔଷଧ ବଣ୍ଟନ କରିଥିଲେ। ଶିବିରରେ ବାଲିମୁଣ୍ଡା ପଞ୍ଚାୟତ ସମିତି ସଦସ୍ୟ ଏବଂ ଆଦାନୀ ଫାଉଣ୍ଡେସନର ଅଧିକାରୀମାନେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଥିଲେ। ଭେଷଜ, ଅସ୍ଥିଶଲ୍ୟ ଏବଂ ଚର୍ମ ବିଶେଷଜ୍ଞମାନେ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉପଯୁକ୍ତ ଔଷଧ ସେବନର ପରାମର୍ଶ ଦେଇଥିଲେ।

● ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

## ୧୦୦ ଅଭିଯୋଗରୁ ୧୬ଟିର ତତ୍କାଳ ସମାଧାନ



ଧାମନଗର,୩୦।୩(ସମିସ): ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ଏହି ଶିବିରରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଅଭିଯୋଗ ଆଗତ ହୋଇଥିଲା। ଏଥିରୁ ୭୭ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୭ଟି ଗ୍ରାମୀଣ ସମସ୍ୟା ଓ ରେଡ୍କ୍ରସ ଅଧୀନସ୍ଥ ୬ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ରେଡ୍କ୍ରସ ମାଧ୍ୟମରେ ୬ଜଣ ଅଭିଯୋଗକାରୀଙ୍କୁ ମୋଟ୍ ୩୧ହଜାର ୫ଶହ ଟଙ୍କା ମଞ୍ଜୁର କରାଯାଇଛି। ବିଶେଷ କରି ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା, ଧାନ ବିକ୍ରି ସମସ୍ୟା, ବିଦ୍ୟୁତ୍ ସମସ୍ୟା, ରାସନ, ମନରେଗା, ଜମିଜମା, ମେଡିକାଲ୍ ସମସ୍ୟା, ସରକାରୀ ଜମି ଜବରଦଖଲ ଉଚ୍ଛେଦ ଭଳି ଅଭିଯୋଗ ରହିଥିଲା। ଏହି ଜନଶୁଣାଣି ଶିବିରରେ ଭଦ୍ରକ ଏସ୍ପି ମନୋଜ କୁମାର ରାଉତ, ଜିଲ୍ଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ ପ୍ରହରାଜ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଏସ୍ଡିପି ଓ ଅନିରୁଦ୍ଧ ମୁଦୁଲି, ଧାମନଗର ତହସିଲ୍ଦାର ସାଇଶ୍ରୀ ଲୋକନାଥ ପ୍ରାସାଦ ସେଠୀ, ବିଡିଓ ବନବିହାରୀ ଦିନ୍ଦା, କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ସମେତ ଜିଲ୍ଲା ଓ ବ୍ଲକ୍ର ବିଭିନ୍ନ ବିଭାଗର ସମସ୍ତ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତ ଦାବିପତ୍ର ଗ୍ରହଣ କରି ଏହାର ତୁରନ୍ତ ସମାଧାନ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ରାଉତରାଏ ନିର୍ଦ୍ଦେଶ ଦେଇଥିଲେ।

## ଧୂଷୁରୀ ରାଜସ୍ୱ ଅଞ୍ଚଳରେ ହେବ ଏନ୍ଏସି କାର୍ଯ୍ୟାଳୟ

ଧୂଷୁରୀ,୩୦।୩(ସମିସ): ଭଦ୍ରକ ଜିଲ୍ଲାର ଧୂଷୁରୀକୁ ନେଇ ନୂତନ ଭାବେ ଗଠିତ ଏନ୍ଏସି ବା ବିଜ୍ଞପିତ ପରିଷଦ ନରସିଂହପୁର ପତ୍ରିସାହି ଧୂଷୁରୀ ସୂର୍ଯ୍ୟପୁର ବାମକୁରା ରେଭିନ୍ୟୁ ଗ୍ରାମର କିଛି ଅଂଶ ଓ ନଦୀଗାଁ ରେଭିନ୍ୟୁ ଗ୍ରାମର କିଛି ଅଂଶକୁ ନେଇ ଗଠିତ ହୋଇଛି। ରାଜ୍ୟ ସରକାରଙ୍କ ସହରୀ ବିକାଶ ମନ୍ତ୍ରାଳୟର ପତ୍ର ସଂଖ୍ୟା ୨୩୪୫୮ ନିର୍ଦ୍ଦେଶାନୁସାରେ ଗଠିତ ହୋଇଥିବା ଏନ୍ଏସିରେ ସମସ୍ତ ଅତ୍ୟାଧୁନିକ ସୁବିଧା ରହିଥିବା ଅଫିସ ଘର ଗଠନ ହେବାର ନିର୍ଦ୍ଦେଶ ରହିଛି। ସେହି ଅନୁସାରେ ୬ କୋଟି ୩୦ ଲକ୍ଷ ଟଙ୍କାର ଏଷ୍ଟିମେଟ୍ ହୋଇଛି, ଭଦ୍ରକ ଜିଲ୍ଲା ସହାରୀ ବିକଶ ସଂସ୍ଥା ପତ୍ର ସଂଖ୍ୟା ୫୮/୩.୨.୨୬ ନିର୍ଦ୍ଦେଶ ଅନୁସାରେ ଧାମନଗର ତହସିଲ୍ଦାର ଧୂଷୁରୀରୁ ହାସନବାଦ ରାସ୍ତା ପାଶ୍ୱର୍ରେ ଧୂଷୁରୀ ରେଭିନ୍ୟୁର ଖାତା ନଂ ୯୭୬ ପ୍ଲଟ୍ ନଂ ୨୯୩ ଜମିର କିସମ ଗୋଚର ୫୦ ଡେସିମିଲ ଜାଗା ଚିହ୍ନଟ କରି ପତ୍ର ସଂଖ୍ୟା ୧୪୬୦/୨୬.୩.୨୬ ମାଧ୍ୟମରେ ଧୂଷୁରୀ ଏନ୍ଏସି ଅଫିସ ଗଠନ ପାଇଁ ଫିଜିବିଲିଟି ରିପୋର୍ଟ ଏଡିଏମଙ୍କ ନିକଟକୁ ପଠାଯାଇଛି। ଏହି ବିଷୟରେ ଧୂଷୁରୀ ଏନ୍ଏସି ଅଫିସରଙ୍କୁ ପଚାରିବାରୁ ସେ କହିଲେ ଆମ ପାଖକୁ ଫିଜିବିଲିଟି ରିପୋର୍ଟ ଆସିଛି, ଆମେ ସହରୀ ବିକାଶ ବିଭାଗକୁ ପଠାଇଛୁ, ସେଠୁ ପାସ୍ ହୋଇ ଟେଣ୍ଡରକୁ ଯିବ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଖୁସି ଇଲେଭେନ୍ ବିଜୟୀ



ବାରିକପୁର,୩୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ଜଳହରିଠାରେ ମା' ଶଙ୍କଟତାରିଣୀ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଏଥିରେ ଖୁସି ଇଲେଭେନ ସାରଣା ଓ ପପି ଇଲେଭେନ ମଞ୍ଜୁରୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମଞ୍ଜୁରୀ ଟସ୍ ଜିତି ନିର୍ଦ୍ଧାରିତ ୬ ଓଭରରେ ୭ ୱିକେଟ ବିନିମୟରେ ୩୦ ରନ୍ ସଂଗ୍ରହ କରିଥିଲା। ୩୧ ରନ୍ ବିଜୟ ଲକ୍ଷ୍ୟକୁ ଖୁସି ଇଲେଭେନ ସାରଣା ଶେଷ ବଲରେ ୬ ୱିକେଟରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଗୌରାଙ୍ଗ ବାରିକ ଓ ପ୍ରିୟବ୍ରତ ପଲାଇ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବାବେଳେ ସ୍କୋରର୍ ସଦାନନ୍ଦ ବାରିକ, ବଣ୍ଟି ପରିଡ଼ା ଓ ଦେବଦତ୍ତ ରାୟ ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ନବକିଶୋର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଉତ୍କଳକେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ପ୍ରାକ୍ତନ ସରପଞ୍ଚ ମୋହନ କୁମାର ରାୟ, ମା' ଶଙ୍କଟତାରିଣୀ କ୍ରିକେଟ କ୍ଲବ୍ ସଭାପତି ଆଲୋକ ବେହେରା, ପ୍ରତ୍ୟୁଷ ସାମଲ, ଭାଗିରଥୀ ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ସମ୍ବର୍ଦ୍ଧିତ ହେଲେ ୪ ପ୍ରତିଭା



ଅସୁରାଳି,୩୦।୩(ସମିସ): ଧୂଷୁରୀ ବାସନ୍ତୀ ପଡ଼ିଆଠାରେ ଚାଲିଥିବା ଜଗତ୍ଜନନୀ ମା' ବାସନ୍ତୀ ଦୁର୍ଗାପୂଜା ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସାର୍ବଜନୀନ ବାସନ୍ତୀ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଏବଂ ସୁକେଶିନୀ ସଦାନନ୍ଦ ମେମୋରିଆଲ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆୟୋଜିତ ଏହି ଉତ୍ସବର ୬ଷ୍ଠ ସନ୍ଧ୍ୟାରେ ଅଞ୍ଚଳର ୪ଜଣ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଅଧ୍ୟାପକ ଡ. ନିକୁଞ୍ଜ କିଶୋର ଜେନା, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ, ଯୁବ ସାମ୍ବାଦିକ ରତିକାନ୍ତ ନାୟକ ଓ ଖବରକାଗଜ ବିକ୍ରେତା ତଥା ସମାଜସେବୀ ହୃଦାନନ୍ଦ ସାଏନ୍ତଙ୍କୁ ପୂଜା କମିଟି ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଦିନ ଜିଲ୍ଲାର ନାମୀଦାମୀ ପାଲା ଗାୟକଙ୍କ ଦ୍ୱାରା ପାଲା ପରିବେଷଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ସରୋଜ ରାଉତ ସଂଯୋଜନା କରିଥିବାବେଳେ ପୂଜା କମିଟି ସମ୍ପାଦକ ନିରୋଦ ବେହେରା ପରିଚାଳନା କରିଥିଲେ।

## ନାବାଳିକା ଗର୍ଭବତୀ ଅଭିଯୋଗରେ ବୃଦ୍ଧ ଅଟକ

ଭଦ୍ରକ,୩୦।୩(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନସ୍ଥ ତେନ୍ତୁଲିଡିହ ପଞ୍ଚାୟତ ଠୋକରା ଗାଁରେ ଜଣେ ନାବାଳିକାକୁ ଗର୍ଭବତୀ କରିବା ଅଭିଯୋଗରେ ଚାନ୍ଦବାଲି ଥାନାରେ ଜଣେ ବୃଦ୍ଧ ଅଟକ ଅଛନ୍ତି। ସେହି ଗାଁର ସମ୍ପୃକ୍ତ ନାବାଳିକାର ଅଭିଯୋଗ ଅନୁଯାୟୀ, ଠୋକରା ଗାଁର ଦେବେନ୍ଦ୍ର ନାୟକ ନାବାଳିକାକୁ ଦୁଷ୍କର୍ମ ପରେ ଗର୍ଭବତୀ କରାଇଥିଲେ ବୋଲି ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଛି। ନାବାଳିକାର ଦେହ ଅସୁସ୍ଥ ହେବାରୁ ତାକୁ ମେଡିକାଲ ନିଆଯାଇଥିଲା। ଡାକ୍ତରଙ୍କ ପରୀକ୍ଷା ପରେ ରିପୋର୍ଟରୁ ସେ ଗର୍ଭବତୀ ଜଣାପଡ଼ିବା ନେଇ ନାବାଳିକାର ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିଛି। ନାବାଳିକାର ଅଭିଯୋଗରେ ଦୁଷ୍କର୍ମକାରୀ ବୃଦ୍ଧକୁ ଚାନ୍ଦବାଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇଛି। ଘଟଣାରେ ଚାନ୍ଦବାଲି ପୁଲିସ ତଦନ୍ତ କରୁଛି।

## ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ଅନିୟମିତତା

ଧାମନଗର,୩୦।୩(ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ଅଧୀନରେ ଦଶମ ଶ୍ରେଣୀର ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ମୂଲ୍ୟାୟନ ପ୍ରକ୍ରିୟା ଗତ ଦୁଇ ବର୍ଷ ଧରି ସଠିକ୍ ଭାବରେ ହେଉ ନ ଥିବା ଅଭିଯୋଗ ଉଠିଛି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଗତ ୧୦ ବର୍ଷ ଧରି କିଛି ଶିକ୍ଷକଶିକ୍ଷୟିତ୍ରୀ ମୂଲ୍ୟାୟନ କାର୍ଯ୍ୟରେ ଯୋଗଦେଇ ଅନୀତିମୂଳକ ଅର୍ଥ କାରବାର ମାଧ୍ୟମରେ କିଛି ଛାତ୍ରଛାତ୍ରୀଙ୍କୁ ଅଧିକ ମାର୍କ ଦେଇଥିବା ଅଭିଯୋଗ ରହିଛି। ଗତ ବର୍ଷ ଏପରି ଅଭିଯୋଗ ଉଠିଥିବା ସତ୍ତ୍ୱେ ଚଳିତ ବର୍ଷ ମଧ୍ୟ ସେହି ଶିକ୍ଷକମାନଙ୍କୁ ପୁନଃ ମୂଲ୍ୟାୟନ କାର୍ଯ୍ୟରେ ନିଯୁକ୍ତ କରାଯାଇଥିବା ନେଇ ପ୍ରଶ୍ନ ଉଠିଛି। ବିଶେଷ କରି କେନ୍ଦ୍ରାପଡ଼ାର ପ୍ଲମ୍ବର ଟ୍ରେଡ୍ ସମ୍ପୃକ୍ତ ପ୍ରଶିକ୍ଷକ ସତ୍ୟଶ୍ରୀ ଦେବଦର୍ଶୀଙ୍କ ନାମରେ ଗତ ବର୍ଷ ଅର୍ଥ କାରବାର ଓ ମାର୍କ ବଣ୍ଟନ ସମ୍ପର୍କିତ ଖାତା ଭାଇରାଲ ହୋଇଥିଲା। ତଥାପି ବୋର୍ଡ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ନ ଦେଇ ଚଳିତ ବର୍ଷ ମଧ୍ୟ ତାଙ୍କୁ ମୂଲ୍ୟାୟନରେ ନିୟୋଜିତ କରିଥିବା ଅଭିଯୋଗ ଆସିଛି। ବୋର୍ଡ ଅଫିସ୍ ଏକ ମହିଳା ପ୍ରଶିକ୍ଷକଙ୍କ କଥା ଅନୁଯାୟୀ ନିର୍ଦ୍ଦିଷ୍ଟ କେତେକ ପ୍ରଶିକ୍ଷକଙ୍କୁ ଚୟନ କରି ମୂଲ୍ୟାୟନ କାର୍ଯ୍ୟ କରୁଥିବାବେଳେ ଗତ ବର୍ଷ ଅନିୟମିତତାରେ ଜଡ଼ିତ ଥିବା ବ୍ୟକ୍ତିମାନେ ପୁନଃ ସୁଯୋଗ ପାଇଥିବା ନେଇ ଅସନ୍ତୋଷ ଦେଖାଦେଇଛି। ସମ୍ବଲପୁରର ଜଣେ ମହିଳା ପ୍ରଶିକ୍ଷିକା ଓ ବୋର୍ଡର ସେକ୍ରେଟାରୀଙ୍କ ମଧ୍ୟରେ ସମ୍ପର୍କ ନେଇ ମଧ୍ୟ ଅଭିଯୋଗ ଉଠିଛି, ଯାହାକୁ ନେଇ ଅନ୍ୟ ପ୍ରଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମହିଳା ପ୍ରଶିକ୍ଷିକାଙ୍କ ଦବଙ୍ଗଗିରିରେ ସାଧାରଣ ପ୍ରଶିକ୍ଷକମାନେ ଅତିଷ୍ଠ। କଥା କଥାରେ ଧମକ ଦେଉଛନ୍ତି। ମହିଳା ଜଣକ କଟକ ବୋର୍ଡ ଅଫିସ ନିକଟସ୍ଥ ଜିଲ୍ଲା ଖୋର୍ଦ୍ଧା, କଟକ, ଢେଙ୍କାନାଳ, ନୟାଗଡ଼, ଯାଜପୁର, ଭଦ୍ରକ ଓ ଜଗତସିଂହପୁରରେ ପ୍ରଚୁର ଗୁଣବତ୍ତା ପ୍ରଶିକ୍ଷକ ଥିବା ସତ୍ତ୍ୱେ, ସରକାରୀ ଅର୍ଥ ବ୍ୟୟ କରି ସମ୍ବଲପୁର, କଳାହାଣ୍ଡି ପରି ଦୂରସ୍ଥ (ପ୍ରାୟ ୪୦୦ କି.ମି.) ଅଞ୍ଚଳରୁ ପ୍ରଶିକ୍ଷକମାନଙ୍କୁ ଡକାଯାଇଥିବା ନେଇ ପ୍ରଶ୍ନ ଉଠିଛି।

**ଅଭିଭାବକ ଅସନ୍ତୁଷ୍ଟ**

ସାଧାରଣ ଭାବେ ରିଟେଲ୍, ଟୁରିଜିମ୍, ପ୍ଲମ୍ବର ଆଇଟି ଟ୍ରେଡ୍ଗୁଡ଼ିକରେ ଅର୍ଥ କାରବାର ହେବାର ବିଶେଷ ସୂତ୍ରରୁ ସୂଚନା ମିଳିଛି। ପ୍ରାୟ ୨୦୦ ଜଣ ପ୍ରଶିକ୍ଷକ ନିୟୋଜିତ ଥିବା ସତ୍ତ୍ୱେ ଜଣେ ମହିଳା ଭିଟିଙ୍କ ପ୍ରଭାବରେ କାର୍ଯ୍ୟ ଚାଲୁଥିବା ଓ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ବିଶେଷ ସୁବିଧା ଦେଇ ଗୁପ୍ତ ସଭା କରାଯାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏ ପରିସ୍ଥିତିରେ ମୂଲ୍ୟାୟନ ପ୍ରକ୍ରିୟାର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି। ଶୀଘ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି। ବିଗତ ଦିନରେ ନିହାର ମହାନ୍ତିଙ୍କ ପାଇଁ ବୋର୍ଡ ଅଫିସ ବଦନାମ୍ ହେବାବେଳେ ବର୍ତ୍ତମାନ ସେକ୍ରେଟାରୀ ଏବଂ ନିର୍ଦ୍ଦିଷ୍ଟ ମହିଳା ପ୍ରଶିକ୍ଷିକାଙ୍କ ପାଇଁ ହେଉଛି। ବୋର୍ଡ ସଭାପତିଙ୍କୁ ଏହି ମାମଲାରେ ତୁରନ୍ତ ଦୃଷ୍ଟି ଆକର୍ଷଣ କରିବାକୁ ଅଭିଭାବକମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

ଧାମନଗରରେ ସରକାରୀ ନିୟମକୁ ବେଖାତିର୍

## ୪ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି ଯନ୍ତ୍ରୀ; ଜଳ ପ୍ରକଳ୍ପ ବିପର୍ଯ୍ୟସ୍ତ

ଅସୁରାଳି,୩୦।୩(ସମିସ)

ରାଜ୍ୟ ସରକାରଙ୍କ 'ସ୍ୱଚ୍ଛ ଶାସନ' ଓ ନିୟମିତ ବଦଳି ପ୍ରକ୍ରିୟାକୁ ଧାମନଗର ବ୍ଲକ୍ ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁସାରେ, ଜଣେ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ରହିବା ଅନୁଚିତ୍ ହୋଇଥିବାବେଳେ, ଏଠାରେ ଜଣେ କନିଷ୍ଠ ଯନ୍ତ୍ରୀ ଦୀର୍ଘ ୪ ବର୍ଷ ହେବ ନିଜ ପଦରେ ଅଟଳ ରହିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

ଅଭିଯୋଗ ଅନୁସାରେ, ସମ୍ପୃକ୍ତ ଯନ୍ତ୍ରୀ ଜଣକ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହି ନିଜର ବଦଳି କରୁନାହାନ୍ତି। ତାଙ୍କର ଏହି ଦୀର୍ଘକାଳୀନ ଅବସ୍ଥାନ ସମୟରେ ବ୍ଲକ୍ର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ସ୍ଥାନରେ ପାଣି ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ସେଥିରୁ ଲୋକଙ୍କୁ ଟୋପାଏ ପାଣି ମିଳୁନାହିଁ। ଫଳରେ ଖରାଦିନ ଆରମ୍ଭରୁ ହିଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଏକ ଅସାଧୁ ସଲାସୁତରା ଚାଲିଛି। ପାନୀୟ ଜଳ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ, କେତେକ ପୁରୁଣା ଟାଙ୍କିରେ କେବଳ ରଙ୍ଗ ମାରି ତାକୁ ନୂଆ ପରି ଦେଖାଇ ସରକାରୀ ଅର୍ଥ ଆତ୍ମସାତ୍ କରିବାକୁ ଯୋଜନା ଚାଲିଛି। କେବଳ ବାହ୍ୟ ଚମକ ଦେଖାଇ



ବିଲ୍ ପାସ୍ କରିବା ପାଇଁ ଚକ୍ରାନ୍ତ ହେଉଥିବା ଚର୍ଚ୍ଚା ହେଉଛି। ଏହି ସମସ୍ୟାର ଗୁରୁତ୍ୱକୁ ଦୃଷ୍ଟିରେ ରଖି 'ଅନୁକମ୍ପା ମହିଳା ସଂଗଠନ' ପକ୍ଷରୁ ଜିଲ୍ଲାପାଳଙ୍କୁ ଡାକ ଯୋଗେ ଏକ ଦାବିପତ୍ର ପ୍ରେରଣ କରାଯାଇଛି। ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ, ସରକାରୀ ନିୟମ ଉଲ୍ଲଂଘନ କରି ୪ ବର୍ଷ ହେଲା ରହିଥିବା ଯନ୍ତ୍ରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅଚଳ ହୋଇ ପଡ଼ିଥିବା ଜଳ ପ୍ରକଳ୍ପଗୁଡ଼ିକର ତୁରନ୍ତ ମରାମତି କରାଯାଉ। ଯଦି ଖରାଦିନ ପୂର୍ବରୁ ପାଣି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବ। ଉଚ୍ଚପଦସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସନ୍ତୋଷପୁର ସେବା ସମବାୟ ସମିତିର ସାଧାରଣ ସଭା

ରାଜଘାଟ, ୩୦।୩ (ସମିସ): ବସ୍ତା ବ୍ଲକ ଭେଲୋରା ଥିବା ସନ୍ତୋଷପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ୫୧ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସୁନୀଲ କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ସମିତିର ସମ୍ପାଦକ ଅଞ୍ଜନ କୁମାର ଦାସ ବାର୍ଷିକ ବିବରଣୀ ସହିତ ଆୟବ୍ୟୟ ଓ ବଜେଟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଭେଲୋରା ସରପଞ୍ଚ ଦୁର୍ଗାରାଣୀ ଜେନା ଓ କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ମିଳିତ ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ସମିତିର ପୂର୍ବତନ ସଭାପତି ତଥା ସମିତିସଭ୍ୟ ଅନାଦି ଦାସ, ଅନ୍ୟତମ ଅତିଥି ପ୍ରାକ୍ତନ ସମ୍ପାଦକ ଗୌତମ ହୋତା, ହୈମବତୀ ସାହୁ, ସଂଗ୍ରାମ କୁମାର ଦାସ ମହାପାତ୍ର, ଅଂଶୁମାନ ପ୍ରଧାନ, ଭୂପେନ୍ଦ୍ର ମହାନ୍ତି, ରାମକୃଷ୍ଣ ପରିଡା, ମୃତ୍ୟୁଞ୍ଜୟ ଜେନା, ପଦ୍ମଲୋଚନ ମଲ୍ଲିକ, ଲକ୍ଷ୍ମୀପ୍ରିୟା ପାତ୍ର, ମିର୍ଜା ଟୁଡୁ, ବୀରେନ୍ଦ୍ର କୁମାର ଜେନା, ସୁଶୀଲ କୁମାର ସେନାପତି, ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଥିଲେ। ସମିତିର ସହ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ଗୋପାଳ କୃଷ୍ଣ ସାହୁ, ଅଶୋକ କୁମାର ଗିରି, ପ୍ରଭାକର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସୀତାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

ସିମୁଳିଆ,୩୦।୩ (ସମିସ): ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ୧୧୧ଟି ଅଭିଯୋଗର ସମାଧାନ କରିଥିଲେ। ସବ୍‌କଲେକ୍ଟର ଶିବ ମାଲବ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରା, ସିଡିଏ ସଞ୍ଜୟ କୁମାର ସାହୁ, ସିମୁଳିଆ ବିଡିଓ ସୁନିଲ କୁମାର ଟୁଡୁ , ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସିମୁଳିଆ ବ୍ଲକ ସମସ୍ତ କର୍ମୀମାନେ ଉପସ୍ଥିତ ଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍: ବ୍ଲକ୍ ୱାରିୟର୍ସ ଚାମ୍ପିଅନ




ଭଦ୍ରକ,୩୦।୩(ସମିସ): ଭଦ୍ରକ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ରଶ୍ମିରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ରବିବାର ଓଲଙ୍ଗ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ମିନି ଷ୍ଟାଡିୟମ୍‌ରେ ତହସିଲ୍ ଓ ଭଦ୍ରକ ବ୍ଲକର ସମସ୍ତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଆୟୋଜିତ ହୋଇଥିଲା। ଏଥିରେ ଭଦ୍ରକ ସିଡିଓ ଶୁଭେନ୍ଦୁ ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଓଲଙ୍ଗ ସରପଞ୍ଚ, ଓଲଙ୍ଗ ଆଦର୍ଶ ଇଂଲିଶ୍ ମିଡିୟମ୍ ସ୍କୁଲର ପିଇଟି ଶିକ୍ଷକ ଓ ଅଞ୍ଚଳର ଅନେକ ପଞ୍ଚାୟତବାସୀ ଉପସ୍ଥିତ ରହି ଖେଳକୁ ଉତ୍ସାହିତ କରିଥିଲେ। ଶେଷରେ ଫାଇନାଲ୍ ମ୍ୟାଚ୍ ଭଦ୍ରକ ବ୍ଲକ୍ ୱାରିୟର୍ସ ଓ ଭଦ୍ରକ ତହସିଲ୍ ରୟାଲ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ମୁକାବିଲାରେ ଭଦ୍ରକ ବ୍ଲକ୍ ୱାରିୟର୍ସ ଦଳ ଚାମ୍ପିଅନ ହୋଇଥିଲେ। ଭଦ୍ରକ ବ୍ଲକ୍ ୱାରିୟର୍ସର ଅଧିନାୟକ ବିଡିଓ ଶ୍ରୀ ମଲ୍ଲିକ ଥିବାବେଳେ ତହସିଲ୍ ରୟାଲ୍ସର ଅଧିନାୟକ ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା ଥିଲେ। ଏହି କ୍ରୀଡ଼ା କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ସହଯୋଗ, ସମନ୍ୱୟ ଓ ବନ୍ଧୁତ୍ୱ ଭାବନା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଥିଲା।

## ବିବାଦ ଘେରରେ ମହତାବ ହାଇସ୍କୁଲ ମଧ୍ୟାହ୍ନ ଭୋଜନ ଚାଉଳ ଚୋରାଚାଲାଣ!

ମଙ୍ଗଳପୁର,୩୦।୩(ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରସ୍ଥ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। କେତେବେଳେ ବିଦ୍ୟାଳୟ ପରିସରରୁ ଗଛ କଟାକୁ ନେଇ ତ କେତେବେଳେ ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ନିର୍ଯାତନା ପାଇଁ ହେଉ। କେତେବେଳେ ଛାତ୍ରଛାତ୍ରୀଙ୍କୁ ରୋଷେଇ କାର୍ଯ୍ୟରେ ନିୟୋଜିତ କରି ଦୁର୍ଘଟଣାରେ ଶିକାର କଥା ହେଉ ଅଥବା ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳ



ରୋଷେଇ କରି ଚର୍ଚ୍ଚାରେ ରହିଆସୁଥିବା ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏକ ଅପ୍ରୀତିକର ଘଟଣା। ବିଦ୍ୟାଳୟ ମଧ୍ୟରେ ଶିକ୍ଷକ ସୁବ୍ରତ ମଲ୍ଲିକ ରହୁଥିବା ନେଇ ଏକ ବିବାଦ ଦେଖାଦେଇଛି। ଶିକ୍ଷକ ଜଣଙ୍କ କାହା ଅନୁମତିରେ ସ୍କୁଲରେ ରହୁଛନ୍ତି ଏବଂ ଛୁଟିରେ ମଧ୍ୟ କ'ଣ ପାଇଁ ସ୍କୁଲ ପରିସରରେ ରହୁଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଶନିବାର ଦିନ ସ୍କୁଲ ଛୁଟି ହେବା ପରେ ଦିନ ପ୍ରାୟ ୩ ଘଟିକା ସମୟରେ ବିଦ୍ୟାଳୟ ଗେଟ୍ ଖୋଲି ଏକ ଟ୍ରଲି ପଶିବା ଓ କିଛି ସମୟ ମଧ୍ୟରେ ଟ୍ରଲିରେ କିଛି ସାମଗ୍ରୀ ବିଦ୍ୟାଳୟ ମଧ୍ୟରୁ ବଜାରକୁ ଆସୁଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଜଣଙ୍କ ଟ୍ରଲିଟିକୁ ଠେଲି ବିଦା କରିଥିବାର ନଜର ଆସିଛି। ଏହାର ତଦନ୍ତ କରି ଜିଲ୍ଲା ଶିକ୍ଷା ବିଭାଗ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଛି। ଟ୍ରଲିରେ ମଧ୍ୟାହ୍ନ ଭୋଜନ ପାଇଁ ଆସିଥିବା ଚାଉଳ ବଜାରରେ ବିକ୍ରୟ ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ତେବେ ତଦନ୍ତ ପରେ ପ୍ରକୃତ ସତ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ବସ୍ତୁ ସାଜିଛି। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଶରଥ ଦାସଙ୍କୁ ଫୋନ କରିଥିଲେ ମଧ୍ୟ ଫୋନ ଉଠାଇ ନଥିଲେ। ତେବେ ତଦନ୍ତ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଜନସାଧାରଣଙ୍କ ଅପେକ୍ଷା।

### ପଶ୍ଚିମବଙ୍ଗରେ ଓଡ଼ିଆ ଦାଦନ ଶ୍ରମିକ ନିଖୋଜ ଘଟଣା

# ନ୍ୟାୟ ଦାବିରେ ମହିଳାଙ୍କ ଥାନା ଘେରାଉ

ଚନ୍ଦନେଶ୍ୱର, ୩୦।୩ (ସମିସ)



ନିଜ ପରିବାରର ପ୍ରତିପୋଷଣ ପାଇଁ ଜଣେ ଓଡ଼ିଆ ଦାଦନ ଶ୍ରମିକ ଠିକାଦାରଙ୍କ ପ୍ରଲୋଭନରେ ପ୍ରଲୋଭିତ ହୋଇ ପଶ୍ଚିମବଙ୍ଗର ଏକ କୁକୁଡ଼ା ଫାର୍ମରେ ଦୀର୍ଘ ୩ ମାସ ଧରି ଦାଦନ ଭାବେ କାର୍ଯ୍ୟ କରିବା ପରେ ଦୀର୍ଘ ୧୮ ଦିନ ଧରି ନିଖୋଜ ରହିବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ଶତାଧିକ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଭୋଗରାଇ ବ୍ଲକ ଅନ୍ତର୍ଗତ କାଣ୍ଟଭଉଁରୀ ଗ୍ରାମପଞ୍ଚାୟତର କାଣ୍ଟଭଉଁରୀ ଗ୍ରାମର ବାବୁରାମ କୁଅଁରଙ୍କ ପୁଅ ଅଜିତ କୁଅଁର (୩୧) ଓ ତାଙ୍କର ଜଣେ ସମ୍ପର୍କୀୟ ଭାଇ ବାବୁ କୁଅଁର ଜଳସୋହରିଆ ଗ୍ରାମର ଜଣେ ଠିକାଦାର ସପନ ସାହୁ(ବାପି) ଏମାନଙ୍କୁ ପ୍ରଲୋଭନ ଦେଖାଇ ପଶ୍ଚିମବଙ୍ଗର ପୁରିଲିଆ ଜିଲ୍ଲା ଅନ୍ତର୍ଗତ ଜାମକିରି ଅଂଚଳରେ ଏକ କୁକୁଡ଼ା ଫାର୍ମରେ କାମ କରାଇ ଦେବା ପାଇଁ ୩ ମାସ ପୂର୍ବରୁ ନେଇ ଯାଇଥିଲେ। ମାତ୍ର ଗତ ୧୩ ତାରିଖରେ ତାଙ୍କ ପିଲାର ଅସୁସ୍ଥତା ସମ୍ପର୍କରେ ତାଙ୍କ ସ୍ତ୍ରୀ ପିକଲୁ କୁଅଁର ତାଙ୍କୁ ଫୋନ କରିବା ପରେ ତହିଁ ପରଦିନ ସକାଳେ ଅଜିତ ଘରକୁ ଆସିଥିବାର ତାଙ୍କ ସମ୍ପର୍କୀୟ ଭାଇ ଖବର ଦେଇଥିଲେ। ମାତ୍ର ୧୯ ଦିନ ବିତିଯାଇଥିଲେ ମଧ୍ୟ ଅଜିତ ଘରକୁ ଫେରିନାହାନ୍ତି। ସ୍ତ୍ରୀ ପିକଲୁ କୁଅଁର ସ୍ୱାମୀର ଫେରିବା ବାଟକୁ ଅନାଇ ରହି ୩ ଜଣ ନାବାଳିକା ଝିଅକୁ ଧରି ଘରେ ଅପେକ୍ଷା କରି ଚିନ୍ତାରେ ଦିନ ଗଣୁଛନ୍ତି। ତାଙ୍କ ପାଖରେ ବର୍ତ୍ତମାନ ଖାଇବା ଓ ଚଳିବା ପାଇଁ ବହୁ କଷ୍ଟ ହେଉଛି। ପରିବାର ଲୋକ ଜାମିକିରି ଓ ବାଙ୍କୁଡ଼ା ଅଞ୍ଚଳରେ ୯ ଦିନ ଧରି ଖୋଜାଖୋଜି କରିବାରେ ବହୁ ଟଙ୍କା ଖର୍ଚ୍ଚ କରି କୌଣସି ସନ୍ଧାନ ନ ପାଇ ନିରାଶ ହୋଇପଡିଛନ୍ତି। ଅନ୍ୟ ପକ୍ଷରେ ଠିକାଦାର ସପନ ସାହୁଙ୍କୁ ପଚାରିବାରୁ ସେ ମଧ୍ୟ କିଛି ଶୁଣୁନାହାନ୍ତି। ସବୁଆଡୁ ନିରାଶ ହେବା ପରେ ସ୍ୱାମୀକୁ ନପାଇ ସ୍ତ୍ରୀ ପିକଲୁ ଚନ୍ଦନେଶ୍ୱର ଫାଣ୍ଡିରେ ଠିକାଦାର ଶ୍ରୀ ସାହୁଙ୍କ ନାମରେ ଲିଖିତ ଅଭିଯୋଗ କରିବା ସହିତ ସ୍ୱାମୀକୁ ଖୋଜି ବାହାର କରିବା ପାଇଁ ଆକୁଳ ନିବେଦନ କରିଛନ୍ତି। ସେହିଭଳି ନିଖୋଜ ଥିବା ଅଜିତର ବୃଦ୍ଧା ମା ତୁଳସୀ କୁଅଁର ଜାମକିରି ଥାନା ଓ ଚନ୍ଦନେଶ୍ୱର ଫାଣ୍ଡିରେ ନିଖୋଜ ପୁଅକୁ ଉଦ୍ଧାର କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ସେଥିପାଇଁ ସୋମବାର ଭୋଗରାଇ ଥାନା ସମ୍ମୁଖରେ ସ୍ୱୟଂ ସହାୟିକା କାଞ୍ଚନ ପାତ୍ର, ଡଲି ପାତ୍ର, ସୁଭଦ୍ରା କୁଅଁର, ଅନ୍ନପୂର୍ଣ୍ଣା ଦଳାଇ, କବିତା ଦଳାଇ, ଏକା ଦଳାଇ, ଥୁପ ପାତ୍ରଙ୍କ ସମେତ ଶତାଧିକ ମହିଳା ସ୍ୱୟଂ ସହାୟିକାଙ୍କ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ସପନ ସାହୁଙ୍କୁ ଡକାଇ ଉଭୟ ପକ୍ଷଙ୍କୁ ସହିତ ଆଲୋଚନା କରିଥିଲେ। ଅଜିତଙ୍କ ସ୍ତ୍ରୀ ପୁକୁଳି କୁଅଁରଙ୍କ ଅଭିଯୋଗ ତାଙ୍କ ସ୍ୱାମୀଙ୍କୁ ଖୋଜି ଆଣିଦେବା ବିଷୟକୁ ଭିତ୍ତିକରି ପୁଲିସ ବାପି ସାହୁଙ୍କୁ ନିରୁଦ୍ଦିଷ୍ଟ ଅଜିତ କୁଅଁରଙ୍କୁ ଖୋଜିବା ପାଇଁ ୪ଦିନ ସମୟ ଦେଇଥିବା ସହ ତାଙ୍କର ବକେୟା ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟତିକ୍ରମ ହେଲେ ପୁଲିସ ବାପି ସାହୁଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ପ୍ରଦାନ କରିଛନ୍ତି। ଆଲୋଚନା ସମୟରେ ଉଭୟ ପକ୍ଷରୁ କାଣ୍ଟଭଉଁରୀ ପଞ୍ଚାୟତର ସମାଜସେବୀ ସତ୍ୟ ସାମଲ, ଅଜିତଙ୍କ ଶଳା କାଳିଚରଣ ଦଳାଇ, ଲକ୍ଷ୍ମୀକାନ୍ତ ଆଧେକ, ଉତ୍ତମ ସାହୁ, ସପନ ସାହୁ, ସାମ୍ବାଦିକ ବନମାଳୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚୈତ୍ର ତୃତୀୟ ସୋମବାର; ଚନ୍ଦନେଶ୍ୱରଙ୍କ ପୀଠ ଜନସମୁଦ୍ର

ଚନ୍ଦନେଶ୍ୱର,୩୦।୩ (ସମିସ): ପବିତ୍ର ଚୈତ୍ରମାସର ତୃତୀୟ ସୋମବାର ଅବସରରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଚନ୍ଦନେଶ୍ୱର ଶୈବ ପୀଠ ଜନସମୁଦ୍ର ପାଲଟିଛି। ପ୍ରାୟ ଦେଢ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହିତ ଦର୍ଶନ କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରି ସମସ୍ତେ ଶୃଙ୍ଖଳିତ ଭାବେ ମନ୍ଦିର ମଧ୍ୟରେ ପୂଜାର୍ଚ୍ଚନା କରି ଗର୍ଭ ଗୃହରେ ଶ୍ରୀଜୀଉଙ୍କୁ ପଇଡ,କ୍ଷୀର ଆଦି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ପିଲା ମାନସିକ ପୂରଣ ପାଇଁ କେଶ ମଣ୍ଡନ କରିଥିଲେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ଆଜି ଚୈତ୍ରମାସ ତୃତୀୟ ସୋମବାର ହୋଇଥିବାରୁ ଚନ୍ଦନେଶ୍ୱରରେ ପ୍ରାୟ ଲକ୍ଷାଧିକ ମାନସିକଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଆଦି ବିଭିନ୍ନ ରାଜ୍ୟରୁ ଶୈବ ଭକ୍ତମାନେ ଆସିଥିଲେ। ଭୋର ୪ଟାରୁ ମନ୍ଦିରର ଦୈନନ୍ଦିନ ନିତ୍ୟ ସେବାପୂଜା ଶେଷ ହେବା ବେଳକୁ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଅପେକ୍ଷା କରି ରହିଥିଲେ। ସମସ୍ତେ ଗର୍ଭ ଗୃହକୁ ଯାଇ ମହାଦେବଙ୍କୁ କ୍ଷୀର, ପଇଡ ଅର୍ପଣ କରିଥିଲେ। ଏହାଛଡା ଦଣ୍ଡି ମାରିବା, ବାଦଶା ହରିଲୁଟ ଆଦି ପାଇଁ ମଧ୍ୟ ପ୍ରବଳ ଗହଳି ହୋଇଥିଲା। ପ୍ରବଳ ଭିଡ ପାଇଁ ପୁରୋହିତ ମାନେ ନାଟ ମନ୍ଦିର,ନେତ୍ର କୁଣ୍ଡ,ବରଗଛ ନିକଟରେ ବସି ପୂଜାର୍ଚ୍ଚନା କରିଛନ୍ତି। ବିଶେଷ କରି ବିଜୁ ଗୋଲେଇ ଠାରୁ ମନ୍ଦିର ପର୍ଯ୍ୟନ୍ତ ଅଧିକ ଟ୍ରାଫିକ ସମସ୍ୟା ଲାଗି ରହିଥିଲା। ଏହି ଜନ ସମାଗମକୁ ଲକ୍ଷ୍ୟ ରଖି ମନ୍ଦିର ଟ୍ରଷ୍ଟବୋର୍ଡ ଓ ସେବାୟତଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ତାଳସାରୀ ସାମୁଦ୍ରିକ ଥାନା ସମେତ ଓ ଅଧିକ ୧ପ୍ଲାଟୁନ ପୁଲିସ ଶାନ୍ତି ଶୃଙ୍ଖଳା ପାଇଁ ରହିଥିଲେ ମଧ୍ୟ ପ୍ରବଳ ଜନ ସମାଗମକୁ ନିୟନ୍ତ୍ରଣ କରିବାକୁ ନାକେଦମ ହେବାକୁ ପଡିଥିଲା। ଏପ୍ରିଲ ୩ରୁ ଚନ୍ଦନେଶ୍ୱର ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ଚଡକ ମେଳା ଶୁଭାରମ୍ଭ ହେଉଥିବାରୁ ମନ୍ଦିରରେ ଏବେଠୁ ଚଳ ଚଞ୍ଚଳ ହୋଇଉଠିଛି।



## ରବିଧାନ ପଞ୍ଜୀକରଣରୁ ବଞ୍ଚିତ ଶତାଧିକ ଚାଷୀ

ପ୍ରୀତିପୁର,୩୦।୩(ସମିସ): ରାଜ୍ୟ ସରକାର ଚଳିତ ବର୍ଷ ୨୦୨୬ ରବି ଧାନ (ଡାଲୁଅ) ପ୍ୟାକ୍ସରେ ପଞ୍ଜୀକରଣ ପାଇଁ ଗତ ୨୫ ତାରିଖ ଧାର୍ଯ୍ୟ କରିଥିଲେ। ଏହି ଆବେଦନ ପ୍ରକ୍ରିୟାରେ ଚାଷୀଙ୍କର ସ୍ୱର୍ଗତଃ ପିତା କିମ୍ବା ଜେଜେ ବାପାଙ୍କ ନାମରେ ଜମି ଥିଲେ ଏଥିପାଇଁ ଉତ୍ତରାଧିକାରୀ ସାର୍ଟିଫିକେଟ ନିହାତି ଜରୁରୀ ପ୍ରମାଣ ବୋଲି ଦର୍ଶାଇଥିଲେ। ସରକାରଙ୍କ ରାଜସ୍ୱ ବିଭାଗର ନିୟମ ଅନୁଯାୟୀ ଜଣେ ବ୍ୟକ୍ତି ଉତ୍ତରାଧିକାରୀ ସାର୍ଟିଫିକେଟ ପାଇଁ ସର୍ବନିମ୍ନ ୪୫ ଦିନ ପରେ ପ୍ରଦାନ କରାଯାଉଛି। ତେଣୁ ବହୁ ଚାଷୀଙ୍କର ମୃତ ପିତା ଓ ମୃତ ଜେଜେ ବାପାଙ୍କର ଉତ୍ତରାଧିକାରୀ ସାର୍ଟିଫିକେଟ ନାହିଁ। ବିଞ୍ଝାରପୁର ଓ ଦଶରଥପୁର ବ୍ଲକରେ ଜିଲ୍ଲାର ସବୁଠାରୁ ଅଧିକ ପରିମାଣରେ ହଜାର ହଜାର ଏକର ଡାଲୁଅ ଧାନ ଫସଲ ହୋଇଛି। ସରକାର ମଣ୍ଡିରେ ଧାନ ବିକ୍ରି ନ ହେବା ପାଇଁ କଠୋର ନିୟମ ପ୍ରଣୟନ କରି ଶହ ଶହ ଚାଷୀଙ୍କୁ ବଞ୍ଚିତ କରିଛନ୍ତି। ସାର ଓ ପାଣି ରୋଟର ହଳ ଇତ୍ୟାଦି ପ୍ରୟୋଗ କରି ଅତ୍ୟଧିକ ଖର୍ଚ୍ଚାନ୍ତ ହୋଇ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହେଲେ। ସରକାର ଏହି ନିଷ୍ପତ୍ତିରେ ପୁନଃବିଚାର ଓ ସମୟ ସୀମା ବୃଦ୍ଧି ପାଇଁ ବିଞ୍ଝାରପୁର କୃଷକ ନେତା ବୀରଭଦ୍ର ସାମଲଙ୍କ ନେତୃତ୍ୱରେ ବହୁ ଚାଷୀ ଗତ ୨୦ ତାରିଖରେ ଜିଲ୍ଲାପାଳ ଓ ଜିଲ୍ଲା ସମବାୟ ନିବନ୍ଧକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଆପତ୍ତି ଅଭିଯୋଗ କରିଥିଲେ। ମାତ୍ର କ୍ଷୋଭ ଓ ଦୁଃଖର କଥା ଏହି ଅଭିଯୋଗର କୌଣସି ସୁଫଳ ମିଳିଲା ନାହିଁ। ବିଞ୍ଝାରପୁର ବ୍ଲକର ସବୁଠୁ ଅଧିକ ରବି ଧାନ ହେଉ ଥିବା ଶିଶିରଣା ଖର୍ଦ୍ଦିପୁର, ବରୁଣାବାଙ୍କ, ରାଁଆଶ, ଗୁହାଳି, ଟିଣା ଓ ଓସ୍ତଦାଣ୍ଡି, ଅଣ୍ଡାଳୋ, କରପଦା ଗ୍ରାମର ଶତାଧିକ ଚାଷୀ ପଞ୍ଜୀକରଣ କରି ନ ପାରି ହତୋତ୍ସାହିତ ହୋଇ ପଡିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ କୃଷକ ନେତା ବୀରଭଦ୍ର ସାମଲ, ଶିକ୍ଷାବିତ୍ ରାମଚନ୍ଦ୍ର ନାୟକ, କୈଳାଶ ସାମଲ, ରମେଶ ମଲ୍ଲିକ, ଦୈତାରି ପଣ୍ଡା, ପ୍ରଦୀପ ସାମଲ ,ବିନୋଦ ସାମଲ, ନରୋତ୍ତମ ସାମଲ, ସୁରେଶ ସାମଲ, ନିରାକାର ମଲ୍ଲିକ, ଶୁକଦେବ ନାୟକ ପ୍ରମୁଖ ଶତାଧିକ ଚାଷୀ ପ୍ରଶାସନକୁ ଜଣାଇଛନ୍ତି।

## ମଠସାହି ସ୍କୁଲ୍ ଘରକୁ ମାଡ଼ିବସିଛନ୍ତି ଠିକାଦାର

ଭଣ୍ଡାରିପୋଖରୀ,୩୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବୟାବନାପୁର ପଞ୍ଚାୟତର ମଠସାହି ସ୍କୁଲ୍ ଘରଗୁଡ଼ିକୁ କିଛିଦିନ ହେବ ଜଣକ ପରେ ଜଣେ ଠିକାଦାର ନିଜ ଅକ୍ତିଆରରେ ରଖି ମନଇଚ୍ଛା ନିଜ କାର୍ଯ୍ୟରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏହି ସ୍କୁଲଟି ସରକାରଙ୍କ ନିୟମ ଅନୁଯାୟୀ ପାଠ ପଢ଼ିବା ନିମନ୍ତେ ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ଥିବା ହେତୁ ପାଖାପାଖି ୫ ବର୍ଷ ହେବ ସରକାରଙ୍କ ତରଫରୁ ସ୍କୁଲଟିକୁ ବନ୍ଦ କରାଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସେହିଦିନରୁ ମଠସାହି ସ୍କୁଲ୍ ଘର ଓ ସ୍କୁଲ୍ ଘରକୁ ଇଲେକ୍ଟ୍ରି ସଂଯୋଗ ହୋଇଥିବା ମିଟରରୁ ଠିକାଦାରମାନେ ଲୁହା ଛଡ଼ କାଟିବାଠାରୁ ଆରମ୍ଭ କରି ୱେଲଡିଂ ମେସିନ ମାଧ୍ୟମରେ ୱେଲ୍‌ଡିଂ କରିବା ସହିତ ମନଇଚ୍ଛା ଇଲେକ୍ଟ୍ରି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଏହି ସ୍କୁଲ ଘର ହେଉ ଅବା ଇଲେକ୍ଟ୍ରି ବିନା ସରକାରୀ ଅନୁମତିରେ କିପରି ବ୍ୟବହାର ହେଉଛି ଯାହା ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ସରକାରୀ ଘରୁ ଇଲେକ୍ଟ୍ରି ବିଲ୍ ବାବଦକୁ ପ୍ରତ୍ୟେକ ମାସ ପୈଠ ହେଉଥିବାବେଳେ କିପରି ବ୍ଲକ୍ ଶିକ୍ଷା ବିଭାଗ ହେଉ କିମ୍ବା ବ୍ଲକ୍ ପ୍ରଶାସନ ନଜରକୁ ଏଭଳି ଘଟଣା ଆସୁନାହିଁ। ତେଣୁ ଏହିସବୁ ସୁଯୋଗର ଭରପୂର ଫାଇଦା କିଛି ଅସାଧୁ ବ୍ୟକ୍ତିଙ୍କ ସମେତ ଠିକାଦାରମାନେ ଉଠାଉଥିବା ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି। ଏହି ଘଟଣାଗୁଡ଼ିକୁ ଅନୁଧ୍ୟାନ କରି ସମସ୍ୟାଗୁଡ଼ିକ ସମାଧାନ କରି ସ୍କୁଲ ଘରଗୁଡ଼ିକୁ ସୁରକ୍ଷିତ ରଖିବା ନିମନ୍ତେ ବ୍ଲକ୍ ଶିକ୍ଷା ବିଭାଗ ଓ ବ୍ଲକ୍ ପ୍ରଶାସନକୁ ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



## ରାଜସ୍ୱ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ଧର୍ମଶାଳା,୩୦।୩(ସମିସ): ଧର୍ମଶାଳା ତହସିଲ ଅନ୍ତର୍ଗତ ନେଉଳପୁର ମୌଜାର ରାଜସ୍ୱ ନିରିକ୍ଷକଙ୍କୁ ଆକ୍ରମଣ ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଧର୍ମଶାଳା ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଏହି ଥାନା ନାଉପାଳ ଗ୍ରାମର ହୃଷୀକେଶ ରାଉତ ଓ ଏହି ଥାନା ବଡ଼ମଙ୍ଗଳପୁର ଗ୍ରାମର ସଞ୍ଜୟ ମହାନ୍ତି ବୋଲି ଜଣାପଡିଛି। ସୂଚନା ମୁତାବକ ଗତ ୨୭ ତାରିଖ ଅପରାହ୍ନରେ ନେଉଳପୁର ମୌଜାର ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଜେନା ନିଜ କାର୍ଯ୍ୟାଳୟରେ ଥିବା ବେଳେ ଦୁଇଜଣ ଅଭିଯୁକ୍ତ ସେଠାକୁ ଯାଇ କୌଣସି କାରଣକୁ ନେଇ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ରାଜସ୍ୱ ନିରୀକ୍ଷକ ଜଗବନ୍ଧୁ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୨୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଆଜି ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଦମ୍ପତି ମୃତ୍ୟୁ ଘଟଣାରେ କାର୍ ଚାଳକ ଗିରଫ

ଧର୍ମଶାଳା,୩୦।୩(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟରାଜପଥ ରଥିଆ ଛକ ନିକଟରେ କାର ଧକ୍କାରେ ଦମ୍ପତି ମୃତ୍ୟୁ ଘଟଣାରେ ପୁଲିସ ଅଭିଯୁକ୍ତ କାର୍ ଚାଳକକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଗିରଫ କାର ଚାଳକ ପଶ୍ଚିମବଙ୍ଗ ହାଓଡ଼ା ଜିଲ୍ଲା ହାଓଡ଼ା ମଇଦାନର ଅନଙ୍ଗ ଘୋଷ ବୋଲି ଜଣାପଡିଛି। ସୂଚନା ମୁତାବକ ବଡ଼ଚଣା ବ୍ଲକ ସିହା ଗ୍ରାମର ସୁବ୍ରତ ସାହୁ ଓ ତାଙ୍କ ଗର୍ଭବତୀ ପତ୍ନୀ ଅନ୍ନପୂର୍ଣ୍ଣା ଗତ ୨୭ ତାରିଖ ଅପରାହ୍ନରେ ଜାରକାସ୍ଥିତ ଜୈନେକ ଡାକ୍ତରଙ୍କ ପାଖକୁ ଏକ ସ୍କୁଟରରେ ଆସି ଘରକୁ ଫେରୁଥିବା ବେଳେ ରଥିଆ ଛକରେ ପଛରୁ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଦମ୍ପତି ସମେତ ତାଙ୍କର ୪ ବର୍ଷର ଝିଅ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ତିନିଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତିନି ଜଣଙ୍କ ଚିକିତ୍ସା ଚାଲିଥିବା ବେଳେ ସେହି ଦିନ ପତି ଓ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ୪ ବର୍ଷର ଝିଅ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏନେଇ ମୃତ ଦମ୍ପତିଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୧୩୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ଅଭିଯୁକ୍ତ କାର ଡ୍ରାଇଭରକୁ ଗିରଫ କରି ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଥିବା ନେଇ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ୪ ବାଇକ୍ ଜବତ; ୪ମାମଲା ରୁଜୁ

ପାଣିକୋଇଲି,୩୦।୩(ସମିସ): ଯାଜପୁର ପରିବହନ ବିଭାଗ ଓ ପାଣିକୋଇଲି ପୁଲିସ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ମଦ୍ୟପ ଚାଳକଙ୍କ ଉପରେ ଚଢ଼ଉ କରାଯାଇଛି। ପାଣିକୋଇଲି ଓଭରବ୍ରିଜ ଆରମ୍ଭ ସର୍ଭିସ ରୋଡ୍, ଷଠିପୁର, ହାଟସାହି ଛକରେ ଯାଞ୍ଚ କରାଯାଇଥିଲା। ନିୟମିତ ଯାଞ୍ଚ ସମୟରେ ବହୁ ମଦ୍ୟପ ଚାଳକ ଧରାପଡୁଥିବା ବେଳେ ରାତ୍ରୀ ଯାଞ୍ଚ ସମୟରେ ୪ ବାଇକ୍ ଚାଳକ ମଦ୍ୟପ ଥିବାରୁ ସେମାନଙ୍କୁ ଧରି ଥାନାକୁ ଆଣିଥିଲେ। ଏନେଇ ୪ଟି ମାମଲା ରୁଜୁ କରିବା ସହ ବାଇକ ଗୁଡିକୁ ଜବତ ତଦନ୍ତ ଜାରି ରହିଛି। ମଦ୍ୟପମାନେ ହେଲେ ପାଣିକୋଇଲି ଥାନା ତଣ୍ଡରା ଗ୍ରାମର ଜଗନ୍ନାଥ ବେହେରା (୪୨), ବଜରପଡା ଗ୍ରାମର ନିରଞ୍ଜନ ସାମଲ (୫୪), ଷଠିପୁରର ନିରଞ୍ଜନ ତରେଇ (୩୫), ବ୍ରଜନଗରର ସଞ୍ଜିତ ମଲିକ(୨୫)। ଏହି ଚଢ଼ଉରେ ସବଇନ୍ସପେକ୍ଟର ମିନତୀ ବେହେରା, ଏଏସଆଇ ସୋମନାଥ ରାଉତ, ନିର୍ମଳ ଚୌଧୁରୀ ଓ ପରିବହନ ଅଧିକାରୀ ରାଜେଶ ମଙ୍ଗରାଜ ସଦଳବଳେ ଏହି ଚଢ଼ଉ କରିଥିଲେ। ଏନେଇ ୪ ମାମଲା ୧୦୫/୨୬, ୧୦୬/୨୬, ୧୦୭/୨୬, ଓ ୧୦୮/୨୬ ରୁଜୁ କରାଯାଇଛି।

## ମଦ ଜବତ; ୨ବେପାରୀ ଗିରଫ

ପାଣିକୋଇଲି,୩୦।୩(ସମିସ): ପାଣିକୋଇଲି ଥାନା ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ସମୟରେ ବିଦେଶୀ ମଦ ଜବତ କରାଯାଇଛି। ଷଠିପୁର ନିକଟରେ ଜଣେ ବ୍ୟକ୍ତିଙ୍କ ଏକ ସ୍କୁଟିରେ (ଓଡି୩୪ୱାଇ ୩୩୭୩) ୨ଟି ପେଟିରେ ବିଦେଶୀ ମଦ ନେଇ ଯାଉଥିବା ବେଳେ ସନ୍ଦେହ ହେବାରୁ ତାକୁ ଯାଞ୍ଚ କରାଯାଇଥିଲା। ତା' ନିକଟରୁ ୨ପେଟି ବିଦେଶୀ ମଦ ୪୨ ବୋତଲ (୧୮୦ଲେଖାଏ) ଜବତ କରାଯାଇଥିଲା। ଏହି ଘଟଣାରେ ଏକ ମାମଲା ୧୦୪/୨୬ ରୁଜୁ କରାଯାଇ ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ଗ୍ରାମର ରବୀନ୍ଦ୍ର ମହାନ୍ତି(୫୨)କୁ ଗିରଫ କରାଯାଇଛି। ଆଜି ତାକୁ ୫୨(ଏ) ଓଡିଶା ଏକ୍ସସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି। ସେହିପରି ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଜହ୍ନାକଣା ଠାରେ ଚଢ଼ଉ କରାଯାଇ ଜହ୍ନାକଣା ଗ୍ରାମର ମହେଶ୍ୱର ମଲିକ(୪୦)ଙ୍କ ଠାରୁ ୧୧.୭୫ ମହୁଲି ମଦ ଜବତ କରାଯାଇଛି। ଏନେଇ ଏକ ମାମଲା ୧୦୯/୨୬ ରୁଜୁ କରାଯାଇ ତାକୁ ଗିରଫ କରାଯାଇ ଥିବା ତଦନ୍ତାଧିକାରୀ ଏଏସ୍‌ଆଇ ଦେବବ୍ରତ ମହାନ୍ତିଙ୍କ ଠାରୁ ସୂଚନା ମିଳିଛି।

## ନିବାରଣ ଜେନାଙ୍କ ଉପନ୍ୟାସ 'ଉତ୍ତରାଧିକାରୀ' ଉନ୍ମୋଚିତ

ବାଲେଶ୍ୱର,୩୦।୩ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ 'ସ୍ରଷ୍ଟା' ନାଟ୍ୟାଳୟରେ ନିବାରଣ ଜେନାଙ୍କ "ଉତ୍ତରାଧିକାରୀ' ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକ ସମ୍ପର୍କରେ ଗବେଷଣାତ୍ମକ ବକ୍ତବ୍ୟ ରଖିଥିଲେ। ଦେବକାନ୍ତଗଙ୍ଗାବାରଣଦାସ ନାମରେ ବାଲେଶ୍ୱରର ପଞ୍ଚସଖା ଯଥାକ୍ରମେ ଶ୍ରୀଦେବ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଗଂଗାଧର ବିଶ୍ୱାଳ, ନିବାରଣ ଜେନା ଓ ପ୍ରଶାନ୍ତ ଦାସ ଅତିଥି ଭାବରେ ଯୋଗଦେଇ ଥିଲେ। ଲେଖକୀୟ ବକ୍ତବ୍ୟରେ ନିବାରଣ ଜେନା ସେ କାହିଁକି କଥା ରଚନାରେ ହାତ ଦିଅନ୍ତି ବୋଲି ଉତ୍ତର ପ୍ରଦାନ କରିଥିଲେ। ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉନ୍ମୋଚନ ଉତ୍ସବରେ ଡ. ସୁବାସ ଚନ୍ଦ୍ର ପାତ୍ର, ଡ. ରମାକାନ୍ତ ନାୟକ, ଅରୁଣା ରାୟ, ଡ. ଭାଗବତ ପ୍ରସାଦ ଦାସ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ନାଟ୍ୟକାର ପ୍ରଦୀପ ମିଶ୍ର, ଡ. ସାରଙ୍ଗଧର ତ୍ରିପାଠୀ, ତପନ ରାୟ, ଡ. କ୍ଷିତୀଶ୍ୱର ଦାସ, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଗଗନ ଦଳେଇ, ତପନ କୁମାର ପଣ୍ଡା, ପଣ୍ଡିତ ସଂଜୟ କୁମାର ପଣ୍ଡା, ସଂଜୟ ପଣ୍ଡା, ଫକୀରମୋହନ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଇଲେକ୍ଟ୍ରି ପୋଲ୍‌ରେ ବିପଦସଂକୁଳ ଯାତାୟାତ

ବାରିକପୁର,୩୦।୩(ସମିସ)



ଦୀର୍ଘ ବର୍ଷ ହେବ ସରକାର ଗମନାଗମନ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଦୁଃଖର ବିଷୟ ଆଜି ବି ଲୋକେ ଇଲେକ୍ଟ୍ରି ପୋଲ୍ ଉପରେ ଅତି ବିପଦସଂକୁଳ ଭାବେ ଗମନାଗମନ କରୁଥିବାର ଦୃଶ୍ୟ ଦେଖାଯାଇଛି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ଓ ମାଳଦା ପଞ୍ଚାୟତର ସୀମା ନିର୍ଦ୍ଧାରଣ କରୁଥିବା ଶ୍ୟାମସୁନ୍ଦରପୁର ନିକଟସ୍ଥ ସ୍ଲୁଇସ୍ ପୋଲଟିରେ ଏଯାଏଁ ଛାତ ନିର୍ମାଣ ହୋଇପାରି ନାହିଁ। ଦୀର୍ଘ ୩୦ ବର୍ଷରୁ ଅଧିକ ହେବ ଡ୍ରେନେଜ୍ ନାଳ ଉପରେ ଜଳ ସଂରକ୍ଷଣ ପାଇଁ ସ୍ଲୁଇସ୍ ଗେଟ ନିର୍ମାଣ ହୋଇଥିଲା। ଦୁଇ ପାର୍ଶ୍ୱରେ ଦୁଇଟି ପିଲାର ରହିଥିବାବେଳେ ବର୍ଷା ଦିନେ ଚାଷୀମାନେ ଏଠାରେ ମାଟି ବନ୍ଧ ଦେଇ ବିଲକୁ ପାଣି ମଡ଼ାଇଥା'ନ୍ତି। ଖରାଦିନେ ଏହି ଗେଟ୍ ଦେଇ ୨ ପଞ୍ଚାୟତର ଲୋକ ଯେନତେନ ପ୍ରକାରେ ଯାତାୟାତ କରୁଥିବାବେଳେ ବର୍ଷାଦିନେ ଅନେକ ଯନ୍ତ୍ରଣା ଭୋଗିଥା'ନ୍ତି। ନିର୍ମାଣ ବେଳେ ଉକ୍ତ ଗେଟ୍‌ରେ ଛାତ ପଡ଼ି ନ ଥିବାରୁ ପରବର୍ତ୍ତୀ ସମୟରେ ଗମନାଗମନ ସୁବିଧା ପାଇଁ ଲୋକେ ଏହା ଉପରେ ୨/୩ଟି ଭଙ୍ଗା ଇଲେକ୍ଟ୍ରି ପୋଲ୍ ପକାଇଥିଲେ। ଆଜି ସୁଦ୍ଧା ସେହି ଇଲେକ୍ଟ୍ରି ପୋଲ୍ ଉପରେ ଦୈନିକ ଶହଶହ ଲୋକ ଯାତାୟାତ କରୁଛନ୍ତି। ଏହାଛଡ଼ା ସ୍କୁଲ ଓ ଅଙ୍ଗନବାଡ଼ି ପିଲାମାନେ ଇଲେକ୍ଟ୍ରି ପୋଲ୍ ଉପରେ ଚଢ଼ି ବିପଦପୂର୍ଣ୍ଣ ଭାବେ ଉଭୟ ପାର୍ଶ୍ୱକୁ ଯାତାୟାତ କରୁଛନ୍ତି। ବାଇକ୍ ଓ ସାଇକଲ ଯୋଗେ ଯେଉଁମାନେ ଯାଉଛନ୍ତି ସେମାନଙ୍କ ପାଇଁ ମରଣକୁ ବରଣ କରିବା ଭଳିଆ କଥା ହେଉଛି। ମାତ୍ର ୧୦ ଫୁଟ୍ ପାଦଚଲା ପୋଲ୍ ପାଇଁ ଲୋକେ ଦାବି କରୁଥିଲେ ସୁଦ୍ଧା ପ୍ରଶାସନ ଏହାକୁ କର୍ଣ୍ଣପାତ କରୁନାହିଁ। ସ୍ଲୁଇସ୍ ଗେଟ୍ ହେବାଠାରୁ ଆଜିଯାଏଁ କେତେ ଯେ ଗାଈଗୋରୁ, ଛେଳିମେଣ୍ଢା ଇଲେକ୍ଟ୍ରି ପୋଲ୍‌ରୁ ଖସି ଆହତ ହୋଇ ମୃତ୍ୟୁ ମୁଖରେ ପଡ଼ିଛନ୍ତି ତାହାର ହିସାବ ନାହିଁ। ତେଣୁ ଏବେ ଘଟଣାକୁ ଗୁରୁତ୍ୱର ସହ ନେଇ ସ୍ଲୁଇସ୍ ଉପରେ ପୋଲ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ସୁଦର୍ଶନ ସାମଲ, ବେଣୁଧର ସାମଲ, ଗଣେଶ ଚନ୍ଦ୍ର ସାମଲ, ଉମାକାନ୍ତ ସାମଲ, ଶୁଭେନ୍ଦୁ ସାମଲ, ଧନେଶ୍ୱର ନାୟକ, ଧରଣୀଧର ନାୟକ, ସୁବୋଧ ସାମଲ, ନବଘନ ସାମଲ, ପୟୋଧର ନାୟକ ପ୍ରମୁଖ ଦାବି କରିଛନ୍ତି।

## ଡେନମାର୍କ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

ବାଲେଶ୍ୱର, ୩୦।୩ (ସମିସ): ବାଲେଶ୍ୱର ଡିନାମାରଡିଙ୍ଗା ମାଣିଖମ୍ବ ଖେଳ ପଡିଆରେ ଡେନମାର୍କ ପ୍ରିମିୟର



ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦଶମ ସଂସ୍କରଣ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ କାଉନସିଲର ମୀନା ମହାନ୍ତି, ଯୁବନେତା ସୁବୋଧ କୁମାର ମହାନ୍ତି, ସରୋଜ କୁମାର ଲେଙ୍କା, ଶ୍ରୀକାନ୍ତ ବୁଗୁଡ଼ାଇ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଘାଟନୀ ଦିବସରେ ୩ଟି ମ୍ୟାଚ୍ ଖେଳା ଯାଇଥିଲା। ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଏପ୍ରିଲ ୧୨ରେ ଫାଇନାଲ ମ୍ୟାଚ ଖେଳାଯିବ। ଚାମ୍ପିଅନ ଟିମକୁ ଟ୍ରଫି ସହ ୩୫ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ଟ୍ରଫି ସହ ୩୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ ବୋଲି ମନୋଜ ମାଝୀ ସୂଚନା ଦେଇଛନ୍ତି। ଅମିତ ମାଝୀ, କାର୍ତ୍ତିକ ମାଝୀ, ସୁମିତ୍ ରଣା, କିଶୋର ଭୋଇ, ସଞ୍ଜୀବ ମାଝୀ, ତପନ ମାଝୀ, ସତ୍ୟ ସେନାପତି, ରାଜ ପ୍ରକାଶ ଜେନା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

କାଳିପଦା, ୩୦।୩ (ସମିସ): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୧୩୨ ତମ ମନ କୀ ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ଅକ୍ଷୟ ପାତ୍ର, ସଞ୍ଜୟ ପ୍ରଧାନ, ଗୌତମ ଗିରି, ମନୋରଞ୍ଜନ ବେହେରା, କାଞ୍ଚନ ଦାସ, ଶ୍ରୀହରି ମଣ୍ଡଳ, ବୀର ମାଧବ ଦାସ, ଲକ୍ଷ୍ମୀଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସର ଟାଳଟୁଳ ନୀତିକୁ ବିରୋଧ କରି ଥାନା ଘେରଉ

ଜଳେଶ୍ୱର ବ୍ଲକ, ୩୦।୩ (ସମିସ): ରାମନବମୀ ଶୋଭାଯାତ୍ରା ସମ୍ପର୍କରେ ଗତ ୨୨ ତାରିଖରେ ହ୍ୱାଟ୍‌ସ ଆପରେ ମେସେଜ ଦେବାକୁ ନେଇ ରାଇବଣିଆ ମଣ୍ଡଳ ବିଜେପି ସଭାପତି ସଞ୍ଜୀବ ଜେନାଙ୍କୁ ଗାଳିଗୁଲଜ ଏବଂ ତାଙ୍କ ଘରେ ଭଙ୍ଗାରୁଜା କରିବା ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବାରେ ରାଇବଣିଆ ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗରେ ଜଳେଶ୍ୱର ବିଜେପି ନେତା ତଥା ପ୍ରାକ୍ତନ ବ୍ଲକ୍ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଓ ରାଇବଣିଆ ଅଞ୍ଚଳର ଶତାଧିକ ସମର୍ଥକ ରାଇବଣିଆ ଥାନା ଘେରଉ କରିଥିଲେ। ରାଜେଶ ଖଟୁଆ, ସର୍ଦ୍ଦାରବନ୍ଧ ସମିତି ସଦସ୍ୟ ଗଣେଶ ସୋରେନ, ବିଜେପି ନେତା ତରୁଣ ପଟ୍ଟନାୟକ, ଯୁବନେତା କାଳୀଚରଣ ଦାସ, ମୁଜିତ ଦାସ, ସନତ ସାହୁ, ଅନୁପ ପ୍ରଧାନ, ଉତ୍ତମ ଜେନା, ନିହାର ରଞ୍ଜନ ଦାସ, ଦିଲ୍ଲୀପ ଭୂୟାଁ, ବିଶ୍ୱନାଥ ପରିଡ଼ା, ବ୍ରଜକିଶୋର ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ ବେହେରା, ଜଳେଶ୍ୱର ଆଇଆଇସି ଅଶୋକ ବାରିକ ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ବହୁ ଚର୍ଚ୍ଚିତ ସେଜଲ ଓ ଅମର ପ୍ରେମ କାହାଣୀ

# ନାରୀସଂଘରୁ ସେଜଲ ଗାଏବ; ମିଳୁନି ପତ୍ତା

ବାଲେଶ୍ୱର,୩୦।୩(ସମିସ)

ବାଲେଶ୍ୱରରେ ବହୁ ଚର୍ଚ୍ଚିତ ସେଜଲ ଓ ଅମର ପ୍ରେମ କାହାଣୀ ନୂଆମୋଡ଼ ନେଇଛି। ନାରୀସଂଘରେ ରହିଥିବା ସେଜଲ କେଉଁଆଡେ ଗାଏବ ହୋଇଯାଇଥିଲେ ହେଁ ତାଙ୍କ ପତ୍ତା ମିଳୁନି। ଏ ବାବଦରେ ଜିଲ୍ଲା ପ୍ରଶାସନ ଜାଣି ସୁଦ୍ଧା କୌଣସି ପଦକ୍ଷେପ ନେଇନାହିଁ।

୨୦୧୮ ମସିହାରୁ ପୂଜା ପୌଷ୍ୟ କନ୍ୟା ଭାବେ ଆମେରିକା ଯାଇଥିବା ବେଳେ ସେଠାରେ ତାଙ୍କ ନାମ ସେଜଲ ରଖାଯାଇଥିଲା। ସେ ପିଲାବେଳେ ଟ୍ରେନରେ ତାଙ୍କ ବାପା ଓ ମାଙ୍କ ସହ ଯାତ୍ରା କରୁଥିବା ବେଳେ ଅନ୍ୟ ରାଜ୍ୟରେ ହଜି ଯାଇଥିଲେ। ଚାଇଲଡ ଲାଇନ ତାଙ୍କୁ ଉଦ୍ଧାର କରିଥିଲା। ସେ ପ୍ରଥମେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଏବଂ ପରେ ଭୁବନେଶ୍ୱର ନହରକଂଟାରେ ଥିବା ଏକ କନ୍ୟାଶ୍ରମରେ ରହି ପାଠ ପଢୁଥିଲେ। ୨୦୧୮ ମସିହାରେ ଜଣେ ଆମେରକୀୟ ଦମ୍ପତି ପୂଜାଙ୍କୁ ପୌଷ୍ୟ ସନ୍ତାନ ଭାବେ ସେଠାରୁ ଆମେରିକା ନେଇଯାଇଥିଲେ। ହେଲେ ସେ ସେଠାରେ ରହିବା ପରେ ଆରମ୍ଭ ହୋଇଯାଇଥିଲା ନିର୍ଯାତନା। ତାକୁ ପୌଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ପରିବାର ଲୋକେ ନିର୍ଯାତନା ଦେଉଥିବା ବେଳେ ଏହାକୁ ସହ୍ୟ ନ କରିପାରି ଏକ ଭିଡ଼ିଓ ମାଧ୍ୟମରେ ପ୍ରକାଶ କରିଥିଲେ। ୨୦୨୩ ମସିହାରେ ଇନଷ୍ଟାଗ୍ରାମରେ ପୂଜା ବାଲେଶ୍ୱରର ଅମର ଦାସଙ୍କ ସହ ଯୋଗଯୋଗ କରିଥିଲେ। ତେବେ ଅମର ପୂଜାଙ୍କୁ ଦେଖିବା ପରେ ତାଙ୍କୁ ସେ ଚିହ୍ନିଥିଲେ। ଉଭୟ ସାଙ୍ଗ ହୋଇ ସ୍କୁଲରେ ପଢୁଥିଲେ ବୋଲି କହିଛନ୍ତି। ପୂଜା ପାଖରେ ମୋବାଇଲ ନ ଥିବାରୁ ସେ ତାଙ୍କ ଘରେ ଥିବା କମ୍ପ୍ୟୁଟରରୁ ସୋସିଆଲ ମିଡିଆ ମାଧ୍ୟମରେ ଯୋଗାଯୋଗ କରନ୍ତି। ତେବେ ସେଠାରେ ତାଙ୍କର ପାଳିତ ମା' ସୁସେନ ତାଙ୍କୁ ନିର୍ଯାତନା ଦେଉଥିବାବେଳେ ସେ ଘରକୁ ଫେରିବାକୁ ଚାହୁଁଛନ୍ତି ବୋଲି ଅମରଙ୍କୁ କହିଥିଲେ। ତେବେ ସେଜଲଙ୍କୁ ସେଠାରୁ ମୁକୁଳାଇବା ପାଇଁ ଅମର ବାଲେଶ୍ୱର ଜିଲ୍ଲା ପ୍ରଶାସନର ସହାୟତା ଲୋଡି ଥିଲେ। ଏପରିକି ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କ ସହ କଥା ହୋଇ ସେଜଲଙ୍କୁ ୨୦୨୫ ନଭେମ୍ବର ୨୫ରେ ଆଣି ବାଲେଶ୍ୱରସ୍ଥିତ ନାରୀ ସଂଘରେ ରଖାଇଥିଲା। ହେଲେ ଏବେ ନାରୀ ସଂଘରେ ନାହାନ୍ତି ସେଜଲ। କୁଆଡେ ସେ ଗଲେ ମିଳୁନି ପତ୍ତା। ଏପରିକି ସେଜଲ ପୂର୍ବରୁ ତାଙ୍କର ମତ ବିଭିନ୍ନ ପ୍ରକାର ମଧ ଦେଉଥିଲେ। ଅମର ଜଣେ ଦିନ ମଜୁରିଆ ହୋଇଥିବା ସେ ଜାଣିବାକୁ ପାଇଥିଲେ ଏବଂ ପରେ ପୁଣିଥରେ ଆମେରିକା ଫେରିଯିବାକୁ ଚାହିଁଥିଲେ। ହେଲେ ଏହାରି ମଧରେ ସେଜଲ ନାରୀ ସଂଘରେ ନଥିବା ଜଣାଯାଇଛି। ଏ ନେଇ ନାରୀସଂଘର ମୁଖ୍ୟ ଗୋପାମୁଦ୍ରା ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କ ଠାରୁ କୌଣସି ଉତ୍ତର ମିଳିନଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ମହାନ୍ତି କହିଛନ୍ତି ଯେ, ସେଜଲ ଅମରଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଏଠାକୁ ଆସିଥିଲା। ହେଲେ ବୟସ ହୋଇନଥିବାରୁ ବିବାହ ସମ୍ଭବ ପର ହୋଇପାରି ନ ଥିଲା। ଏପରିକି ସେଜଲଙ୍କ ଆଧାରକାର୍ଡ ମଧ ନଥିଲା। ଆଧାରକାର୍ଡ ହେବାକୁ ଅଧିକ ସମୟ ଲାଗିବ। ଏଣୁ ବିବାହ ହୋଇପାରି ନ ଥିଲା। ସେଜଲ ନାରୀସଂଘରେ ରହିବାକୁ ଚାହୁଁ ନଥିବା ବେଳେ ତାଙ୍କୁ ଛାଡିବା ପାଇଁ ନାରୀସଂଘକୁ ଧମକ ଦେଉଥିଲା। ନହେଲେ ସେ ଆତ୍ମହତ୍ୟା କରିବେ ବୋଲି ମଧ ଧମକ ଦେଉଥିଲା। ଏଣୁ ସେ କୌଣସି ଉପାୟରେ ସେଠାରୁ ସେ ପଳାଇଯାଇଥିବା ବେଳେ ଏବେ ତାଙ୍କର କୌଣସି ଖବର ନାହିଁ। ଏନେଇ ଏସପିଙ୍କୁ ଏହି ଘଟଣା ସମ୍ପର୍କରେ ଜଣାଯାଇଛି ଏବଂ ଏହାର ତଦନ୍ତ ମଧ ହେଉଛି ବୋଲି କହିଛନ୍ତି।

## ବର୍ଷାଜଳ ସଞ୍ଚୟ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର, ୩୦।୩ (ସମିସ): ବର୍ଷା ଜଳ ସଞ୍ଚୟ ସଚେତନତା କାର୍ଯ୍ୟକ୍ରମ ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ପକ୍ଷରୁ ରଣସାହି ୟୁନିଅନ ସରକାରୀ ଉଚ୍ଚ ଇଂରାଜୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ମୁନ' ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ ଯୋଗଦେଇ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ବର୍ଷାଜଳ ସଞ୍ଚୟ ଏକ ମାତ୍ର ମାଧ୍ୟମ ଓ ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷକ ସୁଦାମ ବେହେରା, ଶିକ୍ଷୟିତ୍ରୀ ସବିତା ନାୟକ ଯୋଗ ଦେଇ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଳ ସଞ୍ଚୟ ଉପରେ ଶପଥ ପାଠ କରାଯାଇଥିଲା। ପଙ୍କଜିନୀ ଦାସ, ଦିବ୍ୟାଶା ଜେନା, ଲିପି ମଳିକ, ସୁବାସିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଷୀରଚୋରା ପବ୍ଲିକ ସ୍କୁଲର ଦଶନ୍ଧି ପୂର୍ତ୍ତି ସମାରୋହ

ବାଲେଶ୍ୱର,୩୦।୩(ସମିସ): କ୍ଷୀରଚୋରା ପବ୍ଲିକ ସ୍କୁଲର ଦଶବର୍ଷ ପୂର୍ତ୍ତି ଅବସରରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ଗୋପୀନାଥ ମହାରଣାଙ୍କ ପୌରହିତ୍ୟରେ ଉଦଘାଟକ ଭାବେ ରେମୁଣା ଡାଏଟର ପୂର୍ବତନ ଅଧ୍ୟକ୍ଷା କଳ୍ପନା ପଟ୍ଟନାୟକ ଯୋଗଦେଇଥିଲେ।




ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ କମଳାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଭାଗବତ ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ସୌମ୍ୟା ସଙ୍ଗୀତା ସାହୁ, ରେମୁଣା ବ୍ଲକର ଅତିରିକ୍ତ ଶିକ୍ଷାଅଧିକାରୀ ବଳରାମ ନାୟକ, ବଳାଙ୍ଗୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ସିଂହ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସ୍କୁଲର ଅଧ୍ୟକ୍ଷ ବୃନ୍ଦାବନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ପଙ୍କଜିନି ସିଂ, ଏଲିନା ପଟ୍ଟନାୟକ, ସ୍ୱପ୍ନା ବେହୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲେଶ୍ୱରରେ ପାଳିତ ହେଲା ମୁଢ଼ି ଦିବସ

ବାଲେଶ୍ୱର, ୩୦।୩ (ସମିସ): ବାଲେଶ୍ୱରରେ ଘରେ ଘରେ ପରିଚିତ ମୁଢ଼ି। ମୁଢ଼ିକୁ ବାଲେଶ୍ୱରରେ ଭୁଜା କୁହାଯାଏ। କେବଳ ବାଲେଶ୍ୱର ନୁହେଁ ବାଲେଶ୍ୱର ବାହାରେ ତଥା ବିଦେଶରେ ରହୁଥିବା ବାଲେଶ୍ୱର ଲୋକ ମୁଢ଼ି ଖାଇବାକୁ ଭୁଲନ୍ତି ନାହିଁ। ବାଲେଶ୍ୱରରେ ରହିଛି ଭୁଜାଖିଆ ପୀର। ବିଭିନ୍ନ ଦେବଦେବୀଙ୍କ ନିକଟରେ ମୁଢ଼ି ଭୋଗ ଭାବେ ମଧ ଅର୍ପଣ କରାଯାଏ। ମୁଢ଼ି ବା ଭୁଜାକୁ ଓଡ଼ିଶାର ମୁଖ୍ୟ ଖାଦ୍ୟ ଭାବେ ପ୍ରାଚୀନ କାଳରୁ ଗ୍ରହଣ କରାଯାଇଥିବାରୁ ତାହାକୁ ଜାତୀୟ ସ୍ତରରେ ମାନ୍ୟତା ପ୍ରଦାନ କରାଯାଇ ଜିଆଇ ଟ୍ୟାଗ୍ ପ୍ରଦାନ କରିବାକୁ ଦାବି ଉଠିଛି। ସ୍ଥାନୀୟ ଷ୍ଟେସନ କ୍ଲବରେ ଫ୍ୟୁଚର ବାଲେଶ୍ୱର ପକ୍ଷରୁ



ବିଶ୍ୱ ମୁଢ଼ି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଜୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ରାଧାରଞ୍ଜନ ପଟ୍ଟନାୟକ, ମୁଖ୍ୟ ବକ୍ତା 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, 'ରୂପାୟନ'ର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ରାୟ, ଡ. ନିବେଦିତା ଦାସ, ଆଇନଜୀବୀ ଯାଦବେଶ ମିଶ୍ର ପ୍ରମୁଖ ଯୋଗଦେଇ ମୁଢ଼ି ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ପାଣିଗ୍ରାହୀ, ବିଚିତ୍ରାନନ୍ଦ ଦାସ, ରୋଜାଲିନ ପାଣିଗ୍ରାହୀ, ବିଧାନ ଚନ୍ଦ୍ର ରାୟ, ଗୋବିନ୍ଦ ଚନ୍ଦ୍ର ଭୋଇ, ଯଯାତି ପାଣିଗ୍ରାହୀ, ଚିରଞ୍ଜିବୀ ପାଣିଗ୍ରାହୀ, ଅର୍ଚ୍ଚନା ନନ୍ଦୀ, ସୃଷ୍ଟିଧର ପରିଡ଼ା, ପ୍ରୀତମ ପାଳ, ରମେଶ ଜେନା, ସୁନୀତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମ୍ୟ ଉନ୍ନୟନ ବିଭାଗ ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

କାଳିପଦା, ୩୦।୩ (ସମିସ): ବାଲିଆପାଳ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ପରମେଶ୍ୱର ସାହୁଙ୍କ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ମୃତ୍ୟୁ ହୋଇ ଯାଇଛି। ସେ ବାଲିଆପାଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୀର୍ଘ ବର୍ଷ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ରବିବାର ତାଙ୍କ ମର ଶରୀର ଜନ୍ମ ମାଟିରେ ପହଞ୍ଚିବା ପରେ ମଧ୍ୟାହ୍ନରେ ତାଙ୍କର ଶେଷକୃତ୍ୟ ସମାପନ ହୋଇଥିଲା। ବଡ଼ ପୁଅ ହେମନ୍ତ ସାହୁ ମୁଖାଗ୍ନି ଦେଉଥିବା ବେଳେ ମଝିଆ ପୁଅ ପ୍ରଦୀପ ସାହୁ, ସାନପୁଅ ଶରତ ସାହୁଙ୍କ ସହିତ ଦୁଇ ଝିଅ ପୁଷ୍ପଲତା ମହାନ୍ତି, ସ୍ନେହ ଲତା ମହାନ୍ତି ଏବଂ ଜ୍ଞାତି କୁଟୁମ୍ବ ଶେଷ କୃତ୍ୟ ସମାପନ ସମୟରେ ମଶାଣିରେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ବାଲେଶ୍ୱର,୩୦।୩(ସମିସ): ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଏକାଦଶତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଆତିଥ୍ୟ ଭବନ ପରିସରରେ ସଂଘର ସଭାପତି ପ୍ରଫୁଲ୍ଲ କୁମାର




ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପିଏନବି ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ପରେଶ ଦାସ ଯୋଗଦେଇ ପେନସନ ଅପଡେସନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ୫ଟି ରାଜ୍ୟର ଆଂଚଳିକ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ବ୍ୟାଙ୍କ କର୍ମଚାରୀମାନଙ୍କର ପେନସନ ଡିଭିଜନ ପାଇଁ ବିତ୍ତ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବିଭାଗୀୟ ମନ୍ତ୍ରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି କହିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ଅମରନାଥ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସମ୍ପାଦକ ନିରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ଲଲାଟେନ୍ଦୁ ପତି, ପ୍ରଫୁଲ୍ଲ କୁମାର ପଣ୍ଡା, ସ୍ଥାନୀୟ ପିଏନବି ବ୍ୟାଙ୍କର ମଣ୍ଡଳ ପ୍ରମୁଖ ବିଶ୍ୱଜିତ ବିଶ୍ୱାଳ, ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଇଂ ବନମାଳୀ ନାଏକ, ବିବେକାନନ୍ଦ କେନ୍ଦ୍ରର ସମ୍ପାଦକ ନରେଶ କୁମାର ପାଢ଼ୀ, ସହାୟକ ସଭାପତି କ୍ଷୀତେଶ୍ୱର ଦାଶ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଶରତ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଧର୍ମପରାୟଣାଙ୍କ ପରଲୋକ

ବାଲେଶ୍ୱର,୩୦।୩(ସମିସ): ରେମୁଣା ସାନପୁରସ୍ତମପୁର ଅଂଚଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବ୍ରହ୍ମାନନ୍ଦ ଦାସଙ୍କ ପତ୍ନୀ ବାସନ୍ତୀ ଦାସଙ୍କ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ କବି ଦୟାନିଧି ଦାସ, ଅଧ୍ୟାପକ ପ୍ରଶାନ୍ତ ବରାଳ, ହରିଶ ମହାନ୍ତି, ମହେଶ୍ୱର ଗିରି, ପ୍ରଫୁଲ୍ଲ ମଣ୍ଡଳ, ସୋମନାଥ ବିଶ୍ୱାଳ, ରବିନାରାୟଣ ବେହେରା, କୃଷ୍ଣ ମୋହନ ମହାରଣା, ପ୍ରକାଶ ଚନ୍ଦ୍ର ମହାରଣା, ରାମନାରାୟଣ ବେହେରାଙ୍କ ସହ ପରିବାର ବର୍ଗ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର; ୧୩୩ ୟୁନିଟ୍ ସଂଗୃହୀତ

ବାଲେଶ୍ୱର,୩୦।୩ (ସମିସ): ସକ୍ଷମ ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ୱାର୍ଡ କାଉନସିଲର ସନ୍ଧ୍ୟାରାଣୀ ଜେନା, ପୂର୍ବତନ ୱାର୍ଡ କାଉନସିଲର ଉପେନ୍ଦ୍ର ଶତପଥୀ, ଚେୟାରମ୍ୟାନ ଶଶୀକାନ୍ତ ରାଉତ, ସମ୍ପାଦକ ଦୀପକ ଦ୍ୱିବେଦୀ, ମୁଖ୍ୟ ଉପଦେଷ୍ଟା ଅଭିମନ୍ୟୁ ସାମଲ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରୁ ସମୁଦାୟ ୧୩୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂଗଠନ ସଦସ୍ୟ ପଦ୍ମଲୋଚନ ଶିଅଳ, କୈଳାସ ଚନ୍ଦ୍ର ଦାସ, କହ୍ନେଇଲାଲ ଦତ୍ତ,




ଅମୂଲ୍ୟ ବେହେରା, ଉତ୍ତମ ବେହେରା, ଶତ୍ରୁଘ୍ନ ମାନ୍ନା, ଅରବିନ୍ଦ ଦତ୍ତ, ତାପସ ପୃଷ୍ଟି, ଚିତ୍ତରଞ୍ଜନ ଦାସ, ସୁବାସ ଦାସ, ଲକ୍ଷ୍ମୀକାନ୍ତ ସାହୁ, ଦୁର୍ଗାପ୍ରସନ୍ନ ଭୋଇ, ତାରାକାନ୍ତ ପ୍ରଧାନ, ଭଗବାନ ପୃଷ୍ଟି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଶତାୟୁ ମହିଳାଙ୍କ ଦେହାନ୍ତ

ବାଲେଶ୍ୱର, ୩୦।୩ (ସମିସ): ରାଧାନାଥ ସାହିତ୍ୟ ପରିଷଦ ସଂପାଦକ ଅବସରପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ଦାଶଙ୍କ ମାଆ ଇନ୍ଦ୍ରମଣି ଦାଶଙ୍କ ସହରର ବଙ୍କାଖଜୁରୀ ଘରେ ଦେହାନ୍ତ ହୋଇଯାଇଛି। ଡା. ଶଶୀଭୂଷଣ ରଥଙ୍କ ପରିବାରରେ ସେ ବରିଷ୍ଠ ମହିଳା ଥିଲେ। ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ଶାନ୍ତିଲତା ଦାଶ, କନକଲତା ଦାଶ, ଲମ୍ବୋଦର ଦାଶ, ରମାକାନ୍ତ ଦାଶ ପୁଅ ଓ ଝିଅ ଉପସ୍ଥିତ ଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

କାଳିପଦା, ୩୦।୩ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଯୁକ୍ତ ତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ କୁମାର



ଗିରିଙ୍କ ପୌରହିତ୍ୟରେ ଇଂରାଜୀ ବିଭାଗ ପ୍ରଧ୍ୟାପକ ଦେବବ୍ରତ ଦାସ, ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ଗିରି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଥିଲେ। ବିଭାଗୀୟ ଅଧ୍ୟାପକ ଅଜିତ କୁମାର ଭୂୟାଁ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଦାବିପତ୍ର



ବାଲେଶ୍ୱର,୩୦।୩(ସମିସ): ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ଦାବିପତ୍ର ରେମୁଣା ବିଡିଓ ସୌରଭ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଗତ ୨୦୨୫ ମାର୍ଚ୍ଚ ୨୫ରେ ସଂସଦରେ ପାସ୍ ହୋଇଥିବା ଭେଲିଡେସନ ଆଇନକୁ ସଂଶୋଧିତ କରି ପେନସନ ଭୋଗୀଙ୍କୁ ତାଙ୍କର ନ୍ୟାର୍ଯ୍ୟ ଅନୁସାରେ ପେନସନ ଦେବାକୁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଡ. ନରୋତ୍ତମ ପରିଡା, ଉପଦେଷ୍ଟା ଅଧ୍ୟାପକ ପ୍ରଶାନ୍ତ ବରାଳ, ସମ୍ପାଦକ ପ୍ରଦୀପ କୁମାର ବେହେରା, ରବିନାରାୟଣ ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, କୃଷ୍ଣମୋହନ ମହାରଣା, ମୃତ୍ୟୁଞ୍ଜୟ ପ୍ରଧାନ, ପଦ୍ମଲୋଚନ ପଣ୍ଡା, ଧନେଶ୍ୱର ପାତ୍ର, ସୁଶାନ୍ତ ଦାସ, ମୁକ୍ତେଶ୍ୱର ସେଠୀ, ବ୍ରହ୍ମାନନ୍ଦ ବେହେରା, ପ୍ରଭାକର ସାହୁ, ସନ୍ତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ଚନ୍ଦନେଶ୍ୱର ମାର୍କେଟ କମ୍ପ୍ଲେକ୍ସ

ଚନ୍ଦନେଶ୍ୱର, ୩୦।୩ (ସମିସ)

ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ସର୍ବ ପୁରାତନ ମାର୍କେଟ କମ୍ପ୍ଲେକ୍ସ ଦୀର୍ଘ ୩୪ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା। ୧୯୯୪ ମସିହା ଅକ୍ଟୋବର ୧୫ ତାରିଖରେ ଭୋଗରାଇ ପୂର୍ବତନ ବିଧାୟିକା ତଥା ମନ୍ତ୍ରୀ କମଳା ଦାସଙ୍କ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ବ୍ୟବସାୟୀଙ୍କ ପାଇଁ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ଏହାକୁ ପୂର୍ବତନ ପଞ୍ଚାୟତରାଜ ମନ୍ତ୍ରୀ ଡ଼. ଦାମୋଦର ରାଉତ ଉଦଘାଟନ କରିଥିଲେ। ଏହି ମାର୍କେଟ କମ୍ପ୍ଲେକ୍ସ ୧୫ ବର୍ଷ ଧରି ବ୍ୟବହାର ନ ହେବା ଯୋଗୁ ଏବେ ବିପଦ ସଂକୁଳ ଅବସ୍ଥାରେ ପଡି ରହିଛି। ଏହାକୁ ମରାମତି କରାଯାଉନାହିଁ



କିମ୍ବା ଭାଙ୍ଗି ପୁନଃ ନିର୍ମାଣ ହେଉନାହିଁ। ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପୁଣି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ବି ଏପର୍ଯ୍ୟନ୍ତ ଏହାର କାର୍ଯ୍ୟ ହୋଇ ପାରୁନାହିଁ। ଏହି ମାର୍କେଟ କମ୍ପ୍ଲେକ୍ସଟି ଏବେ ନିଶାସେବନକାରୀ ଓ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଅନ୍ୟପଟରେ ସ୍ଥାନୀୟବାସୀ ଏହାର ତୁରନ୍ତ ମରାମତି କିମ୍ବା ପୁନଃ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ପୂର୍ବରୁ ନିର୍ମାଣ ହୋଇଥିବା ଏହି ମାର୍କେଟ କମ୍ପେ୍ଲକ୍ସରେ ଅନେକ ଦୋକାନୀ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ସେମାନଙ୍କଠାରୁ ଆଦାୟ ହେଉଥିବା ଭଡା ଟଙ୍କା ଅନେକ ଗୁରୁତ୍ୱପୂର୍ଣ୍ଣ କାମରେ ବ୍ୟବହାର ହେଉଥିଲା। ପରବର୍ତ୍ତୀ ସମୟରେ ଏହି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ମନ୍ଦିର ଟ୍ରଷ୍ଟ ବୋର୍ଡକୁ ହସ୍ତାନ୍ତର ହୋଇଥିଲା। ଆଉ ସେଥିରୁ ଯେଉଁ ଟଙ୍କା ରୋଜଗାର ହେଉଥିଲା ତାହା ମଧ ମନ୍ଦିର ଉନ୍ନୟନ ମୂଳକ କାର୍ଯ୍ୟରେ ଲାଗୁଥିଲା। ହେଲେ ଯେବେଠୁ ଏହାର ମରାମତି ଓ ରକ୍ଷଣା ବେକ୍ଷଣର ଅଭାବ ହୋଇଛି ସେବେଠାରୁ ଏହା ଧୀରେ ଧୀରେ ଗୋଟିକ ପରେ ଗୋଟିଏ ଦୋକାନ ଗୃହ ସଟରରେ ତାଲା ଝୁଲୁଛି। ଏହାକୁ ନେଇ ପୂର୍ବତନ ସରପଞ୍ଚ ତଥା ଚନ୍ଦନେଶ୍ୱର ମନ୍ଦିର ମୁଖ୍ୟ ସେବାୟତ ତପନ କୁମାର ପଣ୍ଡା କହିଛନ୍ତି ଯେ ଏହି ମାର୍କେଟ କମ୍ପେ୍ଲକ୍ସର କିଛି ଦୋକନ ଗୃହ ଦଖଲରେ ଥିବାବେଳେ ଆଉ କିଛି ବିନା ଦଖଲରେ ରହିଛି। ଏହାକୁ ଭାଙ୍ଗି ନୂତନ ଭାବେ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ଆସିଥିଲେ ବି ଆଜି ପର୍ଯ୍ୟନ୍ତ ନିର୍ମାଣ କରାଯାଉନାହିଁ। ତେବେ ପ୍ରଶାସନିକର ଅବହେଳା ଯୋଗୁ ଆଜି ଏହାର ଛାତରୁ କଂକ୍ରିଟ ଖସିବା ସହ ଲୁହା ଛଡ ଦେଖା ଗଲାଣି। ଆଉ କିଛି ଗୃହ ମଦୁଆଙ୍କ ଆଡ୍ଡା ସ୍ଥଳରେ ପରିଣତ ହୋଇଛି। ଏହାକୁ ନେଇ ସ୍ଥାନୀୟ ଭାରପ୍ରାପ୍ତ ସରପଞ୍ଚ କହିଛନ୍ତି ଖୁବ ଶୀଘ୍ର ବିପଦ ସଂକୁଳ ଅବସ୍ଥାରେ ଥିବା ଏହି ଜରାଜୀର୍ଣ୍ଣ ମାର୍କେଟ କମ୍ପେ୍ଲକ୍ସକୁ ଭାଙ୍ଗି ମଞ୍ଜୁର ହୋଇଥିବା ଟଙ୍କାରେ ନୂତନ ଗୃହ ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଐତିହ୍ୟ

- ୧୭୭୪- ଭାରତରେ ଡାକସେବା ଆରମ୍ଭ।
- ୧୮୮୯- ଫ୍ରାନ୍ସରେ ଏଫିଲ୍ ଟାୱାରକୁ ବିଧିବଦ୍ଧ ଭାବେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷ ଥର ପାଇଁ ଚାଲିଲା।
- ୧୯୬୬- ସୋଭିଏତ୍ ରୁଷ୍ ପ୍ରଥମ ଚନ୍ଦ୍ରଯାନ ଲୁନା-୧୦ ଲଞ୍ଚ୍ କଲା।
- ୧୯୮୩- କଲମ୍ବିଆରେ ଭୂମିକମ୍ପ ଯୋଗୁଁ ପାଖାପାଖି ୫୦୦୦ ଲୋକଙ୍କ ମୃତ୍ୟୁ।

# ବନ୍ଦ ହୋଇନି କାର୍ତ୍ତିକ୍‌ଙ୍କ 'କ୍ୟାପ୍ଟେନ୍ ଇଣ୍ଡିଆ'



ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ୍ ଆର୍ୟନ୍ ଶେଷ ଥର ପାଇଁ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ନଜର ଆସିଥିଲେ। ହେଲେ ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ଏବେ କାର୍ତ୍ତିକ୍ ପାଞ୍ଚ ବର୍ଷ ତଳେ ଘୋଷଣା କରାଯାଇଥିବା ଫିଲ୍ମ 'କ୍ୟାପ୍ଟେନ୍ ଇଣ୍ଡିଆ' ପାଇଁ ଜୋରସୋରରେ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ଏହି ଫିଲ୍ମଟିକୁ ବନ୍ଦ କରି ଦିଆଗଲା ବୋଲି ଅନେକ ଦିନରୁ ଖବର ଆସୁଥିଲା। ହେଲେ ଏବେ ଏହି ଫିଲ୍ମଟି ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ବିମାନ ଉପରେ ଆଧାରିତ ଏହି ଫିଲ୍ମର ସୁଟିଂ ଆସନ୍ତା ମେ-ଜୁଲାଇ ମଧ୍ୟରେ ଆରମ୍ଭ ହେବ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ 'ଚକ୍ ଦେ ଇଣ୍ଡିଆ' ଫେମ୍ ସିମିତ ଅମିନ୍ ଅଛନ୍ତି। କାର୍ତ୍ତିକ୍ ଏବେ ଟି-ସିରିଜ୍‌ର ଏକ ଫିଲ୍ମର ସୁଟିଂ କରୁଛନ୍ତି। ସେହି ଫିଲ୍ମର ସୁଟିଂ ପରେ କାର୍ତ୍ତିକ୍ ଏହି ଫିଲ୍ମର ସୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି। ୨୦୨୧ ମସିହାରେ 'କ୍ୟାପ୍ଟେନ୍ ଇଣ୍ଡିଆ' ରୁ କାର୍ତ୍ତିକ୍‌ଙ୍କ ପ୍ରଥମ ଝଲକ୍ ଜାରି କରାଯାଇଥିଲା। ସେତେବେଳେ କାର୍ତ୍ତିକ୍‌ଙ୍କ ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା।

# ଅଫିସ୍‌ରେ ଗୋଲ୍ଡ ଫିସ୍ ରଖୁଥିଲେ...



ଅନେକ ଲୋକ ଅଫିସ୍ ଡେସ୍କରେ ଠାକୁରଙ୍କ ମୂର୍ତ୍ତି, ଚୀନ୍ ବାଉଁଶ ଗଛ, ଗୋଲ୍ଡ ଫିସ୍ ଆଦି ରଖିଥାନ୍ତି। କର୍ମଚାପରୁ ଏହା ମନକୁ ଶାନ୍ତି ଏବଂ ଆନନ୍ଦ ଦେଇଥାଏ ବୋଲି କୁହାଯାଏ। ଅଫିସ୍ ଡେସ୍କରେ ଗୋଲଡ୍‌ଫିସ୍ ରଖିବା ଅନେକଙ୍କୁ ଆନନ୍ଦ ଦେଉଥିଲେ ବି ଏହା ମାଛ ପାଇଁ କ୍ଷତିକାରକ ହୋଇଥାଏ ବୋଲି ନିକଟରେ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗୋଲ୍‌ଡଫିସ୍ ପାଇଁ କମ୍ ମେଣ୍ଟେନାସ୍ ଅର୍ଥାତ୍ ସାମାନ୍ୟ ଦେଖାଶୁଣା ଆବଶ୍ୟକ ବୋଲି ଅନେକ ଭାବନ୍ତି। ବାସ୍ତବରେ ଏହା ସମ୍ପୂର୍ଣ୍ଣ ବିପରୀତ। ଡିସିସି ଆନିମଲ ହସ୍‌ପିଟାଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ଡକ୍ଟର ବିନୋଦ ଶର୍ମା ଏହାକୁ ନେଇ ଚେତାବନୀ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଗୋଲ୍‌ଡଫିସ୍‌କୁ ଛୋଟ ପାତ୍ର କିମ୍ବା ଛୋଟ ଟ୍ୟାଙ୍କରେ ରଖିବା କ୍ରୂରତା ସଙ୍ଗେ ସମାନ। ଠିକ୍‌ଭାବେ ଦେଖାଶୁଣା କରିବା ଦ୍ୱାରା ଏହି ମାଛ ୧୦/୨୦ ବର୍ଷ ଜୀବିତ ରହିପାରେ। ଏହି ମାଛ ପାଣିକୁ ଗୋଳିଆ କରିପକାଏ ଅପରପକ୍ଷେ ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ନିୟନ୍ତ୍ରିତ ବାତାବରଣର ଆବଶ୍ୟକତା ଥାଏ। ଅଫିସ୍ ଭଳି ସ୍ଥାନରେ ଏହାକୁ ରଖିବା ଖୁବ୍ ସମସ୍ୟାପୂର୍ଣ୍ଣ ହୋଇପାରେ। ଅଫିସ୍‌ରେ ଏପରି ଅନେକ ବିପଦ ରହିଛି ଯାହା ମାଛ ପାଇଁ ଘାତକ ହୋଇପାରେ। ସପ୍ତାହନ୍ତ ତଥା ଛୁଟିଦିନରେ ମାଛ ଦେଖାଶୁଣାରେ ଅଭାବ, ଅଚାନକ ତାପମାତ୍ରାରେ ପରିବର୍ତ୍ତନ, ଶବ୍ଦ, କମ୍ପନ ସମେତ ଅଚାନକ ବିଦ୍ୟୁତକାଟ୍ ଆଦି କାରଣ ପାଇଁ ମାଛ ଅବସାଦ ଗ୍ରସ୍ତ ହୋଇଥାଏ। ଫଳରେ ଏହାର ଆୟୁଷ କମିଯାଏ। ତେଣୁ ମାଛକୁ ଛୋଟ ପାତ୍ରରେ ରଖିବା କ୍ରୂରତା ସହ ସମାନ। କେବଳ ସେତିକି ନୁହେଁ, ଛୋଟ ବାଉଲ୍ କିମ୍ବା ଟ୍ୟାଙ୍କ୍‌ରେ ଆମୋନିଆ ମାତ୍ରା ବୃଦ୍ଧି ପାଇଥାଏ। ଫଳରେ ଅମ୍ଳଜାନ କମିଯାଏ ଏବଂ ପାଣିର ତାପମାତ୍ରାରେ ନିୟନ୍ତ୍ରଣ ନ ଥାଏ। ସେହିପରି ସ୍ଥାନ କମ୍ ଥିବାରୁ ମାଛ ମଧ୍ୟ ସୁରକ୍ଷିତ ଭାବେ ପହଁରି ପାରେନି। ଫଳରେ ମାଛ କମ୍ ସମୟ ମଧ୍ୟରେ ମରିଯାଏ। ଫ୍ୟାନ୍‌ସି ଗୋଲ୍‌ଡଫିସ୍ ପାଇଁ ୨୦ ଗ୍ୟାଲନର ଟ୍ୟାଙ୍କ ଆବଶ୍ୟକ ଥାଏ। ଏହାବାଦ୍ ୨ରୁ ୩ ଦିନ ମଧ୍ୟରେ ଏହାର ୫୦% ପାଣି ବଦଳାଇବାର ଆବଶ୍ୟକତା ରହିଛି। ତେଣୁ ଅଫିସ୍ ଡେସ୍କ ଏହ ପାଇଁ ଉପଯୁକ୍ତ ସ୍ଥାନ ହୋଇ ନଥାଏ।

# ଝଡ଼ୁଛି ଜେନ୍ ଜେଡ୍‌ଙ୍କ କେଶ



ବର୍ତ୍ତମାନ ଜେନ୍ ଜେଡ୍ କେଶ ଝଡ଼ିବା ସମସ୍ୟାକୁ ସାମ୍ନା କରୁଛନ୍ତି ବୋଲି ନିକଟରେ ଏକ ରିପୋର୍ଟରୁ ପ୍ରକାଶ ପାଇଛି। ପୂର୍ବରୁ ଏହି ସମସ୍ୟା ୪୦-୫୦ ବର୍ଷ ବୟସ୍କଙ୍କଠାରେ ଦେଖିବାକୁ ମିଳୁଥିଲା। ଏବେ ଏହା କଲେଜ ପଢ଼ୁଥିବା ଯୁବପିଢ଼ିଙ୍କୁ ସମସ୍ୟାରେ ପକାଇଛି। ତେବେ କମ୍ ବୟସରେ କେଶ ଝଡ଼ିବା ପଛରେ ଜେନେଟିକ୍ ଅପେକ୍ଷା ଅଧିକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଜଡ଼ିତ ଅଛି। ଜେନ୍ ଜେଡ୍‌ଙ୍କ କେଶ ଝଡ଼ିବାର ସବୁଠୁ ବଡ଼ କାରଣ ହେଉଛି ଚାପ ଓ ଡିଜିଟାଲ ଜୀବନଶୈଳୀ। ଆଜିର ଯୁବପିଢ଼ି ଲଗାତାର ସ୍କ୍ରିନ୍ ସହିତ ଯୋଡ଼ି ହୋଇ ରହୁଛନ୍ତି। ଏହାଦ୍ୱାରା ସେମାନଙ୍କର ନିଦ୍ରା ପ୍ରଭାବିତ ହେଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନ ଶୋଇବା ତଥା ନିଦ ପୂରା ନ ହେବା ଦ୍ୱାରା ଶରୀରରେ କୋର୍ଟିସୋଲ ଭଳି ଷ୍ଟ୍ରେସ୍ ହରମୋନ୍‌ର ସ୍ତର ବଢ଼ୁଛି। ଏହା କେଶ ଫଲିକଲ୍ସକୁ ଦୁର୍ବଳ କରି ଦେଉଛି। ଏଥିଯୋଗୁଁ କେଶ ସମୟ ପୂର୍ବରୁ ହିଁ ଝଡ଼ିବା ଆରମ୍ଭ କରୁଛି। ଏହାର ଦ୍ୱିତୀୟ ସବୁଠୁ ବଡ଼ କାରଣ ହେଉଛି, ଖାଦ୍ୟପାନୀୟରେ ପୋଷକ ତତ୍ତ୍ୱର ଅଭାବ। ଆଜିକାଲିର ଯୁବପିଢ଼ି ଘର ଖାଦ୍ୟ ଖାଇବା ପରିବର୍ତ୍ତେ ଫାଷ୍ଟଫୁଡ୍, କେଫିନ୍, ଚିନି ଯୁକ୍ତ ପାନୀୟ ଉପରେ ଅଧିକ ନିର୍ଭରଶୀଳ। ସେହିପରି ମଜଭୁତ କେଶ ପାଇଁ ପ୍ରୋଟିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ ଡି'ର ଆବଶ୍ୟକତା ଥାଏ। ଏହାବାଦ୍ କେଶରେ ଅଧିକ ରସାୟନ ବ୍ୟବହାର କରିବା, ଜେଲ ତଥା ହିଟିଂ ଟୁଲ୍ ବ୍ୟବହାର କଲେ ବି କେଶ ମୂଳ ଦୁର୍ବଳ ହୋଇଥାଏ। ବିଶେଷଜ୍ଞଙ୍କ କହିବା କଥା, ଠିକ୍ ସମୟରୁ ଏହି ଅଭ୍ୟାସରେ ସୁଧାର ଆଣିଲେ ଏହି ସମସ୍ୟାକୁ ଅନେକାଂଶରେ କମ୍ କରାଯାଇପାରିବ। ଏ ଲାଗି ଚାପ କମ୍ କରିବା, ୭-୮ ଘଣ୍ଟା ଶୋଇବା, ଡାଏଟ୍‌ରେ ସବୁଜ ପନିପରିବା, ଫଳ ଏବଂ ପ୍ରୋଟିନ ସାମିଲ କରିବା ଉଚିତ। ଏହାସହ ପ୍ରଦୂଷଣରୁ ଦୂରତା ରକ୍ଷା କରିବା ସହିତ କେଶ ସଫା ରଖିବା ଜରୁରି। ତେବେ ଅଧିକ କେଶ ଝଡ଼ୁଥିଲେ ତ୍ୱଚା ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ।

# ପୋଦିନା ଚାଷରୁ ସ୍ୱାବଲମ୍ବୀ





**ପୋଦିନାରେ ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟରେ ବ୍ୟବହାର କରାଯାଇଥାଏ। ତେଣୁ ଅଧିକାଂଶ ଲୋକ ବାଡ଼ିରେ କିମ୍ବା ଛାତକୁଣ୍ଡରେ ପୋଦିନା ଲଗାଇଥାନ୍ତି। ହେଲେ ମହାରାଷ୍ଟ୍ର, ଅମ୍ବାଜୋଗାଇ ସହରର ବାଲାସାହେବ ଚୋପଣେ ପୋଦିନାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି ।**

ପୋଦିନା ପତ୍ର ଖାଇବା ଦ୍ୱାରା ହଜମଶକ୍ତି ବୃଦ୍ଧି ହେବା ସହ ଓଜନ ନିୟନ୍ତ୍ରଣରେ ରହିଥାଏ। ପୋଦିନାରେ ଅନେକ ଉପକାର ଗୁଣ ରହିଛି। ବଜାରରେ ପୋଦିନାର ଚାହିଦା ମଧ୍ୟ ଅଧିକ। ତେଣୁ ବାଲାସାହେବ ଜୈବିକ ଉପାୟରେ ପୋଦିନା ଚାଷ କରିବାକୁ ମନ ବଳାଇଥିଲେ।

ତାଙ୍କ ପାଖେ ମୋଟ୍ ୨୦ ଗୁଣ୍ଠ ଜମି ରହିଛି। ୨୦୨୦ମସିହାରେ ସେ ମାତ୍ର ୪ଗୁଣ୍ଠ ତଥା ୪,୦୦୦ବର୍ଗ ଫୁଟ ଜମିରେ ପୋଦିନା ଚାଷ ଆରମ୍ଭ କରିଥିଲେ। ଏହି ଚାଷରେ ସେ ରାସାୟନିକ ସାର କିମ୍ବା ଖତ ଉପଯୋଗ କରନ୍ତିନି। ଗଛର ଦେଖାଶୁଣା ସହିତ ନିୟମିତ ପାଣି ଦିଅନ୍ତି। ଚାଷ କାମରେ ତାଙ୍କ ଝିଅ ତାଙ୍କୁ ସହଯୋଗ କରନ୍ତି। ତେବେ ଜୈବିକ ପ୍ରଣାଳୀରେ ଚାଷ ଯୋଗୁଁ ପୋଦିନାର ସ୍ୱାଦ ଏବଂ ସୁଗନ୍ଧ ବହୁତ ଭଲ ଥିଲା। ବାଲାସାହେବ ସାପ୍ତାହିକ ବଜାରରେ ପୋଦିନାକୁ ବିକ୍ରି କରନ୍ତି। ଏଥିରୁ ମାସକୁ ତାଙ୍କର ଦଶ ହଜାରରୁ ଅଧିକ ଟଙ୍କା ରୋଜଗାର ହୁଏ। ବାଲାସାହେବ କୁହନ୍ତି, ବର୍ଷ ସାରା ପୋଦିନାର ଚାହିଦା ଥାଏ। ଚା', ବିରିୟାନୀ, ଗୁପଚୁପ୍, ଚଟଣୀ, ଜୁସ୍, ବର୍ଗର ଆଦି ବ୍ୟଞ୍ଜନ ସହ ଲୋକେ ଏହାକୁ ଅଧିକ ବ୍ୟବହାର କରନ୍ତି। ତେଣୁ ସେ କମ୍ ଖର୍ଚ୍ଚରେ ଉନ୍ନତ ପ୍ରଣାଳୀରେ ଏହି ଚାଷ କରିଥିଲେ। କରୋନା ସମୟରେ ସେ ପୋଦିନା ଚାଷର ମହତ୍ତ୍ୱ ବୁଝି ଜୈବିକ ଉପାୟରେ ଏହି ଚାଷ କରିଥିଲେ। ମଙ୍ଗଳବାର ଏବଂ ଶୁକ୍ରବାର ସ୍ଥାନୀୟ ଅଞ୍ଚଳରେ ଲାଗୁଥିବା ମେଳାରେ ସେ ପୋଦିନାକୁ ବିକ୍ରି କରିଥାନ୍ତି। କେବଳ ସେତିକି ନୁହେଁ, ବଳକା ଜମିରେ ସେ ସପେଟା, ପିଜୁଳି, ଆମ୍ବ ଏବଂ ଫୁଲ ଗଛ ଆଦି ଲଗାଇଛନ୍ତି। ଏହି ଚାଷରୁ ଲାଭ ପାଇବା ସହିତ ଅନ୍ୟଚାଷୀଙ୍କୁ ଜୈବିକ ଚାଷ କରିବାକୁ ବାଲାସାହେବ ବାର୍ତ୍ତା ପ୍ରଦାନ କରୁଛନ୍ତି।

## ସୁବର୍ଣ୍ଣା



# ଆମ୍ବ ଗଛରୁ ଫଳ ଝଡ଼ୁଥିଲେ ...



ଆମ୍ବ ଚାଷ ପାଇଁ ମାର୍ଚ୍ଚ-ଏପ୍ରିଲ ମାସ ବହୁତ ଗୁରୁତ୍ୱ ବହନ କରେ। ଏହି ସମୟରେ ଅଧିକାଂଶ ଗଛରୁ ଫଳ ଝଡ଼ି ଥାଏ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଇମିଡାକ୍ଲୋପ୍ରିଡ ୬ମିଲିକୁ ୧୫ ଲିଟର ପାଣିରେ ମିଶାଇ ସିଞ୍ଚି ପାରିବେ। ଶୁଖିଲା ପାଗ ଦେଖି ପ୍ଲାନୋଫିକ୍ସ ୨ ମିଲିକୁ ୪ରୁ ୫ଲିଟର ପାଣିରେ ମିଶାଇ ସିଞ୍ଚନ ଆବଶ୍ୟକ। ଗଛର ଦେଖାରଖା ସହିତ ସଫା କରିବା ଜରୁରି। ବର୍ତ୍ତମାନ ପାଗରେ ଆମ୍ବଡାହାଣୀ ପୋକ ବଂଶ ବିସ୍ତାର କରେ। ପ୍ରାଥମିକ ଅବସ୍ଥାରେ ନିୟନ୍ତ୍ରଣ ପାଇଁ ଆଜାଡିରକ୍ଟିନ ୦.୦୩%କୁ ଏକ ଲିଟର ପାଣିରେ ୫ ମିଲିଗ୍ରାମ ହିସାବରେ ମିଶ୍ରଣ କରି ସିଞ୍ଚନ କରିବା ଆବଶ୍ୟକ। ଯଦି ପେଣ୍ଡାପିଛା ୪ରୁ ଅଧିକ ଡାହାଣୀ ପୋକ ଦେଖା ଯାଆନ୍ତି ନିୟନ୍ତ୍ରଣ ପାଇଁ ଡ୍ରମ୍ ପିଛା ୧୫ ଲିଟର ପାଣିରେ ୪ ମିଲିଗ୍ରାମ ଇମିଡାକ୍ଲୋପ୍ରିଡ ୧୭.୮% ଏସଏଲ କିମ୍ବା ୩ ଗ୍ରାମ୍ ଥିଆମିଥୋକ୍ସାମ ୨୫%ଡବ୍ଲୁ ଜି କିମ୍ବା ୧୦ ମିଲି ଡାଇମିଥୋଏଟ ୩୦% ଇସିକୁ ମିଶ୍ରଣ କରି ସିଞ୍ଚନ କରନ୍ତୁ। ସେହିପରି ଫଳକୁ ନିୟନ୍ତ୍ରଣ କରିବା ନିମନ୍ତେ ଫ୍ରୁଟ ଫ୍ଲାଏ ଟ୍ରାପ୍ ମଧ୍ୟ ବ୍ୟବହାର କରିପାରିବେ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷାର ସମ୍ଭାବନା ଥିବାରୁ ଧାନ ଜମିରେ ହୁଡ଼ା ବାନ୍ଧି ଅତ୍ୟଧିକ ବର୍ଷା ପାଣିକୁ ସଂରକ୍ଷଣ କରି ରଖନ୍ତୁ। ଅମଳ ଉପଯୋଗୀ ପନିପରିବାକୁ ଅମଳ କରି ନିଅନ୍ତୁ।
- ପୋଟଳ ଗଛ ବର୍ତ୍ତମାନ ଫୁଲ ଏବଂ ଫଳ ବହନ କରୁଥିବା ଅବସ୍ଥାରେ ଥିବାରୁ ବର୍ତ୍ତମାନ ଘାସ ବାଛନ୍ତୁନି।
- ବାଇଗଣ ଫସଲରେ କାଣ୍ଡ ଓ ଫଳ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଯନ୍ତ୍ର) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ।
- ବର୍ଷା ପରେ କଖାରୁ ଜାତୀୟ ପରିବା ଫସଲରେ ନିମ୍ନମୁଖୀ ପତ୍ରପୋଡ଼ା ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାରବେଣ୍ଡାଜିମ୍ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ ମିଶାଇ ସିଞ୍ଚନ କରନ୍ତୁ।
- ଆଗକୁ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଗାଇଗୋରୁଙ୍କୁ ନଦୀ, ପୋଖରୀ ଓ କୃଷି ଯନ୍ତ୍ରପାତିଠାରୁ ଦୂରେଇ ରଖନ୍ତୁ।

# ଏ ମାସର ଚାଷ

**ଭାରତୀୟ କୃଷି କାର୍ଯ୍ୟ ପାଇଁ ଏପ୍ରିଲ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ମାସରେ ଚାଷୀଭାଇ ଅମଳ ହୋଇଥିବା ପନିପରିବାକୁ ସାଇତି ରଖିବା ସହ ଅଦିନିଆ ବର୍ଷାକୁ ଉପଯୋଗ କରି ଖରାଟିଆ ଚାଷ କରିପାରିବେ।**



ଡାଲୁଅ ଧାନର କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚି ହଳଦିଆ ପଡ଼ିଯାଇଥିଲେ ଜମିରୁ କାଟି ଆଣି ଅମଳ କରନ୍ତୁ। ମୁଗ ଓ ବିରିଜାତୀୟ ଫସଲର ଫୁଲ ଆସିବା ଅବସ୍ଥାରେ ନିଶ୍ଚୟ ଜଳସେଚନ କରନ୍ତୁ।

ସଅଳ ଲଗାଯାଇଥିବା ଚିନାବାଦାମ ଫସଲ ଅମଳ ଅବସ୍ଥାକୁ ଆସିଥିଲେ ହାଲୁକା ଜଳସେଚନ କରି ଅମଳ କରନ୍ତୁ। ନଳିତା ଲଗାଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଏବଂ ଲଗାଇବା ଶେଷ କରନ୍ତୁ। ଭେଣ୍ଡି, ଲାଉ, କାକୁଡ଼ି, କଲରା, କାଙ୍କଡ଼, ମକା ଲଗାଇବା ପାଇଁ ଭଲ ସମୟ। ଏଥିପାଇଁ ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ଜମିର ସ୍ଥିତି ଦେଖି ଫସଲରେ ଜଳସିଞ୍ଚନ କରିବା ଆବଶ୍ୟକ। ଅଦା ଓ ହଳଦୀ ଲଗାଇବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ଏବଂ ଲଗାଇବା ଆରମ୍ଭ କରନ୍ତୁ। ଶସ୍ୟଜାତୀୟ ଫସଲ, ପନିପରିବା ଫସଲ ପାଇଁ ବିହନ, ସାର, କୀଟନାଶକ ଯୋଗାଡ କରନ୍ତୁ। ଫଳ ଗଛ ପାଇଁ ଗାତ ଖୋଳନ୍ତୁ।

# ସୌର ଆଲୋକ ଯନ୍ତ୍ର

ଫସଲରେ ଲାଗୁଥିବା କୀଟ ଓ ରୋଗପୋକ ଫସଲକୁ କ୍ଷତି ପହଞ୍ଚାଇଥାଏ। ଏହା ଦ୍ୱାରା ଉତ୍ପାଦନରେ ହ୍ରାସ ପାଏ। ତେଣୁ ଚାଷୀମାନେ ଫସଲର କୀଟ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ରାସାୟନିକ ଔଷଧ କିମ୍ବା ଆଲୋକଯନ୍ତ୍ର ବ୍ୟବହାର କରନ୍ତି। ତେବେ ବିଭିନ୍ନ ପ୍ରକାର ଆଲୋକ ଯନ୍ତ୍ର ମଧ୍ୟରୁ ସୌର ଆଲୋକ ଯନ୍ତ୍ର ଚାହିଦା ଅଧିକ। କାରଣ ଚାଷୀମାନେ ଦିନସାରା ସୌର ପ୍ୟାନେଲକୁ ସୂର୍ଯ୍ୟକିରଣରେ ଚାର୍ଜ କରି ସନ୍ଧ୍ୟାରେ ଜମିରେ ଏହାକୁ ବସାଇ ପାରିବେ। ସ୍ୱୟଂଚାଳିତ ଚାର୍ଜ ରୂପେ ବ୍ୟବହାର କରାଯାଉଥିବାରୁ ଏଥିରେ ସେନ୍‌ସର ଏବଂ ଜାଲି ସଂଯୋଗ କରାଯାଏ। ସନ୍ଧ୍ୟା ସମୟରେ ଆଲୋକ ଆଡ଼କୁ କୀଟମାନେ ଆକର୍ଷିତ ହୋଇ ଆସନ୍ତି।



ନିକଟରେ ଝାଡ଼ଖଣ୍ଡ, ହଜାରୀବାଗ ଜିଲ୍ଲା, ଚନାରୌ ଗାଁ'ର ମହିଳା ଚାଷୀ ସୁମିତ୍ରା ଦେବୀ ଚାଷଜମିରେ ୩ ହଜାର ଟଙ୍କା ଖର୍ଚ୍ଚ କରି ସୌର ଆଲୋକ ଯନ୍ତ୍ର ବ୍ୟବହାର କରିଥିଲେ। ସେ କୁହନ୍ତି, ଫସଲରେ ରୋଗ ପୋକ ଲାଗିବା ସାଧାରଣ କଥା। ଏଥିପାଇଁ ଜମିରେ ବାରମ୍ବାର ଔଷଧ ସିଞ୍ଚନ କରିବାକୁ ପଡେ। ଏହାଦ୍ୱାରା ଚାଷୀଙ୍କ ଖର୍ଚ୍ଚ ବଢ଼ିଯାଏ। ଏହା ପରିବେଶକୁ ମଧ୍ୟ କ୍ଷତି ପହଞ୍ଚାଏ। ତେଣୁ ଏହି ସ୍ଥିତିରେ ସୌର ଆଲୋକଯନ୍ତ୍ର ବ୍ୟବହାର କରିପାରିବେ। ଏହା ପରିବେଶ ଅନୁକୂଳ। ସାଧାରଣତଃ ଅଧିକ କୀଟ ରାତିରେ ସକ୍ରିୟ ରହିଥାଏ। ତେଣୁ ଚାଷୀ ଏହି ଉପକରଣକୁ ଚାର୍ଜ କରି ରାତିରେ ଜମିରେ ଲଗାଇ ପାରିବେ। ଏଥିରୁ ଆସୁଥିବା ନୀଳ ଓ ହଳଦିଆ ରଶ୍ମୀ କୀଟକୁ ଆକୃଷ୍ଟ କରନ୍ତି। ଲାଇଟ୍ ତଳେ ଯନ୍ତ୍ରରେ କୀଟ ପଡ଼ି ନଷ୍ଟ ହୋଇଯାଇଥାନ୍ତି। ତେଣୁ ଏକ ଏକର ଜମିରେ ଦୁଇଟି ସୌର ଆଲୋକ ଯନ୍ତ୍ର ବସାଇ ପାରିବେ।

### ଚେନ୍ନଇ ସୁପର କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ

# ବର୍ଗର, ଆର୍ଚର ଓ ଜାଡେଜାଙ୍କ ଚମତ୍କାର ବୋଲିଂ

ଗୌହାଟୀ,୩୦।୩(ଏଜେନ୍ସି)

ଫାଷ୍ଟ ବୋଲର ନାନ୍ଦ୍ରେ ବର୍ଗର, ଜୋଫ୍ରା ଆର୍ଚର ଓ ସ୍ପିନର ରବୀନ୍ଦ୍ର ଜାଡେଜାଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ସୋମବାର ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍-୨୦୨୬ର ତୃତୀୟ ଲିଗ୍ ମ୍ୟାଚ୍‌ରେ ଚେନ୍ନଇ ସୁପର କିଙ୍ଗ୍ସ (ସିଏସ୍‌କେ) ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ସମସ୍ତ ବୋଲର ୨ଟି ଲେଖାଏଁ ୱିକେଟ ନେବା ଫଳରେ ୧୩ ଓଭର ଖେଳ ଶେଷ ସୁଦ୍ଧା ସିଏସ୍‌କେ ୮ ୱିକେଟ ବିନିମୟରେ ୮୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜାମି ଓଭରଟନ୍ ୧୫ ଓ ମ୍ୟାଟ ହେନରୀ୦ ରନ୍ କରି ବ୍ୟାଟିଂ କରୁଥିଲେ। ଆଉଟ ହୋଇଥିବା ଖେଳାଳିଙ୍କ ମଧ୍ୟରେ ସଞ୍ଜୁ ସାମସନ ୬, ଅଧିନାୟକ ଋତୁରାଜ ଗାଏକ୍‌ୱାଡ୍ ୬, ଆୟୁଷ ମାହତ୍ରେ ୦, ମାଥ୍ୟୁ ସର୍ଟ ୨, ସର୍ଫରାଜ ଖାନ୍ ୧୭, କାର୍ତ୍ତିକ ଶର୍ମା ୧୮, ଶିବମ ଦୁବେ ୬ ଓ ନୁର ଅହମ୍ମଦ୍ ୧ ରନ୍‌ରେ ଆଉଟ ହୋଇଥିଲେ। ବର୍ଗର ୧୪ ରନ୍‌ରେ ୨ଟି, ଆର୍ଚର ୧୪ ରନ୍‌ରେ ୨ଟି ଓ ଜାଡେଜା ୧୪ ରନ୍‌ରେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜୋଫ୍ରା ଆର୍ଚର ବ୍ରିଜେଶ ଶର୍ମା ଓ ସନ୍ଦିପ ଶର୍ମା ଗୋଟିଏ ଲେଖାଏଁ ୱିକେଟ ନେଇ ଚେନ୍ନଇର ବିପର୍ଯ୍ୟୟରେ ଭାଗିଦାରୀ ହୋଇଥିଲେ।

ଏହି ମ୍ୟାଚ୍‌ରେ ରାଜସ୍ଥାନ ଅଧିନାୟକ ରିୟାନ ପରାଗ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ସିଏସ୍‌କେକୁ ଆମନ୍ତ୍ରଣ କରିଥିଲେ। ଚେନ୍ନଇ ବ୍ୟାଟିଂ ଆରମ୍ଭ କରି ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ୪ ଓଭରରେ ବର୍ଜର ୨ଟି ଓ ଜୋଫ୍ରା ଆର୍ଚର ଗୋଟିଏ ୱିକେଟ ନେବା ଫଳରେ ଦଳ ୧୯ ରନ୍‌ରେ ୩ ୱିକେଟ ହରାଇଥିଲା। ତେବେ ଅନ୍ୟ ବୋଲରଙ୍କୁ ସଫଳତା ମିଳିବା ଫଳରେ ଚେନ୍ନଇର ବ୍ୟାଟରମାନେ ଜଣଙ୍କ ପରେ ଜଣେ ପାଭିଲିୟନ ଓ ପିଚ୍‌କୁ ଯିବା ଆସିବା କରିଥିଲେ। ଦଳର ୩ ପ୍ରମୁଖ ବ୍ୟାଟର ସଞ୍ଜୁ ସାମସନ ୬, ଗାଏକ୍ୱାଡ ୬ ଓ ଶିବମ ଦୁବେ ୬ ରନ୍ କରିବା ଫଳରେ ଚେନ୍ନଇ ଏହି ମ୍ୟାଚ୍‌ରେ ହାତ ଟେକିଦେଇଥିଲା। ଉଦୀୟମାନ ଖେଳାଳି ଆୟୁଷ ମାହତ୍ରେ ୦, ସର୍ଫରାଜ ଖାନ୍ ୧୭ ଓ ଅନ୍‌କ୍ୟାପ୍‌ଡ କୋଟିପତି ଖେଳାଳି କାର୍ତ୍ତିକ ଶର୍ମା ୧୮ ରନ୍ କରିଥିଲେ ମଧ୍ୟ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରି ପାରି ନ ଥିଲେ। ଗୌହାଟୀ ହେଉଛି ରାଜସ୍ଥାନ ଅଧିନାୟକ ରିୟାନ ପରାଗଙ୍କ ଘରୋଇ ଗ୍ରାଉଣ୍ଡ। ଏଠାରେ ଥିବା ଅଭିଜ୍ଞତାରୁ ପୂରା ଫାଇଦା ଉଠାଇ ସେ ଚେନ୍ନଇକୁ ବ୍ୟାକ୍‌ଫୁଟକୁ ଠେଲିଦେଇଛନ୍ତି।



| |
|---|
| ଆଜିର ଆଇପିଏଲ୍ ମ୍ୟାଚ୍ |
| ପଞ୍ଜାବ ବନାମ ଗୁଜରାଟ |
| ଭେନ୍ୟୁ-ମୁଲାନପୁର |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ୧୪ବର୍ଷ ପରେ ପ୍ରଥମ ମ୍ୟାଚ୍ ଜିତିଲା ମୁମ୍ବଇ

ହିଟ୍‌ମ୍ୟାନ୍ ରୋହିତ ଶର୍ମା (୭୮) ଓ ରିୟାନ ରିକେଲଟନ (୮୧) ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମୁମ୍ବଇ ଇଣ୍ଡିଆନ୍ସ ୬ ୱିକେଟରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ପରାସ୍ତ କରି ଆଇପିଏଲ୍-୨୦୨୬ରେ ବିଜୟ ଅଭିଯାନ ଆରମ୍ଭ କରିଛି। ଏହା ଫଳରେ ଦୀର୍ଘ ୧୪ଟି ସିଜନ ପରେ ମୁମ୍ବଇ ଇଣ୍ଡିଆନ୍ସ ଆଇପିଏଲ୍‌ରେ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି କେକେଆର ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୨୨୦ ରନ୍ କରିଥିଲା। ଜବାବରେ ମୁମ୍ବଇ ଇଣ୍ଡିଆନ୍ସ ୧୯.୧ ଓଭରରେ ୪ ୱିକେଟ ହରାଇ ଜିତିଥିଲା।

## ୨୧୪ ମ୍ୟାଚ୍ ପରେ ରାଜସ୍ଥାନକୁ ଫେରିଲେ ରବୀନ୍ଦ୍ର ଜାଡେଜା

ଭେଟେରାନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ତାଙ୍କର ପୂର୍ବ ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସୋମବାର ସିଏସକେ ବିପକ୍ଷ ମ୍ୟାଚ୍ ଖେଳି ଜାଡେଜା ରାଜସ୍ଥାନ ଦଳକୁ ଫେରିଥିଲେ। ଏଥିପୂର୍ବରୁ ଜାଡେଜା ରାଜସ୍ଥାନ ପାଇଁ ତାଙ୍କର ଶେଷ ମ୍ୟାଚ୍ ୨୦୦୯ରେ ଖେଳିଥିଲେ। ଏହାପରେ ସେ ସିଏସକେ ପକ୍ଷରୁ ଖେଳିଆସୁଥିଲେ। ଏବେ ୨୧୪ଟି ମ୍ୟାଚ୍‌ର ବ୍ୟବଧାନ ପରେ ସେ ପୁଣିଥରେ ରାଜସ୍ଥାନ ଦଳକୁ ଫେରିଛନ୍ତି। ଆଇପିଏଲ୍‌ରେ ଗୋଟିଏ ଟିମ୍ ପକ୍ଷରୁ ଦୁଇଟି ମ୍ୟାଚ୍ ଖେଳିବା ମଧ୍ୟରେ ସର୍ବାଧିକ ବ୍ୟବଧାନ ଭୁବନେଶ୍ୱର କୁମାରଙ୍କ ନାମରେ ରହିଛି। ଭୁବନେଶ୍ୱର ବେଙ୍ଗାଲୁରୁ ପାଇଁ ଦୁଇଟି ମ୍ୟାଚ୍ ଖେଳିବା ଲାଗି ବ୍ୟବଧାନ ୨୩୮ଟି ମ୍ୟାଚ୍ ରହିଥିଲା। ଭୁବନେଶ୍ୱର ୨୦୦୯ରେ ବେଙ୍ଗାଲୁରୁ ପାଇଁ ଶେଷ ମ୍ୟାଚ୍ ଖେଳିଥିଲେ। ଏହାପରେ ୨୦୨୫ରେ ପୁଣିଥରେ ବେଙ୍ଗାଲୁରୁ ପକ୍ଷରୁ ଖେଳିଥିଲେ। ଉଲ୍ଲେଖଯୋଗ୍ୟ, ଗତ ଆଇପିଏଲ୍ ନିଲାମୀ ପୂର୍ବରୁ ଖେଳାଳି ଅଦଳବଦଳ ଡିଲ୍‌ରେ ଜାଡେଜା ପୁଣିଥରେ ରାଜସ୍ଥାନ ଦଳକୁ ଫେରିଥିଲେ। ସେହିଭଳି ରାଜସ୍ଥାନର ସଞ୍ଜୁ ସାମସନ ସିଏସକେରେ ଯୋଗଦେଇଥିଲେ।

## ପିଏସ୍‌ଏଲ୍‌ରେ ବଲ୍ ଟାମ୍ପରିଂ କରି ଧରାପଡ଼ିଲେ ଫକର୍ ଜମାନ

କରାଚି,୩୦।୩(ଏଜେନ୍ସି): ନକରାତ୍ମକ କାର୍ଯ୍ୟ କରି ସର୍ବଦା ଚର୍ଚ୍ଚାରେ ରହିଆସୁଥିବା ପାକିସ୍ତାନୀ କ୍ରିକେଟରଙ୍କ ଆଉ ଏକ ଖରାପ କାମ ଧରାପଡ଼ିଛି। ଏଠାରେ ଚାଲିଥିବା ପାକିସ୍ତାନ ସୁପର ଲିଗ୍‌ରେ ବଲ ଟାମ୍ପରିଂ କରି ଲାହୋର କ୍ୱାଲାଣ୍ଡର୍ସର ସିନିୟର ଖେଳାଳି ଫକର ଜମାନ ଧରାପଡ଼ିଛନ୍ତି। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କିନ୍ତୁ ଅମ୍ପାୟାର ଏହା ଜାଣିବା ପରେ ଜମାନଙ୍କ ଚେତବାନୀ ଦେବା ସହ ବଲ ପରିବର୍ତ୍ତନ କରିଥିଲେ। ଏହି ଘଟଣାକୁ ନେଇ ପୁଣିଥରେ ପାକିସ୍ତାନ କ୍ରିକେଟର ନିନ୍ଦିତ ହୋଇଛନ୍ତି। ଘଟଣାରୁ ଜଣାଯାଇଛି ରବିବାର କରାଚି କିଙ୍ଗ୍ସ ବିପକ୍ଷ ପିଏସ୍‌ଏଲ୍ ମ୍ୟାଚ୍‌ରେ ଲାହୋର ପକ୍ଷରୁ ଖେଳୁଥିବା ଫକର ଜମାନ ଶେଷ ଓଭରରେ ବଲରୁ ଆକୃତି ଖରାପ କରିବାକୁ ପଡ଼ିଆ ମଝିରେ ଚେଷ୍ଟା କରିଥିଲେ। ତାଙ୍କ ନିକଟରେ ଲାହୋର ଅଧିନାୟକ ସାହିନ ଶାହ ଆଫ୍ରିଦୀ ଓ ହାରିସ୍ ରୌଫ୍ ଉପସ୍ଥିତ ଥିଲେ। ଏହା ପରେ ଶେଷ ଓଭର ବୋଲିଂ କରିବାକୁ ଯାଉଥିବା ରୌଫଙ୍କୁ ସେ ବଲ ଦେଇଥିଲେ। ଏହି ଘଟଣା ଅମ୍ପାୟାର ଫୈଜଲ ଆଫ୍ରିଦୀଙ୍କ ନଜରରେ ପଡ଼ିଲା। ସେ ଓ ଅନ୍ୟ ଫିଲ୍ଡ ଅମ୍ପାୟାର ବାଂଲାଦେଶର ସର୍ଫୁଦ୍ଦୌଲା ବଲ ପରୀକ୍ଷା କରିବାକୁ ଯାଇଥିଲେ। ବଲ୍‌କୁ ଦେଖିବା ପରେ ଏହା ଟାମ୍ପରିଂ ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେମାନେ ବଲ୍‌କୁ ବଦଳାଇ ଖେଳ ଜାରି ରଖିଥିଲେ ଓ ମ୍ୟାଚ୍ ରେଫରିଙ୍କୁ ରିପୋର୍ଟ କରିଥିଲେ। ମ୍ୟାଚ୍ ରେଫରି ରଞ୍ଜନ ମଦୁଗଲେଙ୍କ ଅଧକ୍ଷତାରେ ଶୁଣାଣି ହୋଇଥିଲେ ମଧ୍ୟ କିଛି ନିଷ୍ପତ୍ତି ନିଆଯାଇନାହିଁ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଶୁଣାଣି କରାଯିବ। ଏଥିରେ ଯଦି କେହି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଆଇସିସିର ଲେଭେଲ-୩ ଅପରାଧ ଅନୁଯାୟୀ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯିବ।

## ବାଂଲାଦେଶରେ ଆଇପିଏଲ୍ ପ୍ରସାରଣ ବନ୍ଦ

ନୂଆଦିଲ୍ଲୀ, ୩୦।୩ (ଏଜେନ୍ସି): ବାଂଲାଦେଶରେ ଚଳିତ ଆଇପିଏଲ୍‌ର ଟିଭି ପ୍ରସାରଣ ହେବନାହିଁ। ବାଂଲାଦେଶରେ ଟିସ୍ପୋର୍ଟସ ଚ୍ୟାନେଲ ଆଇପିଏଲ୍ ମ୍ୟାଚ୍‌ର ପ୍ରସାରଣ କରିବାର ଥିଲା। ହେଲେ ବକେୟା ଅର୍ଥ ଦେଇ ନଥିବାରୁ ଟିସ୍ପୋର୍ଟସ ସହ ଆଇପିଏଲ୍‌ର ପ୍ରସାରଣ ଅଧିକାର ପାଇଥିବା ଜିଓହଟ୍‌ଷ୍ଟାର୍ ଚୁକ୍ତି ବାତିଲ କରିଦେଇଛି। ଫଳରେ ଚଳିତବର୍ଷ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ କରିବାକୁ କୌଣସି ଚ୍ୟାନେଲ ନାହାନ୍ତି। ବାଂଲାଦେଶର ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲରୁ ବାଦ୍‌ଦେବା ପରେ ଉଭୟ ଦେଶଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ପରେ ଟି-୨୦ ବିଶ୍ୱକପ୍ ଖେଳିବାକୁ ଭାରତ ନ ଆସିବା ଜିଦ୍‌ରେ ବାଂଲାଦେଶ ବିଶ୍ୱକପ୍‌ରୁ ଓହରି ଯାଇଥିଲା। ପରେ ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ହେବ ନାହିଁ ବୋଲି ସେଠାକାର ସରକାର ଘୋଷଣା କରିଥିଲେ।

### ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

## ମହିଳା ହକି ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୩୦।୯ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଜନଜାତି କ୍ରୀଡ଼ାରେ ଓଡ଼ିଶାର ମହିଳା ହକି ଦଳ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୮-୦ ଗୋଲ୍‌ରେ ମଧ୍ୟପ୍ରଦେଶକୁ ହରାଇଥିଲା। ଫାଇନାଲରେ ଓଡ଼ିଶାର ମୁକାବିଲା ମିଜୋରାମ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ମିଜୋରାମ ୩-୨ ଗୋଲ୍‌ରେ ଅନ୍ୟତମ ଶକ୍ତିଶାଳୀ ଦଳ ଝାଡ଼ଖଣ୍ଡକୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶା ବର୍ତ୍ତମାନ ସୁଦ୍ଧା ୨୩ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ଯେଉଁଥିରେ ୯ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୧୦ କାଂସ୍ୟ ପଦକ ରହିଛି। ୧୭ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୫ କାଂସ୍ୟ ସହ କର୍ଣ୍ଣାଟକ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛି।

## ଇଣ୍ଟର ସ୍କୁଲ୍ କୁଡୋ: କଟକ ଚାମ୍ପିଅନ



କଟକ, ୩୦।୩ (ସମିସ) : କଟକର ନରଣପୁରଠାରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ ଇଣ୍ଟର ସ୍କୁଲ କୁଡ଼ୋ ପ୍ରତିଯୋଗିତାରେ କଟକ ଚାମ୍ପିଅନ୍ ହୋଇଛି। କଟକ ଜିଲ୍ଲା ୫୫ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୨୩ଟି କାଂସ୍ୟ ସହ ମୋଟ୍ ୧୦୫ଟି ପଦକ ଜିତିଥିଲା। ସେହିଭଳି ଖୋର୍ଦ୍ଧା ମୋଟ୍ ୩୫ଟି ପଦକ ପାଇ ରନର୍ସଅପ୍ ହୋଇଥିଲେ। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁଟ୍‌ର ଚେୟାରମ୍ୟାନ୍ ଡଃ ଦେବଦତ୍ତ ସ୍ୱାଇଁ, କୁଡ଼ୋ ଆସୋସିଏସନ୍ ଅଫ୍ ଓଡ଼ିଶା ସଭାପତି ଶିବାଶିଷ କର ଏବଂ ସମ୍ପାଦକ ଓ ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଲକି ଡ୍ର ମାଧ୍ୟମରେ ଶୁଭଲକ୍ଷ୍ମୀ ଆଚାର୍ଯ୍ୟ ଓ ସାୟାନ୍ ବଲ୍‌ଙ୍କୁ ଉପହାର ସ୍ୱରୂପ ସାଇକଲ ପ୍ରଦାନ କରାଯାଇଥିଲା।

# ଜାତୀୟ ମହିଳା ହକି ଶିବିରରେ ଓଡ଼ିଶାରୁ ମାଧୁରୀ ଓ ସୁନେଲିତା

ନୂଆଦିଲ୍ଲୀ,୩୦।୩(ଏଜେନ୍ସି): ମହିଳା ସିନିୟର ହକି ଦଳର ଜାତୀୟ ଶିବିର ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଏପ୍ରିଲ ୯ରେ ଶେଷ ହେବ। ଏହି ଶିବିର ଲାଗି ହକି ଇଣ୍ଡିଆ ପକ୍ଷରୁ ଏକ ୩୧ ଜଣିଆ ଖେଳାଳି ତାଲିକା ପ୍ରକାଶ କରାଯାଇଛି। ଯେଉଁ ତାଲିକାରେ ଦୁଇ ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲରକ୍ଷକ ମାଧୁରୀ କିଣ୍ଡୋ ଓ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ। ହାଇଦରାବାଦ୍‌ରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ରନର୍ସ ଅପ୍ ହୋଇଥିବା ଭାରତୀୟ ମହିଳା ହକି ଦଳ ଅଗଷ୍ଟରେ ହେବାକୁ ଥିବା ମହିଳା ବିଶ୍ୱକପ୍ ହକି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହା ପୂର୍ବରୁ ଜୁନ୍ ମାସରେ ନେସନ୍ସ କପ୍ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖଯାଏ ଏସିଆନ୍ ଗେମ୍ସ ଖେଳିବ ଭାରତ। ଏହି ସବୁ ଟୁର୍ଣ୍ଣାମେଣ୍ଟ ଭାରତ ଲାଗି ବେଶ ଗୁରୁତ୍ୱ ରଖୁଛି। ଏଣୁ ଆସନ୍ତାକାଲିଠାରୁ ହେବାକୁ ଥିବା ଶିବିରରେ ଖେଳାଳିଙ୍କ ଫିଟ୍‌ନେସ୍ ସ୍ତରରେ ଉନ୍ନତି, ଟାକ୍ଟିକାଲ ଶୈଳୀ ଓ ଟିମ୍ କମ୍ବିନେସନ ଉପରେ ଗୁରୁତ୍ୱ ଦିଆଯିବ। ନୂଆ ହେଡ୍ କୋଚ୍ ଜୋଏର୍ଡ ମାରିନ୍‌ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହେବ।

### ମିଆମି ଓପନ ଟେନିସ

## ସନ୍‌ସାଇନ୍ ଡବଲ ଜିତିଲେ ସିନ୍ନର



ମିଆମି,୩୦।୩(ଏଜେନ୍ସି): ବିଶ୍ୱର ନଂ-୨ ଖେଳାଳି ଇଟାଲୀର ଜାନିକ୍ ସିନ୍ନର ଏଠାରେ ରବିବାର ଅନୁଷ୍ଠିତ ମିଆମି ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏକକ ଚାମ୍ପିଅନ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଫାଇନାଲ ମ୍ୟାଚ୍‌ରେ ସିନ୍ନର ୬-୪, ୬-୪ ସିଧାସଳଖ ସେଟ୍‌ରେ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ପୂର୍ବରୁ ସେ ଇଣ୍ଡିଆନ୍ ୱେଲ୍ସରେ ଟାଇଟଲ ଜିତିଥିଲେ। ଏହା ଫଳରେ ୨୦୧୭ରେ ରୋଜର ଫେଡେରରଙ୍କ ପରେ ସେ ବିଶ୍ୱର ପ୍ରଥମ ଖେଳାଳି ଭାବେ ସନ୍‌ସାଇନ୍ ଡବଲ କୁହାଯାଉଥିବା ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। କାଲିଫର୍ଣ୍ଣିଆ ଓ ଫ୍ଲୋରିଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଏହାକୁ ସନ୍‌ସାଇନ୍ ଡବଲ କୁହାଯାଇଥାଏ। ତାଙ୍କ ପୂର୍ବରୁ ପୁରୁଷ ଏକକରେ ନୋଭାକ ଜୋକୋଭିଚ୍, ଆନ୍ଦ୍ରେ ଆଗାସି, ମାର୍ସେଲୋ ରିଓସ, ପିଟ୍ ସାମ୍ପ୍ରାସ, ମାଇକେଲ ଚାଙ୍ଗ ଓ ଜିମ୍ କୋରିୟର ଉଭୟ କାଲିଫର୍ଣ୍ଣିଆ ଓ ଫ୍ଲୋରିଡ଼ାରେ ଲାଗ୍ ଲାଗ୍ ଟାଇଟଲ ଜିତି ନ ଥିଲେ। ମହିଳା ବିଭାଗରେ ୫ଜଣ ଖେଳାଳି ଯଥା ୨୦୨୨ରେ ଇଗା ସ୍ୱିଆଟେକ୍, ୨୦୨୬ରେ ଭିକ୍ଟୋରିଆ ଆଜରେଙ୍କା, ୨୦୦୫ରେ କିମ୍ କ୍ଲାଇଷ୍ଟର୍ସ, ୧୯୯୪ ଓ ୧୯୯୬ରେ ଷ୍ଟେଫି ଗ୍ରାଫ୍ ଓ ଚଳିତବର୍ଷ ବେଲାରୁଷର ଆରିନା ସାବାଲେଙ୍କା ସନ୍‌ସାଇନ୍ ଡବଲ ଜିତିବାରେ ସମର୍ଥ ହୋଇଥିଲେ।

## ସାଉଥ୍ ଅଷ୍ଟ୍ରେଲିଆକୁ କ୍ରମାଗତ ଶେଫିଲ୍ଡ ଶିଲ୍ଡ ଟ୍ରଫି

ମେଲବୋର୍ଣ୍ଣ, ୩୦।୯ (ଏଜେନ୍ସି): ଶେଫିଲ୍ଡ ଶିଲ୍ଡ ଟ୍ରଫିର ୧୩୩ ବର୍ଷ ଇତିହାସରେ ସାଉଥ୍ ଅଷ୍ଟ୍ରେଲିଆ ପ୍ରଥମଥର ଲାଗି କ୍ରମାଗତ ଟାଇଟଲ୍ ଜିତିବାର ବିରଳ ସୌଭାଗ୍ୟ ଲାଭ କରିଛି। ଅଷ୍ଟ୍ରେଲିଆର ଏହି ଆନ୍ତଃରାଜ୍ୟ ପ୍ରଥମ ଶ୍ରେଣୀ କ୍ରିକେଟ୍‌ର ଫାଇନାଲରେ ସାଉଥ୍ ଅଷ୍ଟ୍ରେଲିଆ ୫୬ ରନରେ ଭିକ୍ଟୋରିଆ ଦଳକୁ ପରାସ୍ତ କରିଥିଲା। ୧୯୬ ରନର ଛୋଟିଆ ଟାର୍ଗେଟକୁ ପିଛା କରିଥିବା ଭିକ୍ଟୋରିଆ ଦଳ ଅନ୍ତିମ ତଥା ୫ମ ଦିବସରେ ୧୩୯ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନାଥନ ମ୍ୟାକ୍‌ଆଣ୍ଡ୍ରିଉ ମ୍ୟାଚରେ ମୋଟ୍ ୬ଟି ୱିକେଟ୍ ନେଇ ଭିକ୍ଟୋରିଆକୁ ୩୩ଥର ଲାଗି ଟାଇଟଲ୍ ଜିତିବାରୁ ବଞ୍ଚିତ କରାଇଥିଲେ। ମ୍ୟାକ୍‌ଆଣ୍ଡ୍ରିଉ ଫାଇନାଲର ଏବଂ ଲିଆମ୍ ସ୍କଟ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଶୀତଲ୍ ବିଶ୍ୱର ଶ୍ରେଷ୍ଠ ପାରା ତୀରନ୍ଦାଜ

ନୂଆଦିଲ୍ଲୀ, ୩୦।୩(ଏଜେନ୍ସି): ବିଶ୍ୱ ତୀରନ୍ଦାଜୀ ମହାସଂଘ ବା ୱର୍ଲ୍ଡ ଆର୍ଚେରୀ ଭାରତର ଶୀତଳ ଦେବୀଙ୍କୁ ୨୦୨୫ ବର୍ଷ ଲାଗି ବିଶ୍ୱର ଶ୍ରେଷ୍ଠ ପାରା ତୀରନ୍ଦାଜ ଭବେ ମନୋନୀତ କରିଛନ୍ତି। ଜମ୍ମୁ-କଶ୍ମୀରର ଏହି ୧୯ ବର୍ଷ ବୟସ୍କା ଶୀତଳ ଦେବୀ ପ୍ରଥମ ଦୁଇ ହାତ ନଥିବା ମହିଳା ତୀରନ୍ଦାଜ ଭାବେ ବିଶ୍ୱ ପାରା ତୀରନ୍ଦାଜୀ ଚମ୍ପିଆନ୍‌ସିପରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଗତବର୍ଷ ଦକ୍ଷିଣ କୋରିଆର ଗ୍ୱାଙ୍ଗ୍‌ଜୁରେ ଆୟୋଜିତ ଏହି ଚମ୍ପିଆନ୍‌ସିପରେ ଶୀତଳ ସ୍ୱର୍ଣ୍ଣପଦକ ଜିତି ଇତିହାସ ରଚିଥିଲେ। ପରେ ଶୀତଳା ବିଶ୍ୱ ଚମ୍ପିଆନ୍‌ସିପ୍‌ରେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ। ଏହା ଛଡ଼ା ଶୀତଳ ପ୍ୟାରିସ୍ ପାରାଲିମ୍ପିକ୍‌ସରେ ଦଳଗତ କାଂସ୍ୟ ମଧ୍ୟ ଜିତିଥିଲେ। ଏପରି କୃତିତ୍ୱ ପାଇଁ ଶୀତଳ ଅର୍ଜୁନ ପୁରସ୍କାର ପାଇଛନ୍ତି। ବିନା ଦୁଇ ହାତରେ ଜନ୍ମ ନେଇଥିବା ଶୀତଳ ଦେବୀ ପିଲାଦିନୁ ତାଙ୍କ ପାଦ, ଗୋଡ଼ ଓ କାନ୍ଧର ବ୍ୟବହାର କରି ତୀରଚାଳନା କରି ଦେଶ ପାଇଁ ଏକାଧିକ ପଦକ ଜିତିଛନ୍ତି।



### ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## କ୍ୱାର୍ଟରରେ ପାରାମାଉଣ୍ଟ, ଓସ୍କାର







ଭୁବନେଶ୍ୱର,୩୦।୩(ସମିସ): ଭୁବନେଶ୍ୱରର ପାରାମାଉଣ୍ଟ ଓ ଓସ୍କାର ସ୍ପୋର୍ଟିଂ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ଖେଳାଯାଇଥିବା ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ପଞ୍ଚମ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ପାରାମାଉଣ୍ଟ ସ୍ପୋର୍ଟିଂ ୭ ୱିକେଟରେ ଶେଖର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ବିଜୟୀ ପାରାମାଉଣ୍ଟ ପକ୍ଷରୁ ୪୯ ବଲ୍‌ରେ ୬୦ ରନ୍ କରିଥିବା କ୍ରିଷ୍ଣା ସାସ୍‌ମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଏହି ମ୍ୟାଚରେ ବିଜୟୀ ଦଳର ସ୍ୱାଗତ ମିଶ୍ର ୪୦ ଓ ପରାଜିତ ଦଳର ଆୟାନ ନାୟକ ୬୨ ରନ୍ କରିଥିଲେ। ଆଜିର ଦ୍ୱିତୀୟ ତଥା ଟୁର୍ଣ୍ଣାମେଣ୍ଟର ୬ଷ୍ଠ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓସ୍କାର ସ୍ପୋର୍ଟିଂ ୭ ୱିକେଟରେ ସହିଦ୍ ସ୍ପୋର୍ଟିଂକୁ ହରାଇଥିଲା। ଏହି ମ୍ୟାଚ୍‌ରେ ୪୦ ରନ୍ କରିଥିବା ଓସ୍କାରର ଲୋକେଶ କୁମାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କିନ୍ତୁ ଦଳର ବୋଲର ଆର୍ଯ୍ୟବୀର ଲେଙ୍କା ଓ ସୋୟମ ଦାଶ ୩ଟି ଲେଖାଏଁ ୱିକେଟ ନେଇ ଦଳର ବିଜୟ ସହଜ କରିଦେଇଥିଲେ। ଆଜିର ପ୍ରଥମ ମ୍ୟାଚ୍‌ରେ ପ୍ରବୋଧ ଦାସ ଓ ବ୍ରହ୍ମାନନ୍ଦ ପଣ୍ଡା, ଦ୍ୱିତୀୟ ମ୍ୟାଚ୍‌ରେ ଚାମ୍ପିଅନ କ୍ରିକେଟର ରଶ୍ମିରଞ୍ଜନ ପରିଡ଼ା ଓ ପ୍ରଶାନ୍ତ କୁମାର ସାହୁ ଅତିଥିଭାବେ ଯୋଗଦେଇଥିଲେ।

### ସେଣ୍ଟ୍ରାଲ ଏସିଆ ବରିଷ୍ଠ ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସ୍ୱସ୍ତିକ; ଗୌରୀ ପ୍ରଶିକ୍ଷକ



ଭୁବନେଶ୍ୱର, ୩୦।୯ (ସମିସ): ଉଜବେକିସ୍ତାନର ସମରକନ୍ଦଠାରେ ଚଳିତ ମାସ ୩୧ରୁ ଏପ୍ରିଲ ୭ ତାରିଖ ପର୍ଯ୍ୟନ୍ତ ସେଣ୍ଟ୍ରାଲ ଏସିଆ ହ୍ୟାଣ୍ଡବଲ୍ ପ୍ରତିଯୋଗିତାର ୫ମ ସଂସ୍କରଣ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ସ୍ୱସ୍ତିକ ମହାପ୍ରସାଦ ପତି ସ୍ଥାନ ପାଇଛନ୍ତି। ସେହିଭଳି ଓଡ଼ିଶାର ଗୌରୀ ଶଙ୍କର ମିଶ୍ରଙ୍କୁ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ସ୍ୱସ୍ତିକ ଏଥିପୂର୍ବରୁ ଗତ ସେପ୍ଟମ୍ବରରେ ଅନୁଷ୍ଠିତ ପ୍ରଥମ ଏସିଆନ ଯୁବ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିଲେ। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ସଂଘର ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଉଭୟ ସ୍ୱସ୍ତିକ ଓ ଗୌରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଆଇଏସ୍ ଅନ୍ତର୍ଜାତୀୟ ଓପନ୍ ଚେସ୍

# ଓଡ଼ିଶାର ଲଳିତ ଚାମ୍ପିଅନ, ସାତ୍ତ୍ୱିକ ତୃତୀୟ

ଭୁବନେଶ୍ୱର,୩୦।୩(ସମିସ)




ଓଡ଼ିଶାର ଲଳିତରଞ୍ଜନ ସାହୁ ପଞ୍ଚମ ଆଇଏସ୍ ଅନ୍ତର୍ଜାତୀୟ ଓପନ ଫିଡେ ରେଟେଡ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଟକର ଜେଏନ ଇଣ୍ଡୋର ଷ୍ଟାଡିୟମ୍‌ରେ ରବିବାର ଶେଷ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ୯ମ ରାଉଣ୍ଡ ଶେଷରେ ଚତୁର୍ଥ ସିଡ୍ କଟକର ଲଳିତ ରଞ୍ଜନ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହା ଫଳରେ ସେ ଟ୍ରଫି ସହ ନଗଦ ୨୦,୦୦୦ ଟଙ୍କାର ପୁରସ୍କାର ହାସଲ କରିଛନ୍ତି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ପ୍ରଥମ ୨୦ଜଣଙ୍କ ମଧ୍ୟରେ ୧୧ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲ କ୍ୟାଣ୍ଡିଡେଟ୍ସ ମାଷ୍ଟର ତଥା ଉଦୀୟମାନ ଖେଳାଳି ସାତ୍ତ୍ୱିକ ସ୍ୱାଇଁ (୭.୫ ପଏଣ୍ଟ-ତୃତୀୟ), ଏସ୍‌ପି ଇନ୍ଦ୍ରଜିତ୍ (୭.୫ ପଏଣ୍ଟ-୭ମ), ସିଦ୍ଧାର୍ଥ ମିଶ୍ର (୭ପଏଣ୍ଟ-୯ମ) ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସାତ୍ତ୍ୱିକଙ୍କୁ ଟ୍ରଫି ସହ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓମ୍‌ଆଦିତ୍ୟ ରାଉତ-୧୧ଶ, ପୂର୍ଣ୍ଣ ଖିଲୋ-୧୨ଶ, ରୋହିତ ମଲ୍ଲିକ-୧୪ଶ, ନୟନିକା ସାହୁ ୧୫ତମ, ସାୟାଂଶ ଦାସ ୧୬ତମ, ନାରାୟଣ ସ୍ୱାଇଁ ୧୮ତମ ଓ ରଞ୍ଜନ ମଲିକ ୧୯ତମ ସ୍ଥାନ ଅଧିକାର କରିଥିଲେ। ଅଲ୍‌ଓଡ଼ିଶା ଚେସ ସଂଘ ଓ କଟକର ଆଇଏସ୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୬ରୁ ୩୦ ତାରିଖଯାଏ ଆୟୋଜିତ ହୋଇଥିଲା। ଏଥିରେ ସମଗ୍ର ଦେଶରୁ ୩୩୪ ଜଣ ଖେଳାଳି ସଫଳତାର ସହ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରୁ ୮ଜଣ ୧ ପଏଣ୍ଟ, ଜଣେ ୦.୫ ପଏଣ୍ଟ ଓ ୫ଜଣ ପଏଣ୍ଟ ଖାତା ଖୋଲି ପାରି ନ ଥିଲେ। ଚିଫ୍ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ (ଆଇଏ), ଡେପୁଟି ଚିଫ୍ ଆର୍ବିଟର ତାପସ କୁମାର ମହାନ୍ତି (ଆଇଏ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆର୍ବିଟର ଭାବେ ସନ୍ତୋଷ କୁମାର ମହାପାତ୍ର, ସୁରଜ କୁମାର ମହାରଣା ଓ ଦିଲୀପ କୁମାର ରଣା ଟୁର୍ଣ୍ଣାମେଣ୍ଟ ପରିଚାଳନରେ ସହାୟତା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS